# ଗୋଦାବରୀଶ ମିଶ୍ର

ରବୀନ୍ଦ୍ର କୁମାର ପ୍ରହରାଜ



ଭାରତୀୟ

OR
891.451 809
P 884 G

INDIAN INSTITUTE
OF
ADVANCED STUDY
LIBRARY, SHIMLA

ଭାରତୀୟ ସାହିତ୍ୟସ୍ରଷ୍ଟା ଗ୍ରନ୍ଥମାଳା

# ଗୋଦାବରୀଶ ମିଶ୍ର

ରବୀନ୍ଦ୍ର କୁମାର ପ୍ରହରାଜ

ସାହିତ୍ୟ ଅକାଦେମି

*Godavarish Mishra* : A monograph in Oriya by Rabindra Kumar Praharaj,
Sahitya Akademi, New Delhi, 2001, Price Rs. 25/-

OR
891.451809
P884 G
Library IIAS, Shimla
OR 891.451 809 P 884 G
00117757

ପ୍ରଥମ ପ୍ରକାଶ : ୨୦୦୧
© ସାହିତ୍ୟ ଅକାଦେମି

ISBN - 81 - 260-1280-3

ସାହିତ୍ୟ ଅକାଦେମି
ରବୀନ୍ଦ୍ର ଭବନ, ୩୫, ଫିରୋଜଶାହ ରୋଡ, ନୂଆଦିଲ୍ଲୀ, ୧୧୦୦୦୧
ବିକ୍ରୟ କେନ୍ଦ୍ର : ସ୍ୱାତୀ, ମନ୍ଦିର ମାର୍ଗ, ନୂଆଦିଲ୍ଲୀ-୧୧୦୦୦୧
ଜୀବନତାରା, ୨୩ଏ/୪୪ ଏକ୍ସ, ଡାଇମଣ୍ଡ ହାର୍‌ବର୍ ରୋଡ, କଲିକତା - ୭୦୦ ୦୫୩
ସି.ଆଇ.ଟି. କ୍ୟାମ୍ପସ, ଟି.ଟି.ଟି. ଆଇ ପୋଷ୍ଟ, ତାରାମଣି, ଚେନ୍ନାଇ ୬୦୦୧୧୩
୧୭୨ ମୁମ୍ବାଇ ମାରାଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ, ଦାଦର, ମୁମ୍ବାଇ-୪୦୦୦୧୪
ସେଣ୍ଟ୍ରାଲ କଲେଜ କ୍ୟାମ୍ପସ, ୟୁନିଭର୍ସିଟି ଲାଇବ୍ରେରୀ ବିଲ୍ଡିଂ
ଡ. ଆମ୍ବେଦକର ଭୀଧି, ବାଙ୍ଗାଲୋର ୫୬୦୦୦୧

117757
20/12/04
SHIMLA

ମୂଲ୍ୟ : ୨୫ ଟଙ୍କା

ଅକ୍ଷର ବିନ୍ୟାସ : କଳିଙ୍ଗ ମୁଦ୍ରଣୀ, ୭୬ବି, ଅଖିଲ ମିସ୍ତ୍ରୀ ଲେନ, କଲିକତା ୭୦୦ ୦୦୯

ମୁଦ୍ରଣ : ବସୁ ମୁଦ୍ରଣ, ୧୯ଏ, ସିକଦାର୍ ବାଗାନ ଷ୍ଟ୍ରୀଟ୍, କଲିକତା ୭୦୦ ୦୦୪

# ସୂଚୀପତ୍ର


| | |
|---|---|
| ପ୍ରାଗ୍‌ଭାଷ | |
| ଯାହାକୁ ରଖିବେ ଅନନ୍ତ | ୧ |
| କର୍ତ୍ତବ୍ୟର ଆହ୍ୱାନ | ୯ |
| ନେତୃତ୍ୱର ବାଗଡ଼ୋର | ୨୦ |
| ସାହିତ୍ୟ ସାଧନାର ପଥେ | ୨୭ |
| ଦେଶ ପ୍ରେମର ଉଜ୍ଜ୍ୱଳ ଆଲୋକସ୍ତମ୍ଭ | ୩୮ |
| ନିଦର୍ଶନ...(ଗୋଦାବରୀଶ ସାହିତ୍ୟ କୃତିର କିୟଦଂଶ) | ୪୧ |
| ସହାୟକ ଗ୍ରନ୍ଥସୂଚୀ | ୪୬ |
| ନିର୍ବାଚିତ ରଚନାବଳୀ | ୪୭ |

# ପ୍ରାଗ୍‌ଭାଷ

ଗୋଟିଏ ଜାତିର ଐତିହ୍ୟ ଚେତନାରେ ସ୍ମରଣୀୟ ରହିବାର ଯୋଗ୍ୟତା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ବୀର ବୋଲି ଅଭିହିତ କରାଯାଇଛି । ସେହି ମାନଦଣ୍ଡରେ ପଣ୍ଡିତ ଗୋଦାବରୀଶ ମିଶ୍ର ତାଙ୍କ ମାତୃଭୂମିର ଜଣେ ବୀରସନ୍ତାନ । ସେ ଦେଶମାତୃକାର ଥିଲେ ନିଷ୍ପାପର ସେବକ । ରୂପ, ଭାବ, ଜ୍ଞାନ, ବଚନ ଓ ଲେଖନରେ ତାଙ୍କର ଥିଲା ନିଜସ୍ୱ ବୈଶିଷ୍ଟ୍ୟ । ଜୀବନ କ୍ଷେତ୍ରରେ ଶିକ୍ଷା, ସାହିତ୍ୟ ଓ ରାଜନୀତି ମଧ୍ୟରେ ସନ୍ତୁଳନ ଆଣିଥିବା ଏକ ବିରଳ ବ୍ୟକ୍ତିତ୍ୱ ଭାବରେ ତାଙ୍କର ପ୍ରତିଷ୍ଠା ଅବିସଂବାଦିତ ।

ଗୋଦାବରୀଶଙ୍କର କୃତି ଓ କୃତିତ୍ୱ ଅସାଧାରଣ । ଆଜିକୁ ଚଉରାଳିଶ ବର୍ଷ ତଳେ ତାଙ୍କର ଦେହାବସାନ ଘଟି ଥିଲେହେଁ ସେ ଜନମାନସରେ ସଂଜୀବିତ ଅଛନ୍ତି । ରାଜ୍ୟ ସ୍ତରୀୟ ପଣ୍ଡିତ ଗୋଦାବରୀଶ ମିଶ୍ର ସ୍ମୃତି ସମିତିଙ୍କ ଦ୍ୱାରା ତାଙ୍କର ଶତବାର୍ଷିକୀ ସମାରୋହରେ ପାଳିତ ହୋଇ ଯାଇଛି । ଗୋଦାବରୀଶ ସ୍ମାରକୀ ଅଗ୍ନିଶିଖା ଓଡ଼ିଶାର ପ୍ରମୁଖ ଶିକ୍ଷାଳୟ ଓ ପୌରାଞ୍ଚଳ ପରିକ୍ରମା କରିଛି । ସ୍ମରଣିକା ଗ୍ରନ୍ଥମାନ ପ୍ରକାଶିତ ହୋଇଛି । ସ୍କୁଲ, କଲେଜ ଓ ସାହିତ୍ୟ ଅନୁଷ୍ଠାନମାନଙ୍କୁ ତାଙ୍କ ନାମରେ ନାମିତ କରାଯାଇଛି । ଓଡ଼ିଶାର ବିଦ୍ୟାଳୟ, ସଭାଗୃହମାନଙ୍କରେ ତାଙ୍କର ପ୍ରତିକୃତି ଶୋଭା ପାଉଛି ।

୧୯୫୬ ମସିହା ଜୁଲାଇ ୨୬ରେ କଟକ ଶ୍ରୀରାମଚନ୍ଦ୍ର ଭଂଜ ମେଡ଼ିକାଲ କଲେଜ ହାସପାତାଳରେ ଗୋଦାବରୀଶଙ୍କର ଦେହାନ୍ତ ଘଟିଥିଲା । ଏକ ପୁଷ୍ପାଚ୍ଛାଦିତ ଶବାଧାରରେ ବିଶାଳ ଜନତାର ପଟୁଆର ସହ ତାଙ୍କ ମରଶରୀରକୁ ସାକ୍ଷୀଗୋପାଳ ନିଆଯାଇଥିଲା । ତାଙ୍କର ପ୍ରିୟ କର୍ମଭୂମି ସତ୍ୟବାଦୀ ବିଦ୍ୟାପୀଠର ବକୁଳକୁଂଜରେ ଶେଷ କୃତ୍ୟ ସମାପନ କରାଯାଇ ସେଠାରେ ତାଙ୍କର ସମାଧି ମଣ୍ଡପ ନିର୍ମାଣ କରାଯାଇଛି । ସତ୍ୟବାଦୀର ପଞ୍ଚସଖା ଗୋପବନ୍ଧୁ, ନୀଳକଂଠ, ଗୋଦାବରୀଶ, କୃପାସିନ୍ଧୁ ଓ ହରିହରଙ୍କର ସମାଧି ମଣ୍ଡପ ଏକତ୍ର ସେହିଠାରେ ଶୋଭା ପାଉଛି । ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ପାର୍ଶ୍ୱରେ ସାକ୍ଷୀଗୋପାଳ ଠାରେ ଏକ ଉଚ୍ଚ ମଣ୍ଡପ ନିର୍ମାଣ କରାଯାଇ ଓଡ଼ିଶାର ଏହି ବନ୍ଦନୀୟ ପଞ୍ଚସଖାଙ୍କର ଆବକ୍ଷ ପ୍ରତିମୂର୍ତ୍ତି ସେଠାରେ ସ୍ଥାପନ କରାଯାଇଛି ।

ପଣ୍ଡିତ ଗୋଦବାରୀଶଙ୍କର ସମଗ୍ର ବ୍ୟକ୍ତିତ୍ୱର ଏକ ମୁଷ୍ଟ ମୂଲ୍ୟାୟନ କରିଛନ୍ତି ଓଡ଼ିଶାର ପ୍ରଖ୍ୟାତ ଯୁଗନ୍ଧର କବି ସଚ୍ଚିଦାନଂଦ ରାଉତରାୟ । ନିମ୍ନରେ ପ୍ରଦତ୍ତ 'ଉତ୍କଳ ପୁରୁଷ' ନାମାଙ୍କିତ ତାଂକର କବିତାଟି ଗୋଦାବରୀଶଙ୍କ ପ୍ରତି ସର୍ବଶ୍ରେଷ୍ଠ ସାରସ୍ୱତ ଶ୍ରଦ୍ଧାଂଜଳି :

## ଉତ୍କଳ ପୁରୁଷ

[ ପଣ୍ଡିତ ଗୋଦାବରୀଶଙ୍କ ମୃତ୍ୟୁରେ ]

ନଗ୍ରଜନେ କି କହିଲେ ? କି କହିଲେ ଗ୍ରାମୀଣ ମଣିଷ
ଏଇ ପଟୁଆର ଭିଡ଼େ ଶୁଣୁଛ କି ହେ ଗୋଦାବରୀଶ—
ବକୁଳ-ବ୍ୟାକୁଳ ବନେ, ସହରର ନାଲିଧୂଳି ଛକେ
ଅଥବା ନିରୋଳା କୁଂଜେ ଛୁରୀଅନା ପାହାଚେ ପାହାଚେ
ଦେଖୁଛକି କେତେ ଭିଡ଼, କେତେ ଦୃଷ୍ଟି, କେତେ ଖରା ଶୁଖେ
କେତେ ଘଟୋକ୍ତ ବାଣୀ, ବିବୃତି ବା କାନେ କୁହାକୁହି,
ଏ ସବୁର ତଳେ କିନ୍ତୁ ସତ୍ୟ ଏକ ଦେଖୁଅଛି ମୁହିଁ
କୋଟି ଆଖି ତଳେ ତଳେ ଝରି ଶୁଖେ
ଟିକ୍ ଟିକ୍ ଲୁହର ସଂଯୋଇ ।

ବଜାରେ ବା ସଭାଘରେ ଅବା କେଉଁ ବିଦ୍ୟା ଆୟତନେ
ତୁମରି ଭାସ୍ୱର ମୂର୍ତ୍ତି କାନ୍ଥେ କାଚେ ଦେହଲି ଦିବାନେ
କାଗଜେ ବା କ୍ୟାନ୍‌ଭାସେ ଅବା କେଉଁ ମାସିକ ପତ୍ରରେ
ହୁଏତ ଉଠିବ ଫୁଟି ବାରେ ବାରେ ଦେଇ ପୁଣି ଧରା
ତୁମରି ସରଳ ସୌମ୍ୟ ତେଲ ଆଉ ରଙ୍ଗର ଚେହେରା
ତୁମରି ଭାସ୍କୃତ ରୂପ ହୁଏତ ବା ପଥରେ ପିତଳେ
ସହରର ଚୌମଥାରେ, ସାଦା ଦୁଧେ ଧୁଆ ମଖମଲେ
ହୁଏତ ବା ଦେଇଯିବ ପଥୁକିରେ ତୁମର ଇଶାରା ।
ସମୟର ଚଉଦ୍ୱାରେ, ଯାଆ ଆସ ବାଟରେ ପହରା !
ଏ ସବୁକୁ ଜିଣି କିନ୍ତୁ ମନେ ମୋର ହେ ଗୋଦାବରୀଶ
ରହିବ ଅମର ହୋଇ ତୁମରି ସେ ହସ ହସ
ଗାରେ ସୁନା ନିଶ ।

ଚିଲିକାର ହୀରାଜଳେ ଘଂଟଶିଳା ଜଂଗଲର ପଖି !
ତୁମରି ଡେଣାର ଦାଗ ଆଜି ସୁଦ୍ଧା ଯାଇଚ ତ ରଖି

[ ଗ ]

ହାଓ୍ୱାର ଅଶାନ୍ତ ବୁକେ, ଆକାଶର ପରମ ଶୂନ୍ୟତା
ଆଜି ବି ରଖିଚି ସଂଚି ତୁମରି ସେ କାକଳିତ କଥା ।
ଆଜି ବି ଆଖିରେ ନାଚେ କେଉଁ ଏକ ଗ୍ରାମ୍ୟ ନଦୀ ତଟେ
ଶୁଭ୍ର ସ୍ନାତ ତୁମ ମୂର୍ତ୍ତି ସମୟର ଦୂର୍‌ବୀଣ୍ କାଚେ ।
ଅବା କେଉଁ ମୁହଁ ସଂଙ୍ଗେ ନଈ ବଂଧେ ମରଣ ଫେରଂତା
ରୂପାର କଠାଉ ଗୋଡ଼େ କାଂଧେ ଧରି ସୁନାର ପଇତା
ଦେଖା ଦେବ ତୁମେ କେବେ ଜହ୍ନଉଠା ଫୁଲଫୁଟା ବେଳେ
ଉଜ୍ଜ୍ୱଳ ପୁରୁଷ କହ ଛାଇ ଅବା ଜୋଛ୍‌ନାର ସହରେ ?
ଦୁନିଆଁର ଧରାପରା ଧଇଁସଇଁ ଧାଁ ଧରଷଣ
ଘଷରା ଶଗଡ଼ଗୁଳା ପାର ହୋଇ
ତୁମେ କି ବିହ୍ଵଳ ।*

ଖୋଜିଚ ନିଷିଦ୍ଧେ କିଛି ? ଖୋଜି ଖୋଜି ପଡ଼ିଅଛ ଶୋଇ
ସେ କି କନ୍ୟା ? ସେ କି ନିଦୀ ? ଅବା ଏକ ସ୍ୱପ୍ନର ମଣୋହି ?
ଆଜି ଏ ଯିବାର ବେଳେ କହିବ କି ହେ ଗୋଦାବରୀଶ
ସାର୍ଥକ ହୋଇଚି ଖୋଜା ? କେତେ ଦୂର ? କେତେ ଦୂରେ
ସ୍ୱପନର ତୁମ ବିୟେଟ୍ରିଶ୍ ?*

ନିଘଚ ତମାଳ ଶାଖା, ଘନ ମେଘେ ବକୁଳର ଥରା
ଚମକି ଚମକି କବି ଜୀବନର ଏଇ କୁସୀନାରା*
ଏଇକି ତୁମରି ଶେଷ ? ନା ଆରଂଭ ? ଏହା କେଉଁ ଛବି ?
ଏଇ ଭଲ, ଏ ତମାଳ ନାରିକେଳ ବକୁଳ କରବୀ,
ଫୁଲ ଆଉ ଜହ୍ନ ଆଉ ମାଟି ଆଉ ବାଲିର ପାତାଳେ
ଏଇଠିକି ଶୋଇଥିବ ବାଲିକୁଢ଼େ ପୋତିଲା ଦେଉଳେ ?*
ଏଇ କ'ଣ ଭଲ ଲାଗେ ? କହ କହ ହେ ଗୋଦାବରୀଶ
ପହିଲି ପୋରୁହାଁ ତରା ପରି ଚିକ୍ ଚିକ୍
ତୁମ ମୁଗ୍‌ଧ ହସର ପାଲିସ୍ ।।

[୧୯୫୬]

*ବିହ୍ଲଣ - ବିଖ୍ୟାତ କବି ଯେ ନିଜର ଛାତ୍ରୀ
ରାଜକନ୍ୟା ମନ୍ଦାରମାଳା ପ୍ରେମରେ ପଡ଼ିଥିଲେ ।

*ବିୟେିଟ୍ରଶ୍ - ଇଟାଲିର ମହାକବି ଦାଂତେଂକ ପ୍ରିୟା,
ଯାହାଂକୁ ସେ ବାସ୍ତବ ଜୀବନରେ ପାଇ ନ ଥିଲେ ।

*କୁସୀନାରା - ଗୌତମ ବୁଦ୍ଧଂକର ମହାପରି ନିର୍ବାଣର ସ୍ଥାନ ।

*ପୋତା ଦେଉଳ - ପଂଡ଼ିତ ଗୋଦାବରୀଶଂକ ଦ୍ୱାରା
ଲିଖିତ 'ଗାଲମାଧବ' ଦେବଂକ ସଂବଂଧୀୟ କବିତା ଦ୍ରଷ୍ଟବ୍ୟ ।

ଉତ୍କଳ ଜନନୀଙ୍କର ମୁଖକୁ କର୍ମ-ମୟୂଖରେ ଉଜ୍ଜ୍ୱଳ କରିଥିବା ଏହି ଯୋଗଜନ୍ମା ଜନନାୟକଙ୍କ ଜୀବନୀ ଓ କୃତିତ୍ୱ ଆଧାରିତ ଉକ୍ତ ଗ୍ରନ୍ଥ ପ୍ରଣୟନକୁ ମୋର ଏକାନ୍ତ ସୌଭାଗ୍ୟ ବୋଲି ମୁଁ ମନେ କରିଛି । ତାଙ୍କର ବହୁମୁଖୀ କର୍ମଧାରାକୁ ସଂକ୍ଷିପ୍ତ ପରିସରରେ, ପ୍ରାପ୍ତ ତଥ୍ୟର ଆଧାରରେ ସୂଚିତ କରିବାକୁ ମୁଁ ଯଥାସାଧ ଉଦ୍ୟମ କରିଛି । ସାହିତ୍ୟ ଅକାଦେମିର ଏ ଉଦ୍ୟମ ବିଳମ୍ବିତ ହେଲେ ହେଁ ପ୍ରଶଂସନୀୟ । ଗ୍ରନ୍ଥଟି ପାଠକୀୟ ସମାଦର ଲାଭ କଲେ ମୁଁ ଶ୍ରମ ସାର୍ଥକ ମଣିବି ।

ରବୀନ୍ଦ୍ର କୁମାର ପ୍ରହରାଜ

# ଯାହାକୁ ରଖିବେ ଅନନ୍ତ

ବିଂଶ ଶତାବ୍ଦୀ ଆସିବାକୁ ଥାଏ ଆହୁରି ଚଉଦବର୍ଷ । ବ୍ରିଟିଶ ଶାସନାଧୀନ ଓଡ଼ିଶା ଭୂଖଣ୍ଡରେ ପୁରୀ ଜିଲ୍ଲାର ବାଣପୁର (ଅରଣ୍ୟ ଆଚ୍ଛାଦିତ ଥିବା ହେତୁ କେହି କେହି ବଣପୁର କହୁଥିଲେ) ଅଞ୍ଚଳର ଶ୍ରୀନିବାସବପୁର ଗ୍ରାମରେ ୧୮୮୬ ମସିହା ଅକ୍ଟୋବର ୨୬ ତାରିଖରେ ଶିଶୁପୁତ୍ରଟିଏ ଭୂମିଷ୍ଠ ହୋଇ ଧରାଧାମକୁ ଆସିଲା । ପିତା ଲିଙ୍ଗରାଜ ମିଶ୍ର ଓ ମାତା ଅପ୍ସରା ଦେବୀ ସେତେବେଳକୁ ସନ୍ତାନ କାମନାରେ କେତେ ଦେବାଦେବୀଙ୍କୁ ବ୍ୟାକୁଳ ଅନ୍ତରରେ ଆରାଧନା କରିଥାନ୍ତି । ଗୋଦାବରୀ ନଦୀରେ ପଡ଼ିଥିବା ଦୁର୍ଲ୍ଲଭ ସ୍ନାନ ଯୋଗରେ ମିଶ୍ର ଦଂପତି ଯୋଗ ଦେଇ ଗୃହକୁ ଫେରିବାପରେ ଏହି ପୁତ୍ର ସନ୍ତାନ ଲାଭ କରିଥିବାରୁ ତା'ର ନାମକରଣ କଲେ 'ଗୋଦାବରୀ' । ଗୋଦାବରୀ ଶୈଶବରୁ କୈଶୋରରେ ପହଞ୍ଚି ବିଦ୍ୟାଳୟରେ ଅଧ୍ୟୟନ କଲେ । ସ୍କୁଲ ବିଭାଗୀୟ ପରିଦର୍ଶକ ଭକ୍ତକବି ମଧୁସୂଦନ ରାଓ ସ୍କୁଲ-ପରିଦର୍ଶନରେ ଆସି 'ଗୋଦାବରୀ' ନାଆଁଟି ଦେଖି ଏହା ଏକ ବାଳିକାର ନାମ ହୋଇଥିବାରୁ ସେଥିରେ 'ଈଶ' ଯୋଗ କରିଦେଲେ । ସେହି 'ଗୋଦାବରୀଶ' ନାମଟି ଲକ୍ଷଜନମନରେ କାଳକାଳକୁ 'ପଣ୍ଡିତ ଗୋଦାବରୀଶ ମିଶ୍ର' ବୋଲି ସ୍ମରଣୀୟ ରହିଗଲା ।

ଜୀବନ କାଳରେ ଏପରି କେତେକ ମୁହୂର୍ତ୍ତ ଆସେ, ଯେତେବେଳେ ବ୍ୟକ୍ତିର ସ୍ଥିତି ବିଲୟରେ ଅଥବା ସମ୍ଭାବିତ ବିଲୟ ସ୍ଥିତିରେ ପର୍ଯ୍ୟବସିତ ହୋଇଯାଏ । ଏହାକୁ ଭାଗ୍ୟ ବା ଅଦୃଷ୍ଟ ଧରାଯାଏ । ଆମେ ଭାଗବତକାର ଜଗନ୍ନାଥ ଦାସଙ୍କ ବାଣୀକୁ ଉଦ୍ଧାର କରି କହିଥାଉ : 'ଯାହାକୁ ରଖିବେ ଅନନ୍ତ । କି କରିପାରେ ବଳବନ୍ତ ।' ଗୋଦାବରୀଶଙ୍କ ରଚିତ ଆତ୍ମଜୀବନୀ ପଢ଼ିଲେ ତାଙ୍କ ସଂପର୍କରେ ଏହି ପଦଟି ଖୁବ୍ ଖାପିଯାଏ । ମନେହୁଏ, ମହତ୍ତର କାର୍ଯ୍ୟ ସାଧନ ଲାଗି ତାଙ୍କର ଧରାବତରଣ ନିର୍ଦ୍ଦିଷ୍ଟ ଥିବାରୁ ସେ ଅନନ୍ତଙ୍କର ସୁରକ୍ଷା ଲାଭ କରିଥିଲେ । ଘଟଣାକ୍ରମ ଏହିପରି :

ଦୁଇବର୍ଷର ଶିଶୁ ଗୋଦାବରୀଶଙ୍କୁ କୋଳରେ ଧରି ଶୀତଦିନେ ଜନନୀ ଅପ୍ସରା ଦେବୀ ନିଆଁ ପୋଉଁଥିଲେ । କେତେବେଳେ ଆଖି ଲାଗି ଯାଇଛି, ସେ ଜାଣି ପାରି ନ ଥାନ୍ତି । ହଠାତ୍ ନିଦ ଭାଙ୍ଗିଗଲା ବେଳକୁ ଶିଶୁ ଗୋଦାବରୀଶ କେତେବେଳେ କୋଳରୁ ଖସିଯାଇ ଚୁଲିରେ ପଡ଼ିବାକୁ ଯାଉଥିବାର ସେ ଦେଖି ପାରିଲେ । ସେ ଘଟଣା ମନେ ପକାଇ ଗୋଦାବରୀଶ ତାଙ୍କ ସ୍ୱକୀୟ ସରସ ଭଙ୍ଗୀରେ ଲେଖିଛନ୍ତି : ''ଏବେ ବେଳେ ବେଳେ ମୋର ମନେହୁଏ ସେଦିନ ପ୍ରକୃତରେ ଖସି ପଡ଼ିଥିଲେ ବୋଧହୁଏ ଭଲ ହୋଇଥାଆନ୍ତା । ଅନେକେ କହିଥାନ୍ତେ, 'ସୁନା ମୁଣ୍ଡାଏ ନିଆଁରେ ପଡ଼ିଗଲା ।' ଏବେ ଦିନେ ନା ଦିନେ ତ ନିଆଁରେ ପଡ଼ିବାକୁ ହେବ । ସେତେବେଳେ ମୁଁ ନିଜେ ପଡ଼ିବି ନାହିଁ, ଆଉ ଲୋକେ ମୋତେ ନେଇ ଅହ୍ୟାରେ ଗୋବର ଘଷି ପକାଇଲା ପରି ହୁଏତ ଫିଙ୍ଗି ଦେବେ ।''

ଅନ୍ୟ ଘଟଣାଟି କଲିକତାରେ ତାଙ୍କ ପଢ଼ାବେଳର । ମେସ୍‌ରେ ରହିଥାନ୍ତି । ଅନ୍ଧାରରେ ପାଇଖାନା ଯିବା ଥାଏ ତାଙ୍କର ଅଭ୍ୟାସ ଗତ । ସେଦିନ ରାତିରେ ତରବର ହୋଇ

ପାଇଖାନା ବାହାରିଲା ବେଳକୁ ସାଥି ଗୋପାଳ ଦେ ନିଜ ଲଣ୍ଠନଟିକୁ ସାଙ୍ଗରେ ଧରି ଯିବାକୁ କହିଲେ । ଗୋଦାବରୀଶ ଯେତିକି ନାହିଁ କଲେ ସେ ସେତିକି ଜୋର୍ ଦେଲେ । ଶେଷକୁ ଲଣ୍ଠନ ଧରି ଗୋଦାବରୀଶ ପାଇଖାନା ଗଲେ ଯାହା ଦେଖିଲେ, ଭୟରେ ତାଙ୍କ ହାତରୁ ଲଣ୍ଠନଟି ଖସି ପଡ଼ିଲା । ପାଇଖାନାରେ ଯେଉଁଠି ଡାହାଣ ପାଦ ରଖି ବସିବା କଥା, ଠିକ୍ ତାହାରି ଉପରେ ନାଗସାପଟିଏ ଚେକାବାନ୍ଧି ପଡ଼ିଥିଲା ।

ଏଥରର ଘଟଣାଟି ପୁରୀ ସମୁଦ୍ର-ସ୍ନାନକୁ ନେଇ । ପୁରୀ ସମୁଦ୍ରକୂଳ କଡ଼ାର ଆଶ୍ରମରେ ବି.ଏ ପାଶ୍ ପରେ ଗୋଦାବରୀଶ କେତେ ଦିନ ରହିଥିଲେ । ରୋଜ ଜଣେ ସାଙ୍ଗ ସାଥିରେ ସେ ସମୁଦ୍ର କୂଳକୁ ଗାଧୋଇବାକୁ ଯାଉଥିଲେ । ଯେଉଁଦିନ ତାଙ୍କର ପୁରୀ ଛାଡ଼ିବା କଥା, ସେଦିନ ବନ୍ଧୁଟିର ଅନୁରୋଧରେ ସେ ରହିଗଲେ । ପରଦିନ ଦୁହେଁ ପୂର୍ବଭଳି ସମୁଦ୍ରସ୍ନାନରେ ବାହାରିଲେ । କୂଳର ଅନତିଦୂରକୁ ଯାଇ ଅଣ୍ଟାଏ ପାଣିରେ ଠିଆ ହୋଇଛନ୍ତି କି ନାହିଁ ପାଦତଳୁ ବାଲି ଖସିଗଲା ଓ ସୁଅ କୂଳ ଆଡ଼କୁ ନଟାଣି ଭିତରକୁ ଟାଣିଲା । ସେମାନେ ସ୍ରୋତର ପ୍ରତିକୂଳରେ ପହଁରି ଆସିବାକୁ ଚେଷ୍ଟା କରି ବିଫଳ ହେବାକୁ ଗଲାବେଳେ ଗୋଦାବରୀଶ ଗୋଟାଏ ବଡ଼ ଲହରୀ ସହ ନିଜକୁ ମିଶାଇ ଦେଲେ । ଅଶ୍ଚର୍ଯ୍ୟ ହେଲେ ସେ, ଯେତେବେଳେ ଅକସ୍ମାତ୍ ଗୋଡ଼ ତାଙ୍କର ବାଲିରେ ଲାଗିଗଲା । ବନ୍ଧୁଜଣକୁ ନିଜ ଲୁଗାଫେର ପକାଇ ସେ ଉବୁଟୁବୁ ଅବସ୍ଥାରୁ କୌଣସି ମତେ ଉଦ୍ଧାର କଲେ ଓ ଦୁହେଁ ଯାକ କୂଳରେ ଯାଇ ମୂର୍ଦ୍ଧାର ପରି ପଡ଼ିଗଲେ ।

ଚତୁର୍ଥ ଘଟଣାଟି ଘଟିଥିଲା ଗୋଦାବରୀଶ ସତ୍ୟବାଦୀରେ ଶିକ୍ଷକ ଥିଲାବେଳେ । ସେ ରକ୍ତ ଆମାଶୟ ଭୋଗୁଥାନ୍ତି । ଜନୈକ ଛାତ୍ରଠାରୁ ଅଫିମମିଶା କବିରାଜୀ ଔଷଧ ଖାଇ ମୃତବତ୍ ହୋଇ ପଡ଼ିଲେ । ଅନ୍ୟ କୌଣସି ଉପାୟ ନ ପାଇ ପଣ୍ଡିତ ନୀଳକଂଠ ଅତି ଆକୁଳ ଚିତ୍ତରେ ହୋମିଓପ୍ୟାଥି ଆର୍ସେନିକ୍ ତାଙ୍କ ତଣ୍ଟିରେ ଢ଼ାଳି ଦେଲେ । ବିଷକୁ ବିଷ କାଟି ଦେବାରୁ ସେ ବଞ୍ଚିଗଲେ । ଆଉ ଥରେ ବିବାଦୀ ପକ୍ଷର ବନ୍ଧୁକ ଗୁଳି ଖଟତଳେ ଗଳି ଯିବାରୁ ତାଙ୍କର ପ୍ରାଣରକ୍ଷା ହୋଇଥିଲା ।

ଗୋଦାବରୀଶ କିନ୍ତୁ ଶୈଶବରୁ ଦୁଃଖ କଷ୍ଟରେ ବଢ଼ିଥିଲେ । ପିତା ଲିଙ୍ଗରାଜଙ୍କର ଅଳ୍ପକିଛି ଭୂବୃତ୍ତି ଥିଲା । ଦେବାଦେବୀ ପୂଜାରୁ ଦୈନିନ୍ଦିନ ମିଳୁଥିବା ଦକ୍ଷିଣା ମାତ୍ରକୁ ସମ୍ୱଳ କରି ସେ ପରିବାର ପ୍ରତିପୋଷଣ କରୁଥିଲେ । ଗୋଦାବରୀଶ ନିମ୍ନ ଓ ଉଚ୍ଚପ୍ରାଥମିକ ବୃତ୍ତି ପାଇଥିଲେ ହେଁ ଅର୍ଥାଭାବରୁ ଉଚ୍ଚତର ଶିକ୍ଷା ପାଇବା ତାଙ୍କ ପକ୍ଷରେ ସ୍ୱପ୍ନର ବିଷୟ ହୋଇଥିଲା । ସେ ବାଣପୁରର ମଧ୍ୟ ଓଡ଼ିଆ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବା ପରେ ଅନ୍ୟ କିଛି ବ୍ୟବସ୍ଥା ହୋଇ ନ ପାରିବାରୁ ସମୟ କଟାଇବା ପାଇଁ ସେହି ସ୍କୁଲରେ ଯାଇ ବସୁଥିଲେ । ସେତେବେଳକୁ ସୌଭାଗ୍ୟକ୍ରମେ ଖୋରଧା ତହସିଲଦାର ସ୍କୁଲ ପରିଦର୍ଶନରେ ଆସିଲେ । ସେ ଗୋଦାବରୀଶଙ୍କର ଅସହାୟତା ଉପଲବ୍ଧି କରି ପୁରୀର ଜନୈକ ବଦାନ୍ୟ ବ୍ୟକ୍ତି ରାମକୃଷ୍ଣ ବୋଷଙ୍କୁ ଚିଠିଟିଏ ଲେଖି ତାଙ୍କୁ ଭେଟିବାକୁ ପରାମର୍ଶ ଦେଲେ । ରାମକୃଷ୍ଣ ବୋଷ ଚିଠିଟିକୁ ପଢ଼ିଲେ ; ଟଙ୍କା ପାଞ୍ଚୋଟି ଗୋଦାବରୀଶଙ୍କୁ ହେଲେ ଏବଂ ଆଉ ସାହାଯ୍ୟ ପାଇଁ ତାଙ୍କ ପାଖକୁ ନ ଆସିବାକୁ ଜଣାଇ ଦେଲେ । ଗୋଦାବରୀଶଙ୍କ ଉଚ୍ଚଶିକ୍ଷାପ୍ରାପ୍ତି ଆଶା

ଏତିକିରେ ମଉଳି ଯିବାକୁ ବସିଲେ ବି ସେ କୌଣସି ମତେ ପୁରୀ ଜିଲ୍ଲା ସ୍କୁଲରେ ନାମଟା ଲେଖାଇ ଦେଲେ । ପୈତୃକ ଭୂସମ୍ପତ୍ତି ଯାହା କିଛି ଥିଲା ସେଥିରୁ ଅର୍ଦ୍ଧାଧିକ ବିକ୍ରୀ କରି ପିତା ଲିଙ୍ଗରାଜ ମିଶ୍ର ଅଷ୍ଟମ ଓ ନବମ ଶ୍ରେଣୀର ପଢ଼ାଖର୍ଚ୍ଚ ଦୁଇବର୍ଷ ଧରି ଯଥାତଥା ଚଳାଇ ରଖିଲେ । ବାର୍ଷିକ ପରୀକ୍ଷାରେ ଦ୍ୱିତୀୟସ୍ଥାନ ପାଇଥିବାରୁ ସେ ବର୍ଷ ଗୋଦାବରୀଶ କେତେକ ପୁରସ୍କାର ପାଇଲେ । ରାମକୃଷ୍ଣ ବୋଷ ପୁରସ୍କାର ବିତରଣୀ ସଭାରେ ଉପସ୍ଥିତ ଥିଲେ । ସେ ମାସିକ ପାଞ୍ଚଟଙ୍କା ଗୋଦାବରୀଶଙ୍କୁ ସାହାଯ୍ୟ ଦେବାକୁ ପ୍ରତିଶ୍ରୁତି ଦେବାରୁ ତାଙ୍କ ପାଠପଢ଼ା ବନ୍ଦ ହେଲା ନାହିଁ । ସ୍କୁଲ ଦରମା ଛାଡ଼ ହୋଇ ଥିବାରୁ ଛାତ୍ରାବାସର ମାସିକ ଖର୍ଚ୍ଚ ତିନିଟଙ୍କା ବାରଅଣା ଦେଇ, ଜଳଖିଆ ନ ଖାଇ, ଖାଲି ଖଟରେ ଇଟାକୁ ତକିଆ କରି ମୁଣ୍ଡତଳେ ଦେଇ କଷ୍ଟେମଷ୍ଟେ ଏଣ୍ଟ୍ରାନ୍ସ୍ ବା ପ୍ରବେଶିକା ପରୀକ୍ଷା ପର୍ଯ୍ୟନ୍ତ ତାଂକୁ ଚଳିଯିବାକୁ ହୋଇଥିଲା ।

ଗୋଦାବରୀଶଙ୍କର ଦୁର୍ଦ୍ଦଶା ଏତିକିରେ ସରି ନ ଥିଲା । ତାଂକ ପାଇଁ ଘୋରତର ବିପତ୍ତି ଘନେଇ ଆସିଥିଲା ତାଂକର ଦଶମଶ୍ରେଣୀ ବର୍ଷ । ସେ ବର୍ଷ ରଥଯାତ୍ରାରେ ପୁରୀରେ ଲୋକଭିଡ଼ ଅସମ୍ଭାଳ ହେବା ସାଂଗକୁ ମାଡ଼ି ଆସିଲା ପ୍ରବଳ ହଇଜା । ଯାତ୍ରୀମାନେ ରାସ୍ତାକଡ଼ରେ ମରି ଶୋଇଗଲେ । ଗୋପବନ୍ଧୁ ଓ ନୀଳକଂଠଂକ ସହ ମିଶି ଗୋଦାବରୀଶ ହଇଜାମକ୍ଲୁଙ୍କ ସେବାରେ ଲାଗି ପଡ଼ିଲେ । ଏ ଖବର ପାଇ ପ୍ରାଣପ୍ରିୟ ଏକମାତ୍ର ପୁତ୍ରକୁ ସେଥିରୁ ନିବର୍ତ୍ତାଇବା ପାଇଁ ସେଠାକୁ ଧାଇଁ ଆସିଲେ ଲିଙ୍ଗରାଜ ମିଶ୍ର । ପୁଅକୁ ସେବାକାର୍ଯ୍ୟରୁ ବିରତ କରି ନପାରି ଆଖିଲୁହ ଆଖିରେ ମାରି ସେ ଫେରିଗଲେ ବାଣପୁର । ଏହାର ତିନିଦିନ ପରେ ଗୋଦାବରୀଶଂକ ପାଖକୁ ଖବର ଆସିଲା, ସେ ଆଉ ନାହାନ୍ତି । ଗୋଦାବରୀଶ ଘରେ ପହଞ୍ଚିବା ପରେ ତାଂକୁ ଥରଟିଏ ମାତ୍ର ଚାହିଁ ଦେଇ କିଛି କରି ନ ପାରି ଜନନୀ ଅପ୍‌ସରା ଦେବୀ ସବୁଦିନ ପାଇଁ ଆଖିବୁଜି ଦେଲେ । ଅଳ୍ପବୟସ୍କା ସାନ ଭଉଣୀଟି ସର୍ବଗ୍ରାସୀ ହଇଜା କବଳରୁ ଅଳ୍ପକେ ବଞ୍ଚିଗଲେ ବି ରୁଗ୍‌ଣା ହୋଇ ରହିଲା । ଏଣିକି ଗୋଦାବରୀଶଙ୍କର ଏକାନ୍ତ ଆପଣାର ହୋଇ ରହିଲେ ଅନ୍ଧୁଣୀ ବୁଢ଼ୀମା, ରୁଗ୍‌ଣା ସାନ ଭଉଣୀ ଓ ଦଶବର୍ଷ ତଳୁ ବିଭା ହୋଇଥିବା ଅଥଚ ଶାଶୁଘରକୁ ଆସି ନ ଥିବା ତାଙ୍କ ପତ୍ନୀ ପଡ଼ିଶାଘରର ଝିଅ ଶ୍ରୀମତୀ ଅମ୍ବିକା ଦେବୀ ।

୧୯୦୬ ମସିହାରେ ପୁରୀଜିଲ୍ଲା ସ୍କୁଲରୁ ପ୍ରବେଶିକା ପରୀକ୍ଷା ଦେଇ ଗୋଦାବରୀଶ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ । ମାସିକ ଦଶଟଙ୍କାର ବୃତ୍ତିଟିଏ ତାଂକୁ ମିଳିଲା । ସେହି ବର୍ଷ ତାଙ୍କର ଦ୍ୱିରାଗମନ ହେବାରୁ ପତ୍ନୀ ଆସି ପୈତୃକ ପରିବାରରେ ରହିଲେ । ଘରେ ତିନିଜଣଙ୍କର ପ୍ରତିପୋଷଣ ଦାୟିତ୍ୱ ତୁଲାଇ କଟକରେ କଲେଜ ଶିକ୍ଷା ଲାଭ କରିବା ଅସମ୍ଭବ ଥିଲା । ପୁରୀ ଜିଲ୍ଲା ସ୍କୁଲରେ ତାଙ୍କର ପ୍ରଧାନଶିକ୍ଷକ ଥିଲେ ସୁସାହିତ୍ୟିକ ସ୍ୱନାମଧନ୍ୟ ଚନ୍ଦ୍ରମୋହନ ମହାରଣା । ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସେ ଗୋଦାବରୀଶଙ୍କୁ ଚିଠି ଦେଇ କଟକ ଡକାଇ ନେଲେ । ତାଙ୍କ ପୁଅର ଗୃହଶିକ୍ଷକ ଭାବରେ ସେ ଗୋଦାବରୀଶଙ୍କୁ ରଖିଲେ । ଗୋଦାବରୀଶଙ୍କର ରହିବା ଓ ଖାଇବା ବନ୍ଦୋବସ୍ତ ହୋଇ ଯିବାରୁ ସେ ବୃତ୍ତିଟଂକାର ଅର୍ଦ୍ଧେକ ଗ୍ରାମକୁ ପରିବାର ଚଳାଚଳ ପାଇଁ ପଠାଇ ବାକି

ଅଧିକରେ କଲେଜ ପଢ଼ାଖର୍ଚ୍ଚ କୌଣସି ପ୍ରକାରେ ମେଣ୍ଟାଇଲେ । ସେଠାରେ ଚନ୍ଦ୍ରମୋହନ ବାବୁଙ୍କ ପୂଝାରୀ ବେଳେ ବେଳେ ନ ରହିବାରୁ ଗୋଦାବରୀଶଙ୍କୁ ରୋଷେଇ କରିବାକୁ ପଡ଼ିଲା । ବେସର ବାଟି ହାତ ହଳିଦିଆ ଦିଶିବାରୁ ସାଙ୍ଗସାଥୀ ବିଦ୍ରୂପ କଲେ । ପରେ ଚନ୍ଦ୍ରମୋହନବାବୁଙ୍କ ଆନୁକୂଲ୍ୟରୁ ତାଙ୍କୁ ଉଭୟ ଗୃହଶିକ୍ଷକ ଓ ପାଚକ କର୍ମରୁ ଅବ୍ୟାହତି ମିଳିଥିଲା ।

୧୯୦୮ ରେ ଏଫ୍ ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଗୋଦାବରୀଶ ଦଶଟଙ୍କାର ବୃତ୍ତି ପାଇଲେ । ବି. ଏ. ପଢ଼ିଲା ବେଳେ ସେ ଛାତ୍ରାବାସରେ ରହିଲେ । ଛାତ୍ରାବାସରେ ଦୁଇଓଳିର ଖାଇବାଖର୍ଚ୍ଚ ପାଇଁ ମାସିକ ପାଞ୍ଚଟଙ୍କା ଦଶଅଣା ତାଂକୁ ଦେବାକୁ ପଡ଼ୁଥିଲା । ଅର୍ଥାଭାବରୁ ସେ ଜଳଖିଆ ଖାଉ ନ ଥିଲେ । ନୀଳକଂଠଙ୍କ ସାଙ୍ଗରେ ଗୋଟିଏ କୋଠରୀରେ ରହିବାରୁ ତାଂକର ଅନେକ ଉପକାର ହେଲା । ସେ ହଇଜା ମଲୁଙ୍କ ସେବା କଲେ, ବନ୍ୟାଞ୍ଚଳକୁ ଯାଇ ଦୁର୍ଗତ ମାନଙ୍କୁ ସାହାଯ୍ୟ ବାଣ୍ଟିଲେ, ରାଜନୈତିକ ଚର୍ଚ୍ଚାରେ ଯୋଗ ଦେଲେ । ଏ ସବୁ ଗୋପବଂଧୁଙ୍କ ନେତୃତ୍ୱ ଓ ନୀଳକଂଠକ ସାହଚର୍ଯ୍ୟର ପ୍ରତ୍ୟକ୍ଷ ପ୍ରଭାବ ଯୋଗୁଁ ସମ୍ଭବ ହୋଇଥିଲା ।

ପୁରୀଜିଲ୍ଲା ସ୍କୁଲର ଛାତ୍ର ଥିଲା ବେଳେ ତାଙ୍କ ଜୀବନ କ୍ଷେତ୍ରରେ ଦେଖା ଦେଇଥିଲେ ଜଣେ ବିଚକ୍ଷଣ ଦେଶପ୍ରେମୀ ଶଶିଭୂଷଣ ଦାସଗୁପ୍ତ । ସେ 'ଶଶିଦା' ନାମରେ ପରିଚିତ ଥିଲେ । ଇଂରେଜ ବିରୋଧୀ ସଂତ୍ରାସବାଦୀ ଦଳର ସେ ଥିଲେ ଅନ୍ୟତମ ପ୍ରମୁଖ ପରିଚାଳକ । ଶିକ୍ଷା ପ୍ରାପ୍ତ ଯୁବକ ଓ ଛାତ୍ରମାନଂକ ମଧ୍ୟରେ ସେବା ମନୋଭାବ ସହ ଉଗ୍ରଦେଶପ୍ରେମର ପ୍ରସାର ଥିଲା ତାଂକର ମୁଖ୍ୟ ଉଦ୍ଦେଶ୍ୟ ଓ ଆଦର୍ଶ । ସେ ଗୋଦାବରୀଶ ଓ ନୀଳକଂଠଂକୁ ଉପଯୁକ୍ତ ବିବେଚନା କରି ସେମାନଙ୍କର ଉପଦେଷ୍ଟା, ବନ୍ଧୁ ଓ ପଥପ୍ରଦର୍ଶକ ହୋଇଥିଲେ । ଗୋଦାବରୀଶଙ୍କର ଚରିତ୍ର ଓ ଆଚରଣକୁ ଶଶିଦା ନିୟନ୍ତ୍ରଣ କରି ଉନ୍ନତ ମାର୍ଗରେ ଚଳାଇ ନେବାରୁ ପରବର୍ତ୍ତୀ ଜୀବନରେ ଗୋଦାବରୀଶ ସମସ୍ତ ବାଧାବନ୍ଧନକୁ ପଛରେ ପକାଇ ଦେଶ ସେବା ବ୍ରତ ଆଦରି ନେବାଲାଗି ମାନସିକ ଶକ୍ତି ସଂଗ୍ରହ କରି ପାରିଥିଲେ ।

ଗୋପବନ୍ଧୁ ସେତେବେଳେ କଟକରେ ଓକିଲାତି କରୁଥିଲେ । ତାଙ୍କର ବସା ଥାଏ ପେନ୍‌ସେନ୍ ଲେନ୍‌ରେ । ଏବେ ସେଇଟି ଭାଷାକୋଷ ଗଳି ନାମରେ ପରିଚିତ । ସେଠାରେ କଲେଜ୍‌ର କେତେକ ଛାତ୍ର ସମବେତ ହେଲେ । ୟଙ୍ଗ୍ ଉତ୍କଳ ଆସୋସିଏସନ୍ ବା ତରୁଣ ଉତ୍କଳ ସଂଘ ନାମରେ ଗୋଟିଏ ଅନୁଷ୍ଠାନ ଗଠିତ ହେଲା । ଗୋଦାବରୀଶ ହେଲେ ତା'ର ପ୍ରଥମ ସଂପାଦକ । ଏହି ଅନୁଷ୍ଠାନର ଗୁପ୍ତ ବୈଠକ ନିଶାର୍ଦ୍ଧରେ ବସୁଥିଲା । ଅଗ୍ରଣୀ ଥିଲେ ନୀଳକଂଠ । ସେଠାରେ ତତ୍କାଳୀନ ରାଜନୈତିକ ଘଟଣା, ଦେଶର ଭବିଷ୍ୟତ ସଂପର୍କରେ ଆଲୋଚନା ହେଉଥିଲା । ଶଶିଦା କଟକ ଆସିଲେ ସେଥିରେ ଯୋଗ ଦେଉଥିଲେ । ଗୋପବନ୍ଧୁ ସେଥିରେ ସହଯୋଗ କରୁଥିଲେ । ସରକାରଙ୍କର ଗୋପନ ସତର୍କ ଦୃଷ୍ଟି ଯୋଗୁଁ ଖୋଲା ଜାଗାରେ ଏ କାର୍ଯ୍ୟ ଚଳିପାରିଲା ନାହିଁ । ଆଗ୍ରହୀ ତରୁଣ କେତେକ ଗୋପବଂଧୁଙ୍କ ବସାଘରେ ଆସି ଏକତ୍ରିତ ହେଲେ । ସେଠାରେ ଗୋପବଂଧୁ ଫରାସୀ ରାଷ୍ଟ୍ରବିପ୍ଳବ ଓ

ଇତାଲୀୟ ସ୍ୱାଧୀନତାର କାହାଣୀସବୁ ସେମାନଙ୍କୁ ଶୁଣାଇ ଉଦ୍‌ବୁଦ୍ଧ କରୁଥିଲେ । ସେହି ସ୍ମୃତି ଆଲୋଡ଼ନ କରି ଗୋଦାବରୀଶ କହିଛନ୍ତି : ''ରାତିସାରା ପ୍ରାଣ ଛଟପଟ ହୁଏ, ହୃଦୟ ମଛି ହୋଇଯାଏ । ଗୋପବଂଧୁ ବାବୁଙ୍କ ମୁହଁର ଲାବଣ୍ୟ, କଥାର ମାଧୁରୀ, ହସର ସାରଲ୍ୟ, ଆଖିର ଜ୍ୟୋତି କପାଳର ତେଜ ଓ ଯୁକ୍ତିର ଗାରିମା ସରଳ, ତେଜୀୟାନ୍ ତରୁଣ ପ୍ରାଣକୁ ଚୁମ୍ବକ ପରି ଟାଣିନିଏ ।'' ସେହି ଦିନରୁ ସେ ଦେଶ ସେବା ପାଇଁ ସଂଗ୍ରାମ କରିବାକୁ ଶପଥବଦ୍ଧ ହୋଇଯାଆନ୍ତି ।

ପାରିବାରିକ ପ୍ରତିପୋଷଣ କ୍ରମେ ତାଙ୍କ ପାଇଁ ସମସ୍ୟା ହୋଇ ଉଠିବାରୁ ସେ ବିଚଳିତ ହେଲେ ବି ପଥଚ୍ୟୁତ ହେଲେ ନାହିଁ । ୧୯୦୭ ମସିହା ଦଶହରା ଛୁଟିରେ ସେ ଗାଆଁକୁ ଯାଇଥାଆନ୍ତି, ସାନ ଭଉଣୀଟି ଉତ୍କଟ ରୋଗ ଜନିତ ପୀଡ଼ାରେ ଶେଷ ଶ୍ୱାସ ତ୍ୟାଗ କଲା । ସମସ୍ତ ପ୍ରକାର ସ୍ଥାନୀୟ ଚିକିତ୍ସା ସତ୍ତ୍ୱେ ଗୋଦାବରୀଶ ଅତି ଆଦରର ଭଉଣୀଟିକୁ ବଞ୍ଚାଇ ପାରିଲେ ନାହିଁ । ମାସିକ ଦଶଟଙ୍କା ବୃତ୍ତି ସବୁ ଆଡ଼କୁ ଅକୁଳାଣ ହେବାରୁ ସେ ଟିଉସନ୍ ଖୋଜିଲେ । ତାହା ସୁଲଭ ନ ଥିଲା । ତାଙ୍କର ଅକ୍ଳାନ୍ତ ଉଦ୍ୟମ ଓ ସାଥୀମାନଙ୍କର ଉତ୍ସାହକ୍ରମେ ୧୯୦୯ ମସିହାର ପ୍ରାୟ ଦୁଇଶ ଜଣ ପ୍ରବେଶିକା ପରୀକ୍ଷାର୍ଥୀଙ୍କୁ ତରୁଣ ଉତ୍କଳ ସଂଘ ପକ୍ଷରୁ ସଂବର୍ଦ୍ଧନା ଦିଆଗଲା । ସେଦିନ ସଭାରେ କଟକର ପ୍ରାୟ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ସେଥିପାଇଁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୋଦାବରୀଶ ସେକ୍‌ସ୍‌ପିୟରଙ୍କର ଜୁଲିଅସ୍ ସିଜାର ନାଟକର ଏକ ଦୃଶ୍ୟର ଆବୃତ୍ତି କରି ଦର୍ଶକ ମାନଙ୍କୁ ମୁଗ୍ଧ କରିଦେଲେ । ସେହିଠାରେହିଁ ଇଂରେଜି ଅଧ୍ୟାପକ ଗୋପାଳଚନ୍ଦ୍ର ଗାଙ୍ଗୁଲି ତାଙ୍କ ପୁଅ ଚାରୁର ଟିଉସନ୍ ମାଷ୍ଟର ଭାବରେ ଗୋଦାବରୀଶଙ୍କୁ ନିଯୁକ୍ତ କଲେ । ଚାରୁ ଥିଲା ମେଧାବୀ ଛାତ୍ର । ସେ ଶ୍ରେଣୀରେ ଦ୍ୱିତୀୟ ହେଉଥିଲା । ପ୍ରଥମ ସ୍ଥାନ ଅଧିକାର କରୁଥିବା ଛାତ୍ରକୁ ସେ ଯେତେ ଟପିଯିବାକୁ ଚେଷ୍ଟା କରୁଥିଲେବି ପାରୁ ନ ଥିଲା । ଏକ ବିଷୟକ ଦୁହିଁଙ୍କର ପ୍ରବନ୍ଧର ମୂଲ୍ୟାୟନ କରିବା ପରେ ସେହି ଯେଉଁ ପିଲାଟିକୁ ଚାରୁଠାରୁ ଅଧିକ ନମ୍ବର ଦେବାକୁ ଗୋଦାବରୀଶ ବାଧ୍ୟ ହେଉଥିଲେ ସେ ପିଲାଟିର ନାଁ ସୁଭାଷ ବୋଷ । ଅଧ୍ୟୟନ ଶେଷ ହେବା ପରେ ଚାରୁ ହେଲେ ଜିଲ୍ଲାଜଜ୍ ଓ ସୁଭାଷ ହେଲେ ନେତାଜୀ ।

୧୯୧୦ରେ ବିଏ ପରୀକ୍ଷା ଦେବାକୁ ଗୋଦାବରୀଶଙ୍କୁ କଲିକତା ଯିବାକୁ ହେଲା । ଏଠୁ ସେଠୁ ଯୋଗାଡ଼ କରି ବିଳମ୍ବରେ ହେଉପଛକେ ପରୀକ୍ଷାଫିସ୍ ସେତକ ସେ ଦାଖଲ କଲେ । ମାତ୍ର କଲିକତା ଯିବା ଆସିବା ରେଳ ଭଡ଼ା ଓ ସେଠାରେ ଦେଢ଼ମାସର ରହଣି ଖର୍ଚ୍ଚ ପାଇଁ ଅତି କମ୍‌ରେ ପଚାଶଟଂକା ଲୋଡ଼ା ପଡ଼ିଲା । ଶେଷକୁ ମହାମହୋପାଧ୍ୟାୟ ସଦାଶିବ ମିଶ୍ରଙ୍କ ଆନୁକୂଲ୍ୟରୁ ପୁରୀବ୍ରାହ୍ମଣ ସମିତି ପାଣ୍ଠିରୁ ଫେରସ୍ତ ଦେବା ସର୍ତ୍ତରେ ଆବଶ୍ୟକ ଅର୍ଥ ପାଇ ଗୋଦାବରୀଶ କଲିକତା ଗଲେ । ସେଠାରେ ପୂର୍ବରୁ ଅଧ୍ୟୟନରତ ନୀଳକଂଠ ଦାସଙ୍କ ପ୍ରତ୍ୟକ୍ଷ ସହଯୋଗରେ ସେ ବି.ଏ. ଶ୍ରେଣୀର ଦର୍ଶନ ବିଷୟକୁ ଆୟତ୍ତ କରି ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲେ । ରସାୟନ ହସ୍ତକର୍ମରେ ପନ୍ଦର ନମ୍ବର ଊଣା ରଖିବାରୁ ତାଙ୍କର ଅନର୍ସ କଟିଗଲା । ଈଶ୍ୱରତତ୍ତ୍ୱ ବିଷୟକ ପତ୍ରରେ ସେ ଶହେରୁ

ଅଣଷ୍ଠରି ନମ୍ବର ରଖି ସେଥିରେ ପ୍ରଥମ ହୋଇଥିଲେ । ସେତେବେଳକୁ ସାରା ଓଡ଼ିଶାରୁ ବର୍ଷକୁ ପାଞ୍ଚରୁ ସାତଜଣ ପିଲା ବି.ଏ. ପାସ୍ କରୁଥିଲେ । ଓଡ଼ିଶାର ଛଅଜଣ ବି.ଏ. ପାସ୍ ପିଲାଙ୍କୁ ସରକାର ମାସିକ ତିରିଶ ଟଙ୍କା ଲେଖାଏଁ ବୃତ୍ତି ଦେଇ କଲିକତାରେ ଓକିଲାତି ପଢ଼ାଇବାର ବ୍ୟବସ୍ଥା କରିଥିଲେ । ଓକିଲାତି ସହିତ ଏମ.ଏ. ପଢ଼ିବାର ସୁବିଧା ଥିଲା । ସେଥିଯୋଗୁଁ ଗୋଦାବରୀଶ ଅର୍ଥନୀତିରେ ଏମ୍.ଏ. ଓ ଓକିଲାତି ଏକ ସଂଙ୍ଗେ ପଢ଼ିବା ପାଇଁ କଲିକତାରେ ରହିଲେ ।

ସେତେବେଳକୁ ସତ୍ୟବାଦୀରେ ଶିକ୍ଷାନୁଷ୍ଠାନ ଗଢ଼ି ଜାତି ଗଠନର ମୂଳଦୁଆ ପକାଇବାର ଯୋଜନା ଚୂଡ଼ାନ୍ତ ହୋଇଥିଲା । ସେହି ଯୋଜନା ଅନୁଯାୟୀ ନୀଳକଂଠ ଦାସ ଦର୍ଶନରେ ଓ କୃପାସିଂଧୁ ମିଶ୍ର ଇତିହାସରେ ଏମ୍.ଏ. ପଢ଼ିଲେ । ଗୋପବଂଧୁ ଦାସ ମୟୂରଭଂଜ ରାଜ ସରକାରଙ୍କର ଓକିଲ ଭାବେ ନିଯୁକ୍ତି ପାଇ ବାରିପଦାରେ ରହୁଥିଲେହେଁ ଏ ସମସ୍ତ କର୍ମଯୋଜନାର ବ୍ୟବସ୍ଥାପକ ରହିଥିଲେ । ଗୋଦାବରୀଶ ଏମ୍.ଏ ପଢ଼ିବା ସମୟତକ ତାଙ୍କ ପରିବାର ଚଲାଇବା ଦାୟିତ୍ୱ ଗୋପବଂଧୁ ବହନ କଲେ ଓ ପଢ଼ା ସରିଲେ ସେ ସତ୍ୟବାଦୀ ବିଦ୍ୟାଳୟରେ ଶିକ୍ଷକତା କରିବେ ବୋଲି ଏକ ମୌଖିକ ବୁଝାମଣା ହୋଇଥିଲା ।

କଲିକତାର ପଞ୍ଚାନନ ଘୋଷ ଗଳିର ନଅନମ୍ବର ଘରଟି ଥିଲା ଓଡ଼ିଆ ଛାତ୍ରମାନଂକ ଲାଗି ଉଦ୍ଦିଷ୍ଟ ସରକାରୀ ଛାତ୍ରାବାସ । ସେ ସମୟର ସମସ୍ତ କୃତିବିଦ୍ୟ ଓ କରିତ୍‌କର୍ମା ଓଡ଼ିଆ ସେହିଠାରେ ରହି ଅଧ୍ୟୟନ କରିଥିଲେ । ଗୋଦାବରୀଶ ସେଠାରେ ଊଣା ଅଧିକେ ତିନିବର୍ଷ ରହିଥିଲେ । ୧୯୧୦ ମସିହାରେ ଅର୍ଦ୍ଧାଧିକ କାଳ ରାତ୍ରିର ଆକାଶରେ ଏକ ବିରାଟ ଧୂମକେତୁ ଦୃଶ୍ୟ ହୋଇଥିଲା । ଏହା ରାଷ୍ଟ୍ରବିପ୍ଲବ ଓ ରାଷ୍ଟ୍ରନାୟକଙ୍କର ମୃତ୍ୟୁ ଭଳି ଅପଶକୁନର ବାହକ ହେବାର ଯେଉଁ ଲୋକ ବିଶ୍ୱାସ ଥିଲା ସମ୍ରାଟ୍ ସପ୍ତମ ଏଡ଼୍‌ୱାର୍ଡଙ୍କ ମୃତ୍ୟୁରେ ଏବଂ ୧୯୧୧ରେ ଇଂରେଜ ସମ୍ରାଟ୍‌ଙ୍କର ଦିଲ୍ଲୀ ସିଂହାସନାରୋହଣ ଅବକାଶରେ ବିହାର-ଓଡ଼ିଶା ବଙ୍ଗ ଠାରୁ ଅଲଗା ହୋଇ ଅନ୍ୟ ଏକ ପ୍ରଦେଶ ରୂପେ ଘୋଷିତ ହେବା ଘଟଣାରେ ଏହି ବିଶ୍ୱାସ ଦୃଢ଼ୀଭୂତ ହୋଇଥିଲା । ସେ ଯାହାହେଉ ବଙ୍ଗଠାରୁ ଅଲଗା ହେବା ଯୋଗୁଁ ବିହାର-ଓଡ଼ିଶାରେ ଆନନ୍ଦର ଲହରୀ ଖେଳିଗଲା । କାରଣ ବଙ୍ଗପ୍ରଦେଶ ଅଧୀନରେ ଏ ଦୁଇଟି ରାଜ୍ୟ ଅନେକ ଦୁରବସ୍ଥା ଭୋଗୁଥିଲେ ।

କଲିକତାରେ ସେ ସମୟକୁ ଲକ୍ଷାଧିକ ଓଡ଼ିଆ ଶ୍ରମିକ ବାସ କରୁଥିଲେ । ଓଡ଼ିଆମାନଂକ ପରିଚୟ ସେଠାରେ ଥିଲା ତାଚ୍ଛଲ୍ୟବ୍ୟଂଜକ 'ଉଡ଼େ' । କଲିକତା ରଙ୍ଗମଞ୍ଚରେ ଓଡ଼ିଆ ଚାକର ବାକରଙ୍କୁ ନେଇ ହାସ୍ୟସ୍କର ଅଭିନୟ ପରିବେଷିତ ହେଉଥିଲା । ଏଥିପାଇଁ ଓଡ଼ିଆମାନେ ଅନେକ ପରିମାଣରେ ଦାୟୀ ଥିଲେ । ସେମାନେ କଲିକତାରେ ପ୍ରକାଶ୍ୟରେ ନିଜନିଜ ଭିତରେ ଓଡ଼ିଆ ଭାଷାରେ କଥାବାର୍ତ୍ତା କରିବାକୁ କୁଣ୍ଠାବୋଧ କରୁଥିଲେ । ଅନ୍ୟ ପକ୍ଷରେ କଲିକତାର ବଙ୍ଗାଳୀମାନେ ଓଡ଼ିଶାର ଅତୀତ ଗୌରବ ଓ ଓଡ଼ିଆଙ୍କ କୃତିତ୍ୱ ସଂପର୍କରେ ସଂପୂର୍ଣ୍ଣ ଅଜ୍ଞ ଥିଲେ ।

କଲିକତାରେ ଗୋଦାବରୀଶଙ୍କ କର୍ମଧାରା ହେଲା ବହୁମୁଖୀ । ନଅନମ୍ବର ଘର-ଛାତ୍ରବାସଟି ହେଲା ଓଡ଼ିଆ-ଜାଗରଣର କେନ୍ଦ୍ର ସ୍ଥଳୀ । ନୀଳକଂଠ ଓ ଗୋଦାବରୀଶଙ୍କ

ନେତୃତ୍ୱରେ କେତେକ ଓଡ଼ିଆ ଯୁବକ ଶପଥବଦ୍ଧ ହୋଇ କାର୍ଯ୍ୟରେ ଲାଗିଲେ । ଉତ୍କଳ ଗୌରବ ମଧୁସୂଦନଙ୍କ ଦ୍ୱାରା ଉତ୍କଳ ସମ୍ମିଳନୀ ମାଧମରେ ଓଡ଼ିଆ-ଆନ୍ଦୋଳନ ନିର୍ଦ୍ଦିଷ୍ଟ ରୂପ ନେଇଥିଲା । ଓଡ଼ିଆର ଚିହ୍ନରୂପେ ମଧୁବାବୁ ପଛକୁ ହାତେ ଲମ୍ବର କାନି ଓହଳିଥିବା ଗୋଟିଏ ନାଲିଟୋପି ବାହାର କରିଥିଲେ । ଗୋଦାବରୀଶ ଓ ଅନ୍ୟମାନେ ସେହି ଟୋପି ପିନ୍ଧି ବାହାରେ ବୁଲିଲେ, କଲେଜ ଗଲେ, ସଭାସମିତିରେ ଯୋଗ ଦେଲେ । ପ୍ରଥମେ ପ୍ରଥମେ ଲୋକେ ଥଟ୍ଟା କଲେ । ଉଦ୍ଦେଶ୍ୟ ଜଣା ପଡ଼ିବାରୁ ଓଡ଼ିଆଙ୍କର ସାହସ ବୃଦ୍ଧି ପାଇଲା । ସେମାନେ ପରସ୍ପର ସ୍ୱଚ୍ଛନ୍ଦରେ ଓଡ଼ିଆରେ କଥାବର୍ତ୍ତା ହେଲେ । ଏମାନଂକ ଠାରୁ ପୂର୍ବର ନ୍ୟୂନମ୍ମନ୍ୟତା ଅନେକ ପରିମାଣରେ ଦୂର ହୋଇଗଲା ।

ବିହାର-ଓଡ଼ିଶା ଗୋଟିଏ ପ୍ରଦେଶରେ ପରିଣତ ହେବା ଥିଲା ସେ ସମୟର ଏକ ବିଶେଷ ଘଟଣା । ଏହା ଓଡ଼ିଆ ମାନଂକର ସମ୍ମାନ ବୃଦ୍ଧିରେ ସାହାଯ୍ୟ କରିଥିଲା । ଯୋଗକୁ ମୟୂରଭଂଜ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜ ପୃଥିବୀ ପ୍ରଦକ୍ଷିଣରୁ ଫେରି ଆସିଥିଲେ । ତାଂକୁ ସଂବର୍ଦ୍ଧନା ଜଣାଇବା ପାଇଁ ମଧୁବାବୁଙ୍କ ସଭାପତିତ୍ୱରେ କଲିକତାରେ ଏକ ସଭାର ଆୟୋଜନ କରାଗଲା । ଗୋଦାବରୀଶଙ୍କ ଏଥିପାଇଁ ଦିନରାତି କଠୋର ପରିଶ୍ରମ କରିବାକୁ ହେଲା । ସେହି ସଭାକୁ ଅନେକ ଶିଷ୍ଟବିଶିଷ୍ଟ ବଙ୍ଗୀୟ ଭଦ୍ରବ୍ୟକ୍ତି ନିମନ୍ତ୍ରିତ ହୋଇ ଆସିଥିଲେ । ସଭାର ସବୁ କାର୍ଯ୍ୟକ୍ରମ ଓଡ଼ିଆ ଭାଷାରେ ଚଳିଥିଲା । ସେହି ସଭାରେ ଗୋଦାବରୀଶ ପ୍ରଥମ ଓଡ଼ିଆ ଭାଷଣ ପ୍ରଦାନ କରିଥିଲେ । ସେଦିନର ସେହି ସଭା ବଙ୍ଗାଳୀ ମାନଂକ ମନରୁ ଓଡ଼ିଆ ମାନଂକ ସଂପର୍କରେ ଥିବା ଭ୍ରମଧାରଣାକୁ ଦୂର କରିବାରେ ସହାୟକ ହୋଇଥିଲା ।

ନୀଳକଂଠ ଓ ଗୋଦାବରୀଶ ପ୍ରଥମରୁ ସମାଜ ସଂସ୍କାର ଲାଗି ଆଗ୍ରହୀ ଥିଲେ । କଲିକତାରେ ଅନ୍ୟକେତେକ ଯୁବକ ସେମାନଂକ ସାଂଗକୁ କାନ୍ଧଭିଡ଼ି ବାହାରି ପଡ଼ିଲେ । ଜାତିଭେଦ ଉଠାଇ ଦେବା ଯୋଜନା ଏଇଠି ଦାନା ବାନ୍ଧିଥିଲା । ଜାତି ଜାତି ମଧ୍ୟରେ କେବଳ ଖିଆପିଆ ନୁହେଁ ବିବାହ ସଂବଂଧ ସ୍ଥାପନର ପ୍ରସ୍ତାବ ଏହିଠାରେ ଗୃହୀତ ହେଲା । 'ହିନ୍ଦୁ ସମାଜ' ନାମରେ ସଂଘଟିଏ ଗଢ଼ାଯାଇ କେତେକ କାର୍ଯ୍ୟକ୍ରମ ହାତକୁ ନିଆଗଲା । ନୀଳକଂଠ ଓ ଗୋଦାବରୀଶ ସେତେବେଳ ପର୍ଯ୍ୟନ୍ତ ଦାଢ଼ିନିଶ କାଟି ନଥିଲେ । ବ୍ରାହ୍ମଣ ସମାଜରେ ଦାଢ଼ିକାଟି ନିଶ ରଖିବାକୁ ବାରଣ କରାଯାଇଥିଲା । ଏମାନେ ତାକୁ ଅମାନ୍ୟ କରି ଦାଢ଼ିକାଟି ନିଶ ରଖିଲେ । ଏଥିପାଇଁ ନୀଳକଂଠଂକୁ ସାମାଜିକ ନିର୍ଯାତନା ଭୋଗିବାକୁ ପଡ଼ିଲା । ତାଙ୍କର 'ନିଶ' ଓ 'ମୋ ନିଶ' ଶୀର୍ଷକ ଦୁଇଟି ବ୍ୟଙ୍ଗାତ୍ମକ ପ୍ରବନ୍ଧ ମାସିକ ପତ୍ର 'ମୁକୁର'ରେ ପ୍ରକାଶିତ ହେବାରୁ ପୁରୀ ବ୍ରାହ୍ମଣ ସମାଜରେ ହଇଚଇ ପଡ଼ିଗଲା । ସତ୍ୟବାଦୀ ଜାତୀୟ ବିଦ୍ୟାଳୟର ପ୍ରଥମ ନିର୍ମିତ ଗୃହ ସମେତ ମୂଲ୍ୟବାନ ପୁସ୍ତକାଗାରଟି ପୋଡ଼ି ଭସ୍ମୀଭୂତ ହେବା ମୂଳରେ ଏହା ଏକ କାରଣ ଥିଲା ବୋଲି କେହି କେହି ମନେ କରିଥିଲେ ।

ଅର୍ଥନୀତିରେ ଏମ୍.ଏ ସହିତ ଓକିଲାତି ପଢୁଥିଲା ବେଳେ ଗୋଦାବରୀଶ ବି.ଏ ପଢୁଥିବା ଦୁଇଜଣ ଛାତ୍ରଂକୁ ଟିଉସନ୍ କରି ମାସିକ ଷାଠିଏ ଟଂକା ପାଇବାରୁ ବୃତ୍ତି ତିରିଶଟଂକାକୁ ମିଶାଇ ନବେ ଟଂକା ପାଇଲେ । ଦଶ ଟଂକିଆ ନୋଟ୍‌ରେ ଘସି ପାଉଁଶ

ରଖି ଦାନ୍ତ ଘଷିଲେ । ଘରକୁ ପାଞ୍ଚ ଜାଗାରେ ଦଶଟଂକା ପଠାଇଲେ । କିନ୍ତୁ ଏହି ଅବସ୍ଥା ଥିଲା ନିତାନ୍ତ ଅସ୍ଥାୟୀ । ପଇସା ପତ୍ର ବିଷୟରେ ନିଃସ୍ପୃହ ଓ ଅସାବଧାନ ଥିବାରୁ ଅର୍ଥାଭାବ ସବୁବେଳେ ତାଂକୁ ଗୋଡ଼ାଉଥିଲା ।

ଗୋଦାବରୀଶଙ୍କ କଲିକତା ରହଣିର ବିଶେଷ ଅନୁଭୂତି ଥିଲା ଇଂରେଜ ବିରୋଧୀ ସ୍ୱାଧୀନତାକାମୀ ସଂତ୍ରାସବାଦୀ ସଂଗଠନକୁ ନେଇ । ପୂର୍ବୋକ୍ତ ଶଶିଦାଙ୍କ ସହ ଘନିଷ୍ଠ ଥିବାରୁ ସେ ଏହି ସଂଗଠନର ବହିର୍ବଳୟରେ ଗତାଗତ ହେବା ତାଂକ ପକ୍ଷରେ ସୁଗମ ହୋଇଥିଲା । ଏହି ସଂଗଠନର କର୍ମୀ ମାନଂକର ପ୍ରଚଣ୍ଡ ମୁକ୍ତି ପିପାସା ସହିତ ଆତ୍ମୋତ୍ସର୍ଗର ଦୃଢ଼ ସଂକଳ୍ପରେ ଗୋଦାବରୀଶ କେବଳ ଅନୁପ୍ରାଣିତ ହୋଇ ନ ଥିଲେ ଏଥିରେ ଆତ୍ମଦାନ କରିବାକୁ ଉଦ୍ୟତ ହୋଇ ଯାଇଥିଲେ । ମାତ୍ର ତାଂକ ପାଇଁ ଏ ମାର୍ଗ ଉପଯୋଗୀ ନୁହେଁ ବୋଲି ଧରି ନିଆଯିବାରୁ ସେ କେବଳ ନୈଶବିଦ୍ୟାଳୟରେ ପାଠ ପଢ଼ାଇବା, ପଠନାଳୟ ପାଇଁ ଚାନ୍ଦା ସଂଗ୍ରହ କରିବା ଓ ସାଧାରଣ ସଂବାଦ ପହଞ୍ଚାଇବାରେ ନିୟୋଜିତ ହୋଇଥିଲେ । ପରିଶେଷରେ ଶଶିଦାଙ୍କ ସିଦ୍ଧାନ୍ତ ସେ ମାନି ନେଲେ । ନିଜ ମାର୍ଗରେ ଜନ୍ମଭୂମି ଓଡ଼ିଶାର ସେବା ହେଲା ତାଂକ ପାଇଁ ନିର୍ଦ୍ଧାରିତ କର୍ମାଦର୍ଶ ।

ଗୋଦାବରୀଶ ଏମ୍.ଏ ଓ ଗୋଟିଏ ବର୍ଷର ଓକିଲାତି ପରୀକ୍ଷାରେ ପାସ୍ କଲେ । ଏମ୍ ଏ ରେ ଭଲ ଶ୍ରେଣୀ ନ ପାଇବାରୁ ସେ ଦୁଃଖରେ ମ୍ରିୟମାଣ ହେଲେବି ହତୋତ୍ସାହ ଅନୁଭବ କରି ନ ଥିଲେ । କାରଣ ସେତିକି ବେଳକୁ କଲିକତା ମୂକ-ବଧିର ବିଦ୍ୟାଳୟର ସହକାରୀ ପ୍ରଧାନ ଅଧ୍ୟାପକ ପଦ ଲାଗି ଏକ ନିଯୁକ୍ତି ସୁଯୋଗ ସେ ପାଇଲେ । ପ୍ରଥମେ ଆମେରିକା ଓ ଇଉରୋପର ମୂକ-ବଧିର ବିଦ୍ୟାଳୟ ସବୁ ସେ ଦେଖି ଆସିବା ବିଷୟ ସ୍ଥିର ହେଲା । ସେଥିପାଇଁ ଆବଶ୍ୟକ ଦଲିଲପତ୍ର ଲେଖାପଢ଼ି ହୋଇଗଲା । ଗୋପବଂଧୁଂକୁ ନ ଜଣାଇ ଏଭଳି ପଦକ୍ଷେପ ନେବା ଉଚିତ ହେବ ନାହିଁ ମନେକରି ଗୋଦାବରୀଶ ତାଂକୁ ଲେଖିଲେ, 'ଆପଣ ଅନୁମତି ଦିଅନ୍ତୁ, ମୁଁ ଯାଏଁ ।' ଉତ୍ତର ମିଳିଲା, 'ଗୋଦାବରୀଶ, ତୁମେ କଲିକତା ମୂକ-ବଧିର ବିଦ୍ୟାଳୟରେ ଶିକ୍ଷକ ହେବାକୁ ଯାଉଛ । ଏଣେ ଓଡ଼ିଶାର ଲକ୍ଷ ଲକ୍ଷ ମୂକ ବଧିରଙ୍କ କଥା କ'ଣ ଭୁଲିଗଲ ?'' ଏହାପରେ ସେ ଦିଗରେ ଅଗ୍ରସର ହେବା ତାଂକ ପକ୍ଷରେ ସଂଭବ ହେଲା ନାହିଁ । ଶିକ୍ଷକତାରେ ପ୍ରଶିକ୍ଷଣ ନେବା ପାଇଁ ବିଲାତ ଯିବା ପ୍ରସ୍ତାବ ତାଂକୁ ମିଳିଲା, ଗୋପବଂଧୁ ମଧ ଅମତ ନଥିଲେ ; ମାତ୍ର ପ୍ରସ୍ତାବଟି କାର୍ଯ୍ୟକାରୀ ହେଲା ନାହିଁ ।

ଓକିଲାତିର ପ୍ରଥମବର୍ଷ ପରୀକ୍ଷାଟି ଅନ୍ତତଃ ଦେବା ପାଇଁ ଗୋଦାବରୀଶ କଲିକତାରେ ରହିଲେ । ପରୀକ୍ଷା ଦେଲେ ଏବଂ ସେଥିରେ ଉତ୍ତୀର୍ଣ୍ଣ ହେଲେ । କଲିକତାରେ ଆର୍ଥିକ ଅନଟନ ଭୋଗି ଅଭାବଗ୍ରସ୍ତ ପରିବାର ଠାରୁ ଦୂରରେ ରହିବା ତାଂକ ପକ୍ଷରେ ଦୁର୍ବହ ବୋଧ ହେବା ଥିଲା ସ୍ୱାଭାବିକ । ସେଥିପାଇଁ ୧୯୧୩ ମସିହା ଏପ୍ରିଲ୍ ମାସ ସୁଦ୍ଧା ଆଇନ୍‌ପଢ଼ାରେ ଡୋର ଲଗାଇ ସେହି ମାସର ଶେଷ ସପ୍ତାହରେ ସେ କଲିକତା ଛାଡ଼ି ହାବଡ଼ା ଷ୍ଟେସନ୍‌ରେ ପୁରୀ ଏକ୍‌ସ୍‌ପ୍ରେସ୍ ଗାଡ଼ି ଧରିଲେ ।

# କର୍ତ୍ତବ୍ୟର ଆହ୍ୱାନ

କଲିକତା ଛାଡ଼ିବା ପରଦିନ ଗୋଦାବରୀଶ ସାକ୍ଷୀଗୋପାଳ ଷ୍ଟେସନ୍‌ରେ ଓହ୍ଲାଇଲେ। ପଚାଶଜଣ ସରିକି ଅଚିହ୍ନା ପିଲାଙ୍କ ମେଳରେ ଘନିଷ୍ଠ ବଂଧୁ ଅଗ୍ରଜ ପ୍ରତିମ ନୀଳକଂଠ ଓ ହରିହରଙ୍କୁ ସେଠାରେ ଦେଖି ସେ ବିସ୍ମିତ ହୋଇପଡ଼ିଲେ। ନମସ୍କାରାନ୍ତେ ନୀଳକଂଠକୁ ସେ ପଚାରିଲେ, 'କୁଆଡ଼େ ଯିବ ନା କ'ଣ ? ହସହସ ଉତ୍ତର ମିଳିଲା, 'ତୁମେ ଯୁଆଡ଼େ ଯିବ ।' ଗୋଦାବରୀଶ ଏଭଳି ଆନ୍ତରିକ ଅଭ୍ୟର୍ଥନାରେ ମୁଗ୍ଧ ବିଭୋର ହୋଇଗଲେ। ସତ୍ୟବାଦୀରେ ତାଂକର ପରବର୍ତ୍ତୀ ଦୀର୍ଘ ଛଅବର୍ଷ ରହଣି ଏହି ମୁଗ୍ଧତା ଓ ବିଭୋରତା ଭିତରେ କଟିଗଲା । ଜାତୀୟ ସେବାରେ ଆତ୍ମୋତ୍ସର୍ଗ କରିବାର ମୁହୂର୍ତ୍ତ ସେହିଠାରୁ ତାଂକ ପାଇଁ ନିର୍ଦ୍ଦିଷ୍ଟ ହୋଇଗଲା । ଗୋପବଂଧୁଂକ ନେତୃତ୍ୱ ଓ ନିର୍ଦ୍ଦେଶରେ ତତ୍କାଳୀନ ଉତ୍କଳୀୟ କତିପୟ ଉଚ୍ଚଶିକ୍ଷାପ୍ରାପ୍ତ ବୁଦ୍ଧିଜୀବୀ ଜାତିଗଠନର କର୍ମଯୋଗରେ ସତ୍ୟବାଦୀରେ ଏକତ୍ରିତ ହୋଇ ଯେଉଳି ସାଧନା ନିବିଷ୍ଟ ରହିଥିଲେ, ଗୋଦାବରୀଶ ସେଥିରେ ନିଜକୁ ପୂର୍ଣ୍ଣ ସମର୍ପଣ କରିବା ଥିଲା ତାଂକ ପାଇଁ ଏକ ଅବଶ୍ୟମ୍ଭାବୀ ପରିଣାମ। ସେ ତାଂକ ପ୍ରାଣର ସମସ୍ତ ପ୍ରାଚୁର୍ଯ୍ୟ ଓ ଆବେଗକୁ ସେଠାକାର କର୍ମସ୍ରୋତରେ ଏକାକାର କରିଦେଲେ। କର୍ମ ଥିଲା କଠୋର ।

ସତ୍ୟବାଦୀ ବନବିଦ୍ୟାଳୟ ବହୁ ଶ୍ରମ ଓ ସ୍ୱେଦରୁ ଜନ୍ମ ନେଇଥିଲା । ପ୍ରଥମରୁ ନିର୍ମିତ ବିଦ୍ୟାଳୟଗୃହ ଏକ ଦୁର୍ଲ୍ଲଭ ପୁସ୍ତକାଗାର ସମେତ ଅଗ୍ନିସାତ୍ ହେବା ପରେ ଛୁରୀଅନା ଓ ବକୁଳ କୁଂଜରେ ଅଧ୍ୟାପନା କାର୍ଯ୍ୟ ଅବ୍ୟାହତ ରଖାଯାଇଥିଲା । ଉଭୟ ଛାତ୍ର ଓ ଶିକ୍ଷକମାନେ କାନ୍ଦରେ ଇଟା ବୋହି ପୁଣିଥରେ ବିଦ୍ୟାଳୟ ଗୃହ ଓ ବିରାଟ ଛାତ୍ରାବାସ ଗଢ଼ି ତୋଳିବାରେ ଲାଗିଗଲେ। ଗୋଦାବରୀଶ ଏଥିରେ ଉତ୍ସାହର ସହିତ ଯୋଗ ଦେଲେ। ବିଦ୍ୟାଭ୍ୟାସ, ଚରିତ୍ରଗଠନ ଓ ଅଧ୍ୟାପନା କାର୍ଯ୍ୟ ଏକ ସଂଗରେ ନିରବଚ୍ଛିନ୍ନ ଭାବେ ଚଲାଇ ରଖିବା ପାଇଁ ଗୋଦାବରୀଶଂକୁ ଅକ୍ଳାନ୍ତ ଶ୍ରମ ନିୟୋଗ କରିବାକୁ ହେଲା । ଗୋପବଂଧୁ ଓ ନୀଳକଂଠଂକ ମିଳିତ ପ୍ରଚେଷ୍ଟାରୁ ପ୍ରକାଶିତ 'ସତ୍ୟବାଦୀ' ସାହିତ୍ୟ ପତ୍ରିକା କ୍ରମଶଃ 'ସମାଜ' ସଂବାଦ ପତ୍ରରେ ପରିଣତ ହେବା କ୍ଷେତ୍ରରେ ଗୋଦାବରୀଶଂକ ଶ୍ରମ ଓ ସାଧନା ମଧ୍ୟ ନିହିତ ଥିଲା । ୧୯୨୮ରେ ଗୋପବଂଧୁଂକ ଦେହାବସାନ ପରେ କିଛିଦିନ ପାଇଁ ଗୋଦାବରୀଶ 'ସମାଜ'ର ସଂପାଦନା କାର୍ଯ୍ୟଭାର ଗ୍ରହଣ କରିଥିଲେ ।

ଗୋଦାବରୀଶ ଥିଲେ ଯେମିତି ବିଦ୍ୱାନ ସେହିଭଳି ଉଚ୍ଚମାନର ଶିକ୍ଷକ । ତାଂକ ଶିକ୍ଷାଦାନରେ ବିଚକ୍ଷଣତା ତାଂକର ତତ୍କାଳୀନ ଛାତ୍ରମାନଂକୁ ଏକାଂତ ପ୍ରଭାବିତ କରିଥିଲା । ତାଂକର ସେଦିନର କୃତୀଛାତ୍ର ଓ ପରବର୍ତ୍ତୀ ସମୟର ଜନୈକ ଶକ୍ତିଶାଳୀ କବି ଓ ଶିକ୍ଷାବିତ୍ ଚନ୍ଦ୍ରଶେଖର ମିଶ୍ର ଶିକ୍ଷକ ଗୋଦାବରୀଶଂକ ସ୍ମୃତି ଆଲୋଡ଼ନ କରି 'ସତ୍ୟବାଦୀରେ ସାତବର୍ଷ' ପୁସ୍ତକରେ ଲେଖିଛନ୍ତି :

''ଦେଶପ୍ରାଣ ଯୁବକ ଥିବାରୁ ତାଂକର ପଢ଼ାଇବାରେ ବହୁ ନୂତନତ୍ୱ ଥିଲା । ସେ ଭଲ ଇଂରେଜୀ ଜାଣୁଥିଲେ ଏବଂ ଉଚ୍ଚାରଣ ଠିକ୍ ସାହେବ ମାନଂକ ପରି । ତାଂକର ସେତେବେଳେ ସାହେବଂକ ପରି ଚେହେରା, ଠାଣି ଏବଂ ପୋଷାକ ଥାଏ ; ମାତ୍ର ଅଳ୍ପକାଳ ପରେ ସେ ସେ ପୋଷାକ ତ୍ୟାଗ କରିଥିଲେ । ପଢ଼ାଇବା ବେଳେ କ୍ଲାସ୍‌ରେ ଶୃଂଖଳା ଓ ସଂଯମ ରକ୍ଷା ପାଇଁ ସେ ସମସ୍ତଂକ ଠାରୁ ବେଶି ଯତ୍ନଶୀଳ ଥିଲେ । ସବୁ ଛାତ୍ରଂକର ରୋଲ୍‌ନମ୍ବର ସେ ମନେ ରଖିଥାନ୍ତି । ସ୍ଥାନ ବିନ୍ୟାସ ଅନ୍ୟାନ୍ୟ ସ୍କୁଲରେ ଯେପରି ଅଛି, ଆମ ବନବିଦ୍ୟାଳୟରେ ସେପରି ନ ଥିଲା । ପିଲାମାନେ ଚାଞ୍ଚ ଉପରେ ବସନ୍ତି ; ଆଗରେ ଗୋଡ଼କଟା ବେଞ୍ଚ୍ ଡେସ୍କ୍ ପରି ପଡ଼ିଥାଏ । ଶିକ୍ଷକଙ୍କ ଆସନ ଓ ଟେବୁଲ୍ ଆଗରେ ବାମ, ଡାହାଣ ଓ ସମ୍ମୁଖରେ ତିନିଧାଡ଼ି ହୋଇ ଆଂଭେମାନେ ବସୁଁ । ଗୋଦାବରୀଶ ବାବୁ ପାଠ ପଢ଼ାଇଲା ବେଳେ ଗୋଟିଏ ଆଡ଼କୁ ଚାହିଁ ବୁଝାଉଥାନ୍ତି ; ଅନ୍ୟ ପାଖରେ କୌଣସି ବାଳକ ଅନ୍ୟମନସ୍କ ହେବାର ସେ ଜାଣନ୍ତି ଏବଂ ପଢ଼ା ମଧ୍ୟରେ ସେହି ପିଲାର ରୋଲ୍ ନମ୍ବର ଡାକି— 'ଅନ୍ୟମନସ୍କ ହେଉଛ' ବୋଲି କହିଦେଇ ପୁଣି ପଢ଼ାରେ ଲାଗନ୍ତି । ଇଂରେଜୀ ସାହିତ୍ୟକୁ ଅତି ସରସ ଭାବରେ ବହୁ ଉଦାହରଣ ଦେଇ ବୁଝାଇ ପାରନ୍ତି ଏବଂ ସବୁ ଗୁଡ଼ିକ ଦୃଶ୍ୟଦ୍ୱାରା ବୁଝାଇବାକୁ ପ୍ରାୟ ଚେଷ୍ଟା କରଂତି । ମୋର ମନେ ଅଛି, 'to break in to two— ଏହି କଥାଟି ବୁଝାଇବା ପାଇଁ ସେ ପେନ୍‌ସିଲ୍‌ଟି ଦୁଇଖଣ୍ଡ କରି ଦେଇଥିଲେ । ପ୍ରଶ୍ନର ଠିକ୍ ଉତ୍ତର ପାଇଲେ ଆନଂଦରେ ତାଂକର ହୃଦୟ ପୂରିଯାଏ ।

ସେ ପରେ ଆସିଥିଲେ ସତ ; କିଂତୁ ସବୁ ଭଲ ପିଲାଂକୁ ଜାଣି ସେ ମଧ ସେମାନଂକୁ ନାନା ଭାବରେ ଉଦ୍‌ବୁଦ୍ଧ କରୁଥିଲେ । ତାଂକ ବସାରୁ ରାତିରେ ଆସି ବୋର୍ଡିଂରେ ବୁଲିବୁଲି ପିଲାମାନଂକ ପଢ଼ାପଢ଼ିରେ ସହାୟତା କରୁଥିଲେ ଏବଂ ବହୁ ନୀତିମୟ ଉପଦେଶ ଦେଉଥିଲେ । ସେ ନିଜେ କବି, ତେଣୁ ଛାତ୍ରମାନଂକ ମଧ୍ୟରେ ଯେଉଁମାନେ କବିତା ବା ରଚନା ଲେଖିବାରେ ଭଲବୋଲି ଜାଣୁଥିଲେ, ସେ ସେମାନଂକର ବଂଧୁପରି ହୋଇ ଯାଉଥିଲେ । ତାଂକ ହୃଦୟର କୋମଳତା ସେତେବେଳେ ଆମ୍ଭେମାନେ ତାଂକ କାର୍ଯ୍ୟକଳାପ ଓ ଭାବଭଂଗୀରୁ ଉପଲବ୍‌ଧି କରୁଥିଲୁ ।

ଥରେ ମୁଁ କ୍ଲାସ୍‌ରେ ଥିବାବେଳେ ପାଟିମେଲା କରି ପେନ୍‌ସିଲ୍‌ଟାଏ ଉପର ଓଷ୍ଠରେ ରଖି, ତାଂକ ପଢ଼ା ଭଲକରି ଶୁଣୁଥିଲି । କେହି ହାଇ ମାରିଲେ ସେ ଭାରି ବିରକ୍ତ ହୁଅନ୍ତି । ମୁଁ ହାଇ ମାରୁଛି ବୋଲି ଧାରଣା କରି ସେ ହଠାତ୍ ମୋର ରୋଲ୍ ନମ୍ବର ଡାକି କହିଲେ, "You are yawning" । ମୁଁ ନାହିଁ କଲି । ମୋ ପାଖରେ ବସିଥିବା ପିଲାମାନେ କହିଲେ— 'ମନ ଦେଇ ଶୁଣିବା ବେଳେ ସେ ପ୍ରାୟ ସେହିପରି ବସେ ।' ତାଂକର ଧାରଣା ହେଲା ଯେ ମୁଁ ମିଛ କହୁଛି । ମୁଁ ପାଂଷ୍ଟୁଏ ବୋଲି ସେ ଜାଣନ୍ତି । ମୋର 'ପ୍ରାର୍ଥନା' ନାମକ ପଦ୍ୟଟିର ପ୍ରଶଂସା ସେ ଶୁଣିଥିଲେ, ତଥାପି ସେ ମୋତେ କ୍ଲାସ୍‌ରୁ ବାହାର କରିଦେଲେ ଏବଂ ସାତଦିନ ଯାଏଁ ମୁଁ ସେହିପରି ବାହାରେ ବସିବି ବୋଲି ଆଦେଶ ଦେଲେ ।''

ଠିକ୍ ବା ଭୁଲରେ ହେଉ ପଛକେ ଛାତ୍ରକୁ ଏପରି ଦଣ୍ଡ ଦେବା ପଛରେ ଗୋଦାବରୀଶଙ୍କର ନିଜ ଅନୁଭୂତି ବୋଧହୁଏ କାର୍ଯ୍ୟ କରିଥିଲା । ଗୋଦାବରୀଶ ପୁରୀ

ଜିଲ୍ଲା ସ୍କୁଲର ଛାତ୍ର ଥିଲାବେଳେ ଶିକ୍ଷାବିଭାଗୀୟ ଡିରେକ୍ଟର୍ ଓ ଇନ୍‌ସ୍‌ପେକ୍ଟର୍ ସ୍କୁଲ ପରିଦର୍ଶନରେ ଆସି ତାଂକ ଶ୍ରେଣୀରେ ଇଂରେଜୀ ପଢ଼ା ପରୀକ୍ଷା କରିଥିଲେ । ଗୋଦାବରୀଶ ବହିଧରି ପଢ଼ିଲା ବେଳେ ଭୁଲ ଉଚ୍ଚାରଣ କରିବାରୁ ସେମାନେ ଠୋ ଠୋ ହୋଇ ହସି ଉଠିଲେ । ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନ ମହାରଣାଂକ ମୁହଁ କଳା ପଡ଼ିଗଲା । ପରଦିନ ସେହି ଶ୍ରେଣୀରେ ନିଜେ ପ୍ରଧାନ ଶିକ୍ଷକ ଇଂରେଜୀ ପଢ଼ାଇବାକୁ ଆସି ଗୋଦାବରୀଶଂକୁ ବହି ଧରି ପଢ଼ିବାକୁ ଆଦେଶ ଦେଲେ । ପ୍ରଥମ ଭୁଲ୍‌ରେ ବେଞ୍ଚ ଉପରେ ଠିଆ ହେବାକୁ କହି ଏହି ଦଣ୍ଡକୁ ସେ ଚାରିମାସ ଧରି କାଏମ୍ ରଖିଲେ । ସେହି ଚାରିମାସ କାଳ ଗୋଦାବରୀଶ ଇଂରେଜୀ ଶବ୍ଦକୋଷ ପଢ଼ିବାରେ ଲାଗିଲେ । ଏହାପରେ ଦିନେ ଇଂରେଜୀ ପଦ୍ୟ ସେ ପଢ଼ିଲାବେଳେ ପ୍ରଧାନ ଶିକ୍ଷକ ଉଚ୍ଚାରଣ ଭୁଲ୍ ହେଲା କହି ବେଞ୍ଚ ଉପରେ ଠିଆ ହେବାକୁ କହିଲେ । କିନ୍ତୁ ଏଥର ଗୋଦାବରୀଶ ଦୃଢ଼ ପ୍ରତିବାଦ ଜଣାଇଲେ । ସେ ଠିକ୍ ଉଚ୍ଚାରଣ କରିଛନ୍ତି ବୋଲି ଶବ୍ଦକୋଷରୁ ଜଣାଯିବାରୁ ପ୍ରଧାନ ଶିକ୍ଷକ ଯେ ଦଣ୍ଡାଦେଶ ପ୍ରତ୍ୟାହାର କଲେ ଆଉ କେବେ ଗୋଦାରରୀଶଂକୁ ଦଣ୍ଡ ଭୋଗିବାକୁ ପଡ଼ିଲା ନାହିଁ । ପରବର୍ତ୍ତୀ କାଳରେ ଗୋରା ସାହେବମାନେ ଗୋଦାବରୀଶଂକ ଇଂରେଜୀ ଉଚ୍ଚାରଣକୁ ମୁକ୍ତକଂଠରେ ପ୍ରଶଂସା କଲେ । ସେ ଭଲ ଇଂରେଜୀ କହନ୍ତି ଓ ଜାଣନ୍ତି ବୋଲି ତାଂକ ସମୟରେ ସମସ୍ତେ ଜାଣିଥିଲେ । ଇଂରେଜୀ ଭାଷାରେ ତାଂକର ଦକ୍ଷତା ଯେ ପ୍ରଧାନ ଶିକ୍ଷକ ଚନ୍ଦ୍ରମୋହନ ମହାରଣାଙ୍କ ଶିକ୍ଷାର ଫଳ, ଏହା ଗୋଦାବରୀଶ ନମ୍ରତାର ସହ ସ୍ୱୀକାର କରିଛନ୍ତି ।

ଚନ୍ଦ୍ରଶେଖର ମିଶ୍ର ପୁନଶ୍ଚ କହନ୍ତି, ''ମୁଁ ବାହାରେ ଯାଇ ଠିଆ ହେଲି । ଶ୍ରେଣୀ ଶେଷରେ ସେ ମୋତେ କୋମଳ ଭାବରେ ତାଂକ ଘରକୁ ଯିବାପାଇଁ କହିଲେ । ସଂଧ୍ୟାବେଳେ ସେ ମୋତେ ତାଂକ ଭୁଲ ବୁଝିଥିବା କଥା କହିଲେ । ଏମିତି କହିଲେ ଯେ ମୁଁ କାନ୍ଦି ପକାଇଲି । ମୋର ପଦ୍ୟଟିର ଶେଷ ଦୁଇଧାଡ଼ି ସେ ମନେ ରଖିଥିଲେ । ତାହା ଉପରେ ଆଲୋଚନା ହେଲା । କଥା ହେଲା ଯେ ମୁଁ ତହିଁ ଆରଦିନ ଭିତରେ ବସିବି । ମାତ୍ର ପ୍ରଥମ ଘଣ୍ଟାଟି ତାଙ୍କର । ମୁଁ ସେ ଆସିବା ବେଳେ କ୍ଲାସରେ ଯାଇ ତାଂକ ପଛରେ ଠିଆ ହେଲି । ସେ ସଂଗେ ସଂଗେ ଭିତରେ ବସିବାକୁ କହିଲେ । ସେଦିନ ସେ ବହି ନ ପଢ଼ାଇ ଇଂଲଣ୍ଡର ରୁଗ୍‌ବୀ ସ୍କୁଲର ହେଡ୍ ମାଷ୍ଟରଙ୍କ ଜୀବନୀ କହିଲେ । ଗୋଟିଏ ମାନଚିତ୍ର ହଜିଯାଇଛି ବିଚାରି ସେ ଚାପ୍ରାସୀକି ସଂଦେହ କରି ଗାଳି ଦେଇଥିଲେ ; ମାତ୍ର ମାନଚିତ୍ରଟି ପୁଣି ପାଇବାରୁ ସେ ତାକୁ କ୍ଷମା ମାଗିଲେ । ସେହି ଘଂଟାରେ ସେ ବ୍ୟବହାରର ଦଶନିୟମ ଭଲକରି ବୁଝାଇ ଦେଲେ । ଆମ୍ଭେମାନେ ବିଶେଷ ଆନନ୍ଦିତ ଓ ଉଦ୍‌ବୁଦ୍ଧ ହୋଇଥିଲୁ ।

ସେ ସବୁ ଭଲ ପିଲାଙ୍କ କଥା କିପରି ମନେ ରଖନ୍ତି, ତାହା ଆଶ୍ଚର୍ଯ୍ୟଜନକ । ମୁଁ ଯେଉଁ ବର୍ଷ ନବମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିଲି, ସେ ବର୍ଷ ୭୦୦ ରୁ ୬୦୮ ନମ୍ବର ପାଇଥିଲି । ଗୋଦାବରୀଶବାବୁ କଲିକତାରେ ବି.ଟି. ପଢ଼ିବାକୁ ଯାଇଥିଲେ । ସେହି ବର୍ଷ ଶ୍ରେଣୀର ବାର୍ଷିକ ପରୀକ୍ଷାରେ ମୁଁ ୭୦୦ ରୁ ୫୯୪ ନମ୍ବର ପାଇଥିଲି । ଫଳ ବାହାରିବା ପରେ ସେ ପ୍ରତି ଶ୍ରେଣୀର ପ୍ରଥମ ସ୍ଥାନ ପାଇଥିବା ପିଲାଂକୁ ପତ୍ର ଲେଖିଥିଲେ । ମୋ ପାଖକୁ

ଲେଖିଥିଲେ– ୬୦୮ ପାଖରେ ୫୯୪ ଅତି ଦୁର୍ବଳ ସଂଖ୍ୟା ନୁହେଁ କି ? ବେଶ୍ ଏତିକି । ସେ ପାସ୍ କରି ଆସିଲେ– ମାତ୍ର ପଢ଼ାଇବାର ଆନ୍ତରିକତା ମେଥଡ୍ ଯୋଗରୁ ତାଂକର ବ୍ୟାହତ ହେଉ ନଥିଲା । ଆମ ଶ୍ରେଣୀରେ ସେ ଇଂରେଜୀ ବ୍ୟାକରଣ ଓ ପଦ୍ୟ ନେଇଥିଲେ । ଇଂରେଜୀ ପଦ୍ୟ ଅତି ସୁନ୍ଦର ଓ ପ୍ରାଂଜଳ ଭାବରେ ବୁଝାଇ ପାରନ୍ତି, ସେ ଲେଖା ଲେଖି କରିବାକୁ ବେଶି ଦେଉ ନ ଥିଲେ । କାରଣ ସେ ସମୟରେ ଗଦ୍ୟ, ପଦ୍ୟ, ବହିରୁ ପ୍ରଶ୍ନ ଆସୁ ନ ଥିଲା । ମାତ୍ର ଇଂରେଜୀ କ୍ଲାସରେ ଓଡ଼ିଆ ଶବ୍ଦ ଉଚ୍ଚାରଣକୁ ସେ ଦଣ୍ଡନୀୟ ବୋଲି ଘୋଷଣା କରିଥିଲେ । ପଢ଼ା ପରେ ପ୍ରଶ୍ନ ପଚାରି ଇଂରେଜୀ ଭାଷାରେ ସାରକଥା, ଅର୍ଥ ଇତ୍ୟାଦି ଆଦାୟ କରୁଥିଲେ । ଥରେ 'Rivulet' ନାମକ ଟେନସନ୍ଙ୍କ ପଦ୍ୟକୁ ପାରିଲେ ଓଡ଼ିଆରେ ପଦ୍ୟାନୁବ୍ୟଦ କରିଆଣିବ ବୋଲି କହିଥିଲେ । ମୁଁ କରିଥିଲି । (ଏଠାରେ ସୂଚାଇ ଦେବା ପ୍ରାସଙ୍ଗିକ ହେବ ଯେ ଏହି ଛାତ୍ରଜଣକ ପରେ ଜଣେ ଯଶସ୍ୱୀ ପଦ୍ୟାନୁବାଦକ ଭାବେ ପ୍ରତିଷ୍ଠା ଅର୍ଜନ କରିଥିଲେ । ଏହି ଚନ୍ଦ୍ରଶେଖର ମିଶ୍ର ହେଉଛନ୍ତି ସେଲୀଙ୍କର 'Ode to West Wind' ଓ ସ୍କଟଙ୍କର Lady of the lake ର ଅନୁବାଦକ । 'ପଶ୍ଚିମ ପବନ ପ୍ରତି' ଓ 'ସରସୁନ୍ଦରୀ' ଦୁଇଟି ତାଙ୍କର ସାର୍ଥକ ପଦ୍ୟାନୁବାଦ) କେବଳ ମୋତେ ନୁହେଁ ଅନ୍ୟାନ୍ୟ ଭଲ ଛାତ୍ରଙ୍କ ପ୍ରତି ତାଙ୍କର ସମାନ ଯତ୍ନ ଥିଲା । ତାଙ୍କର ଇଂରେଜୀ ବ୍ୟାକରଣ ପଢ଼ା ଅତି ଚମତ୍କାର । ନିଜେ ସବୁ ଶିକ୍ଷକଙ୍କ ପରି ଯାହା ପଢ଼ାଇବେ, ତାହା ନୋଟ୍ କରିଥାନ୍ତି । ଯେଉଁ ବିଷୟ ପଢ଼ାନ୍ତି ତାହାର ନିୟମକୁ ଖୁବ୍ ଭଲ ରୂପେ ବୁଝାଇ ବହୁତ ଉଦାହରଣ କହନ୍ତି । ତିନି ଚାରିଦିନ କହିବା ପରେ ବେଶି ଗୁଡ଼ିଏ ହୋଇଗଲେ ଦିନେ ସେ ପାଠକୁ ପରୀକ୍ଷା କରନ୍ତି । ଆମ୍ଭେମାନେ ବହି ଦେଖି ପାରିବୁ ନାହିଁ, ଖାତାରେ ନୋଟ୍ କରିବୁ ନାହିଁ– କେବଳ ଶୁଣି ଶୁଣି ମନେ ରଖିବୁ । ଏହା ତାଙ୍କର ଆଦର୍ଶ ଥିଲା ।''

ଗୋପବଂଧୁ ଦାସଙ୍କ ନେତୃତ୍ୱ ଓ ପ୍ରେସାହନ ରେ ନୀଳକଂଠ ଦାସ, ହରିହର ଦାସ ଓ କୃପାସିନ୍ଧୁ ମିଶ୍ରଙ୍କ ଭଳି ଅନ୍ୟ ଉଚ୍ଚଶିକ୍ଷିତ ଦେଶପ୍ରାଣ ଯୁବକ ଜାତି ଗଠନର ଉଦ୍ଦେଶ୍ୟ ଓ ଆଦର୍ଶକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିଥିଲେ । ଗୋଦାବରୀଶ ଥିଲେ ସେମାନଂକ ମଧ୍ୟରେ ଅନ୍ୟତମ । ଏମାନେ ନିଜନିଜର ବ୍ୟକ୍ତିଗତ ସୁଖ, ସ୍ୱାଚ୍ଛନ୍ଦ୍ୟକୁ ଜଳାଂଜଳି ଦେଇ ସତ୍ୟବାଦୀ ପୀଠରେ ଏକତ୍ର କର୍ମନିରତ ହୋଇଥିଲେ । ସମାଜ ସେବା ଓ ସ୍ୱଦେଶାନୁରାଗରେ ଅନୁପ୍ରାଣିତ ଏକ ସୁଶିକ୍ଷିତ ଯୁବଗୋଷ୍ଠୀ ଗଠନ କରିବା ଥିଲା ସତ୍ୟବାଦୀ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠାର ପ୍ରଧାନ ଆଭିମୁଖ୍ୟ । ଏହି ଆଭିମୁଖ୍ୟ ହାସଲ କରିବା ପାଇଁ ସତ୍ୟବାଦୀ ବିଦ୍ୟାଳୟରେ କେତେକ ଗଠନମୂଳକ କାର୍ଯକ୍ରମ ଗୃହୀତ ହୋଇଥିଲା । ମନ, ବଚନ ଓ କର୍ତ୍ତବ୍ୟରେ ଏହାକୁ ରୂପାୟିତ କରିବା ଲାଗି ଗୋଦାବରୀଶ ଯତ୍ନଶୀଳ ହୋଇଥିଲେ । ନିଜର ବ୍ୟକ୍ତିଗତ ସୁବିଧା ଅସୁବିଧାର ବିଚାର କରି ନ ଥିଲେ । ତାଙ୍କର ଆର୍ଥିକ ଅବସ୍ଥା ଆଦୌ ସ୍ୱଚ୍ଛଳ ନ ଥିଲା । ପତ୍ନୀ ଓ ସନ୍ତାନମାନଙ୍କୁ ପାଖକୁ ଆଣି ସେଠାରେ ସେ ଗୋଟିଏ ଭଡ଼ାଘରେ ରହୁଥିଲେ । ସେମାନଙ୍କର ମୌଳିକ ଆବଶ୍ୟକତା ପ୍ରତି ଦୃଷ୍ଟିଦେବାର ଅବକାଶ ତାଙ୍କର ନ ଥିଲା । ମାସିକ ତିରିଶ ଟଙ୍କା ବେତନରୁ ଅଧିକ ନେବେ ନାହିଁ ବୋଲି ସେ ଯେଉଁ ପ୍ରତିଜ୍ଞା କରିଥିଲେ ସେଥିରେ ଅଟଳ ରହିବା ଯୋଗୁଁ

ଅଧିକାଂଶ ଦିନ ତାଙ୍କ ଘରେ ଚୁଲି ଅଜଳା ରହିଲା । ଗୋପବଂଧୁଙ୍କ ଦୃଷ୍ଟିକୁ ଏ ଅବସ୍ଥା ଆସିବାରୁ ସେ ଆଚାର୍ଯ୍ୟ ହରିହରଙ୍କୁ ଗୋଦାବରୀଶଙ୍କ ଘର ଚଳାଇବା ଦାୟିତ୍ୱ ଦେଇଥିଲେ ।

ସୂତାକଟା, ଲୁଗାବୁଣା, କାଠକାମ, ବେତକାମ ଓ ବଗିଚାକାମ ଆଦି ପାଠପଢ଼ା ବହିର୍ଭୂତ ଯେତେ କାମ ହାତକୁ ନିଆଯାଇଥିଲା ସେ ସବୁଥିରେ ଗୋଦାବରୀଶଙ୍କର ସହଯୋଗ ଥିଲା ପ୍ରେରଣା ଦାୟକ । ଛାତ୍ରମାନଙ୍କୁ ନେଇ ସେ ଏକ ସେବାଦଳ ଗଠନ କରିଥିଲେ । ବଢ଼ି, ମରୁଡ଼ି ଓ ଘରପୋଡ଼ି ବେଳେ ଏମାନେ ଲୋକଙ୍କୁ ସାହାଯ୍ୟ କରୁଥିଲେ ଏବଂ ସଂକ୍ରାମକ ରୋଗ ବ୍ୟାପିଲେ ଘର ଘର ବୁଲି ଔଷଧ ବାଣ୍ଟୁଥିଲେ । ସେତେବେଳେ ସମାଜ ଜୀବନକୁ ବହୁ କୁସଂସ୍କାର ଆଚ୍ଛନ୍ନ କରିଥିଲା । ଲୋକେ ଅତି ମାତ୍ରାରେ ରକ୍ଷଣଶୀଳ ଥିଲେ । କୌଣସି ପରଂପରା ଭଲ କି ମନ୍ଦ ତାହା ଶାସ୍ତ୍ର ତଥା ବ୍ୟବହାର ଦୃଷ୍ଟିରୁ ବିଚାର କରି ଦେଖିବା ଲୋକଙ୍କର ସଂଖ୍ୟା ଥିଲା ନଗଣ୍ୟ । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଅଧାୟୀଙ୍କୁ ଏକତ୍ର ଶିକ୍ଷାଦାନ କରିବା ଏବଂ ବିଶେଷକରି ସେମାନେ ଏକା ପଂକ୍ତିରେ ବସି ଭୋଜନ କରିବା ଅନେକଙ୍କ ଆଖିରେ ଯାଉ ନଥିଲା । ବିରୋଧ ଥିଲା ବହୁବ୍ୟାପ୍ତ । ଏହା ବିରୁଦ୍ଧରେ କେବଳ ବିଦ୍ୟାଳୟ ପ୍ରତିଷ୍ଠା କରି କେତେକ ଆଗ୍ରହୀ କିଶୋର ଓ ଯୁବକଙ୍କୁ ଶିକ୍ଷା ମାତ୍ର ଦେଇ ସଂଗ୍ରାମ କରିବା ଯଥେଷ୍ଟ ନ ଥିଲା । ଜନ ସମାଜର ସମୂହ କଲ୍ୟାଣ ଏତିକିରେ ସାଧିତ ହୋଇ ପାରିବ ନାହିଁ ବୋଲି ଅନୁଭବ କରାଯାଇଥିଲା ।

ଗୋପବଂଧୁ ନୀଳକଂଠ, ଗୋଦାବରୀଶ ଓ କୃପାସିନ୍ଧୁ ସେ ସମୟରେ ଓଡ଼ିଶାର ଅଗ୍ରଗଣ୍ୟ ବୁଦ୍ଧିଜୀବୀ ଥିଲେ । ସେମାନେ ପ୍ରଥମେ 'ସତ୍ୟବାଦୀ' ନାମକ ଏକ ଉଚ୍ଚାଙ୍ଗ ସାହିତ୍ୟ ପତ୍ରିକା ପ୍ରକାଶ କଲେ । ସେଥିପାଇଁ ଦେଶର ବିଭିନ୍ନ ପ୍ରାନ୍ତରୁ ଆନ୍ତରିକ ସହଯୋଗ ମିଳିଲା । 'ସତ୍ୟବାଦୀ' ଅଳ୍ପ କିଛିଦିନ ଚଳିବା ପରେ ଏହାକୁ ସଂବାଦ ପତ୍ର ଭାବରେ ପ୍ରକାଶ କରିବାକୁ ସ୍ଥିର କରାଗଲା । ସେହି ଅନୁଯାୟୀ ଉଭୟ 'ସତ୍ୟବାଦୀ' ସାହିତ୍ୟ ପତ୍ରିକା ଓ 'ସମାଜ' ଶୀର୍ଷକ ସଂବାଦ ପତ୍ର ସାକ୍ଷୀଗୋପାଳରୁ ପ୍ରକାଶ କରାଗଲା । 'ସମାଜ' ଥିଲା ସାପ୍ତାହିକ । ଗୋପବଂଧୁ ସଂପାଦକୀୟ ଓ ଅଗ୍ରଲେଖ ଲେଖିଲାବେଳେ ଅନ୍ୟ ବିଷୟକ ଲେଖା ଲେଖୁଥିଲେ ନୀଳକଂଠ ଓ ଗୋଦାବରୀଶ । ଡାକ ବିଭାଗର ରନର୍ ପରି ଗୋଦାବରୀଶ ନିଜେ ଲେଖାଗୁଡ଼ିକୁ ନେଇ ରେଳ ଷ୍ଟେସନ୍‌ରେ ଡାକ ବିଭାଗ କର୍ମଚାରୀଙ୍କୁ ଦେଇ ଆସୁଥିଲେ । ଛାପାଖାନା ଓ କାଗଜ ଚଳାଇବା ଭାର ରାଧାନାଥ ରଥଙ୍କ ଠାରେ ନ୍ୟସ୍ତ ହେବାପରେ ଗୋଦାରହୀଶ ସାମାନ୍ୟ ଦାୟିତ୍ୱ ମୁକ୍ତ ଅନୁଭବ କରିଥିଲେ । କ୍ରମଶଃ 'ସତ୍ୟବାଦୀ' ପ୍ରକାଶନ ବନ୍ଦ ହୋଇଗଲା । 'ସମାଜ' କିନ୍ତୁ ସାପ୍ତାହିକରୁ କ୍ରମେ ଦୈନିକରେ ପରିଣତ ହେଲା । ୧୯୨୮ରେ ଗୋପବଂଧୁଙ୍କର ଦେହାନ୍ତ ପରେ ଗୋଦାବରୀଶ ବର୍ଷେ ଦୁଇବର୍ଷ 'ସମାଜ'ର ସଂପାଦକୀୟ କାର୍ଯ୍ୟ ତୁଲାଇଥିଲେ ।

ସତ୍ୟବାଦୀ ଜାତୀୟ ବିଦ୍ୟାଳୟର କ୍ରମୋନ୍ନତି ଓ ସୁଖ୍ୟାତି ମୂଳରେ ଗୋଦାବରୀଶଙ୍କର ନିଃସ୍ୱାର୍ଥପର, ନିରଳସ କର୍ମ ସାଧନା ଅନ୍ୟମାନଙ୍କଠାରୁ ଊଣା ପ୍ରଭାବଶାଳୀ ନ ଥିଲା । ବିଶେଷତଃ ଗୋପବଂଧୁ ବିହାର-ଓଡ଼ିଶା ବ୍ୟବସ୍ଥା-ପରିଷଦର

ସଦସ୍ୟ ହୋଇଯିବାରୁ ତାଙ୍କ ବ୍ୟକ୍ତିତ୍ୱର ପ୍ରଭାବ ଯୋଗୁଁ ସତ୍ୟବାଦୀ ବନବିଦ୍ୟାଳୟ ଭାରତର ତଥା ଓଡ଼ିଶାର ବହୁ ମାନ୍ୟଗଣ୍ୟ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିବାରେ ଲାଗିଲା । ବିହାର-ଓଡ଼ିଶାର ଲାଟ୍ ସାର୍ ଏଡ୍‌ୱାଡ୍ ଗେଟ୍ ଗୋପବଂଧୁଙ୍କ ଆମନ୍ତ୍ରଣ କ୍ରମେ ଦୁଇଥର ସ୍କୁଲ ପରିଦର୍ଶନରେ ଆସିଥିଲେ । କଲିକତା ବିଶ୍ୱବିଦ୍ୟାଳୟର କୁଳପତି, ଭାରତର କେତେକ ବିଶିଷ୍ଟ ଶିକ୍ଷାବିତ୍, ଓଡ଼ିଶା ଗଡ଼ଜାତର ରାଜନ୍ୟ ବୃନ୍ଦ, ବିଶିଷ୍ଟ ବୁଦ୍ଧିଜୀବୀ, ସାହିତ୍ୟିକ ଓ କଳାକାରମାନେ ବିଭିନ୍ନ ସମୟରେ ସତ୍ୟବାଦୀ ପୀଠକୁ ଆଗମନ କରୁଥିଲେ । ଗୋଦାବରୀଶ ସେମାନଙ୍କ ସହ ପରିଚିତ ହେବାର ଅବକାଶ ପ୍ରାପ୍ତ ହୋଇଥିଲେ ।

ଉଭୟ ଶାରୀରିକ ଓ ମାନସିକ ଶ୍ରମଦାନରେ ନିଜକୁ ନିୟୋଜିତ ରଖି ଦୀର୍ଘ ଛଅବର୍ଷ (୧୯୧୩-୧୯୧୯) ଗୋଦାବରୀଶ ସତ୍ୟବାଦୀ ପୀଠରେ କଟାଇ ଦେଲେ । ୨୭ ବର୍ଷ ବୟସରେ ସେ ଏଠାକୁ ଆସିଥିଲେ । ଗୋପବଂଧୁଙ୍କ ଆଗ୍ରହ, ଅନୁରୋଧ ଓ ପରାମର୍ଶକୁ ଶିରୋଧାର୍ଯ୍ୟ ମନେକରି ସତ୍ୟବାଦୀର ମାୟା, ମମତା ତୁଟାଇଲା ବେଳକୁ ସେ ତେତିଶି ବର୍ଷରେ ପଦାର୍ପଣ କରୁଥିଲେ । ସତ୍ୟବାଦୀ ଛାଡ଼ି ସେ ଯାତ୍ରାକଲେ ସୁଦୂର ସିଂହଭୂମିକୁ । ସିଂହଭୂମିର ଚକ୍ରଧରପୁର ହେଲା ତାଙ୍କର କର୍ମଧାରାର କେନ୍ଦ୍ରସ୍ଥଳୀ । ଏହାଥିଲା ବିହାରକୁ ଲାଗିଥିବା ଓଡ଼ିଶାର ଉପାନ୍ତ ଅଞ୍ଚଳ । ଏଠାରେ ଓଡ଼ିଶା ଭାଷା-ସାହିତ୍ୟ ଓ ସଂସ୍କୃତିର ପ୍ରସାର ସଂଗେ ସଂଗେ ଓଡ଼ିଆମାନଙ୍କ ମଧ୍ୟରେ ଜାତୀୟତାର ଜାଗରଣ ଥିଲା ତାଙ୍କର ସର୍ବପ୍ରଧାନ କର୍ତ୍ତବ୍ୟ । ସେଥିପାଇଁ ସତ୍ୟବାଦୀ ଢ଼ାଞ୍ଚାରେ ଏକ ଜାତୀୟ ବଦ୍ୟାଳୟର ପ୍ରତିଷ୍ଠା ଓ ପରିଚାଳନାର ପ୍ରତ୍ୟକ୍ଷ ଦାୟିତ୍ୱ ତାଙ୍କୁ ବହନ କରିବାକୁ ହେଲା । ସେ ସପରିବାର ସେଠାରେ ଅବସ୍ଥାନ କଲେ ।

୧୯୧୧ର ଜନଗଣନା ଅନୁଯାୟୀ ସିଂହଭୂମି ଜିଲ୍ଲାର ସମୁଦାୟ ୬, ୯୪, ୩୯୪ ଲୋକ ସଂଖ୍ୟାରୁ ୧,୨୪,୫୯୩ ଜଣ ଥିଲେ ଓଡ଼ିଆ । ୧୯୨୧ରେ ଏମାନଙ୍କ ସଂଖ୍ୟା ହେଲା ୧,୪୦,୮୨୧ । ୧୯୩୧ ରେ ଏହା ପୁନଶ୍ଚ ବୃଦ୍ଧିପାଇ ୧,୭୧, ୮୮୭ ରେ ପହଞ୍ଚିଥିଲା । ଏମାନଙ୍କ ମଧ୍ୟରେ ଆତ୍ମସଚେତନତା ଜାଗ୍ରତ କରି ଜାତୀୟ ଜୀବନ ସ୍ରୋତରେ ଏମାନଙ୍କୁ ସାମିଲ୍ କରିବା ପାଇଁ ଗୋଦାବରୀଶଙ୍କୁ ଅହରହ ଉଦ୍ୟମ କରିବାକୁ ପଡ଼ିଥିଲା । ପ୍ରାରମ୍ଭିକ ସ୍ତରରେ ସେ ଓଡ଼ିଆଙ୍କ ବ୍ୟତୀତ ମାରୱାଡ଼ୀ ଓ ଗୋରା ସଂପ୍ରଦାୟରୁ ପ୍ରଭୂତ ଉତ୍ସାହ ଓ ସାହାଯ୍ୟ ପାଇଥିଲେ । ଓଡ଼ିଆ ଜାଗରଣ କ୍ରମଶଃ ପ୍ରସାର ଲାଭ କରିବା କ୍ଷେତ୍ରରେ ଗୋଦାବରୀଶଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱ ଯଥେଷ୍ଟ ପ୍ରଭାବଶାଳୀ ହୋଇଥିଲା । ଫଳରେ ୧୯୨୦ରେ ଚକ୍ରଧରପୁରଠାରେ ଉତ୍କଳ ସମ୍ମିଳନୀର ଏକ ଅଧିବେଶନ ଅନୁଷ୍ଠିତ ହୋଇ ପାରିଥିଲା । କେତେକ ରାଜନୈତିକ ଚକ୍ରାନ୍ତ ଓ ଘଟଣା ଯୋଗୁଁ ଏହାର ପ୍ରଭାବ ଦୀର୍ଘସ୍ଥାୟୀ ହୋଇ ନ ଥିଲା ।

ଏହି ସମୟରେ ମହାତ୍ମାଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ ତରଫରୁ ଅସହଯୋଗର ଆହ୍ୱାନ ସମଗ୍ର ଭାରତରେ ଖେଳିଗଲା । ଗୋଦାବରୀଶଙ୍କର ବହୁଶ୍ରମ ଓ ସ୍ୱେଦରେ ଗଢ଼ାଯାଇଥିବା ବିଦ୍ୟାଳୟଟି ଠିକ୍ ସରକାରୀ ମଂଜୁରୀ ପାଇବାକୁ ଗଲାବେଳେ ତାହାକୁ

ଗ୍ରହଣ କରାଗଲା ନାହିଁ । ବିଦ୍ୟାଳୟଟି ଜାତୀୟବିଦ୍ୟାଳୟ ଘୋଷିତ ହେବା ପରେ ଗୋଦାବରୀଶ କଂଗ୍ରେସ କାର୍ଯ୍ୟକ୍ରମରେ ଝାସ ଦେଲେ । ଅସହଯୋଗ ଆନ୍ଦୋଳନ ଚଳାଇ ଯିବା ସହଜ ନଥିଲା । ସରକାରୀକଳ ଏହା ବିରୁଦ୍ଧରେ ସକ୍ରିୟ ହୋଇଉଠିଥିଲା । ସେଥିପାଇଁ ଗୋଦାବରୀଶଙ୍କୁ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିଥିଲା । ପ୍ରଥମେ ପ୍ରଥମେ ସଭାସମିତି କରିବା ଓ ସେଥିପାଇଁ ଚାନ୍ଦା ଆଦାୟ କିଛିଦିନ ଚଳିଲା । ପରେ ଇଂରେଜ ସରକାରର କୋପଦୃଷ୍ଟିକୁ ଭୟକରି ଧନୀ ଓ ପ୍ରଭାବଶାଳୀ ବ୍ୟକ୍ତିମାନେ ଆଉ ଧରାଛୁଆଁ ଦେଲେ ନାହିଁ । ଏହା ସତ୍ତ୍ୱେ ୧୯୨୧ ମସିହା ତକ ଗୋଦାବରୀଶ ସଭାକରି ଲୋକମାନଙ୍କୁ ସ୍ୱରାଜ ବାର୍ତ୍ତାରେ ଉଦ୍‌ବୁଦ୍ଧ କରିବାକୁ ଲାଗିଲେ । ପୋଲିସ୍‌ର ଗୁପ୍ତ ରିପୋର୍ଟ ମିଳିଥିଲେ ହେଁ ତାଙ୍କର ଅପାର ଲୋକପ୍ରିୟତାକୁ ଭୟକରି ତତ୍କାଳୀନ ଗୋରା କମିଶନର ଗୋଦାବରୀଶଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କରି ପାରିଲେ ନାହିଁ ।

କଂଗ୍ରେସ ବାର୍ତ୍ତା ପ୍ରଚାର କରିବା ପାଇଁ ଗୋଦାବରୀଶଙ୍କୁ କାୟମନୋବାକ୍ୟରେ ବହୁଶ୍ରମ ସ୍ୱୀକାର କରିବାକୁ ହୋଇଥିଲା । କେବଳ ଗୋପବଂଧୁଙ୍କ ନିର୍ଦ୍ଦେଶକୁ ମାନ୍ୟତା ଦେଇ ଯେ ସେ ଏଭଳି ଦାୟିତ୍ୱ ନିଜ କାନ୍ଧକୁ ଟେକି ନେଇଥିଲେ ତାହା ନୁହେଁ, ସେ ସର୍ବ ଭାରତୀୟ ଜାତୀୟତାବୋଧରେ ଗଭୀର ଭାବେ ଅନୁପ୍ରାଣିତ ହୋଇଥିଲେ । ମହାତ୍ମା ଗାନ୍ଧିଙ୍କର ନେତୃତ୍ୱ, ଆହ୍ୱାନ ଓ ସ୍ୱାଧୀନତାପ୍ରାପ୍ତିର ବଳବତୀ ଆକାଂକ୍ଷା ଜାତୀୟ ଆନ୍ଦୋଳନରେ ଏକାକାର ହେବା ଲାଗି ତାଙ୍କୁ ମନେ ପ୍ରାଣେ ଉଦ୍‌ବୁଦ୍ଧ କରିଥିଲା । କର୍ମୀମାନଙ୍କୁ ସାଙ୍ଗରେ ଧରି ସିଂହଭୂମି ଜିଲ୍ଲାର ଗାଆଁକୁ ଗାଆଁ ଯାଇ ସେ ଜନସଭାରେ ଉଦ୍‌ବୋଧନ ଦେବାକୁ ଲାଗିଲେ । ସେ ସ୍ୱଭାବତଃ ଥିଲେ ସୁବକ୍ତା । ଜାତୀୟ ସମସ୍ୟା, ଇଂରେଜ ସରକାରର ସ୍ଥିତି-ପ୍ରବୃତ୍ତି, ଦେଶର ଅବସ୍ଥା ଓ ଜନସାଧାରଣଙ୍କ କର୍ତ୍ତବ୍ୟ ବିଷୟରେ ସରସ ଓ ସରଳ ଉଦାହରଣ ଦେଇ ସେ ଏପରି କହୁଥିଲେ ଯେ ଗୋଟିଏ ସ୍ଥାନରେ ସଂଧ୍ୟାବେଳେ ସଭାକାର୍ଯ୍ୟ ଶେଷ ହେଲେହେଁ ଲୋକେ ପୁଣି ଶୁଣିବା ପାଇଁ ଅତି ଆଗ୍ରହ ପ୍ରକାଶ କରିବାରୁ ପରିଦିନ ସକାଳେ ସଭା କରିବାକୁ ସେ ବାଧ ହେଉଥିଲେ । ସେଥିଯୋଗୁଁ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ରେଳ ଯୋଗେ ଯାଇ ସଭାକାର୍ଯ୍ୟ କରିବା ଅସମ୍ଭବ ହେବାରୁ ସାଇକେଲ୍‌ରେ କିମ୍ବା ଚାଲି ଚାଲି ଯାଇ ସେଠାରେ ତାଙ୍କୁ ପହଞ୍ଚିବାକୁ ପଡୁଥିଲା । ହଳ ହୋଇ ଟେକା ଉଠିଥିବା ଗହୀରବିଲ ମଝିରେ ମାଇଲ୍ ମାଇଲ୍ ବାଟ ସାଇକେଲ କାନ୍ଧେଇ ସେ ସଭାସ୍ଥଳରେ ପହଞ୍ଚୁଥିଲେ । ଥରେ ଅବସ୍ଥା ଏପରି ହୋଇଥିଲା ଯେ ଜ୍ୱରଜନିତ ଦୁର୍ବଳତା ହେତୁ ଯାତ୍ରାପଥରେ ସେ ସଂଜ୍ଞା ହରାଇ ଗଡ଼ି ପଡ଼ିଥିଲେ । ତାଙ୍କ ବଂଗଳା ଚଟାଣରେ ବିଛାଯାଇଥିବା ଶତରଂଜି ଘୋଡ଼ି ହୋଇ ସେ ଜର ଓ କଂପରୁ ରକ୍ଷା ପାଇଥିଲେ ।

୧୯୨୦-୨୧ ବେଳକୁ ସ୍ୱାଧୀନତା ଆନ୍ଦୋଳନ ଜନସମାଜରେ ଯେଉଁ ଉତ୍ସାହ ଉନ୍ମାଦନା ସୃଷ୍ଟି କରିଥିଲା, ସରକାରର ଉଗ୍ର ଦମନ ନୀତି ଯୋଗୁଁ ସେଥିପ୍ରତି ମୁକ୍ତ ଜନ ସମର୍ଥନ ରହିଲା ନାହିଁ । ଦୈନନ୍ଦିନ ଆବଶ୍ୟକତା ମେଣ୍ଟାଇବା ପାଇଁ ଗୋଦାବରୀଶଙ୍କୁ ନିଜର ଆସବାବପତ୍ର ବିକ୍ରୀ କରିବାକୁ ହେଲା । ଘୋଡ଼ିହେବା କଂବଳ ପର୍ଯ୍ୟନ୍ତ ବିକ୍ରୀ

ହୋଇଯିବାରୁ ପିଲା ପରିବାର ଧରି ସିଂହଭୂମିରେ ଚଳିବା ତାଙ୍କ ପକ୍ଷରେ ଅସମ୍ଭବ ହୋଇ ପଡ଼ିଲା । ପ୍ରଥମେ ସେମାନଙ୍କୁ ସ୍ୱଗ୍ରାମ ବାଣପୁରର ଶ୍ରୀନିବାସପୁର-ଗୃହକୁ ପଠାଇ ଦେଇ ପରେ ସେ ନିଜେ ସେଠାରୁ ବିଦାୟ ନେଇ ଆସିଲେ । ତାଙ୍କର ତ୍ୟାଗପୂତ କର୍ମମୟ ଜୀବନର ଅନ୍ୟତମ ଅଧ୍ୟାୟ ଏହିଠାରେ ଶେଷ ହେଲା । ପୁନର୍ବାର ସତ୍ୟବାଦୀରେ ଶିକ୍ଷକତାର ଆମନ୍ତ୍ରଣ ତାଙ୍କୁ ମିଳିଥିଲେ ହେଁ ସେ ନୀରବତା ମାଧ୍ୟମରେ . ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ ।

ଜନ୍ମମାଟି ବାଣପୁରକୁ ଫେରି ନୂତନ କର୍ମଯୋଜନାରେ ସେ ନିଜକୁ ନିୟୋଜିତ କରିବାକୁ ଉଦ୍ୟତ ହେଲେ । ପୈତୃକ ଗୃହଟି ମରାମତି ଅଭାବରୁ ଜୀର୍ଣ୍ଣପ୍ରାୟ ହୋଇଥିଲା । ଶାଳିଆ ନଈ ଓ ଘଣ୍ଟଶିଳା ପାହାଡ଼ କଡ଼ରେ ରାସ୍ତାକୁ ଲାଗି ତାଙ୍କର ଜମିଟିଏ ଥିଲା । ଧାର ଉଧାର କରି ସେଇଠି ସେ ଚାଳିଘର ଖଣ୍ଡେ ଠିଆ କରାଇଲେ । ପିଲାମାନେ ରହିଲେ ଗାଆଁ ଘରେ, ସେ ରହିଲେ ଏଇଠି । ଅର୍ଥାଭାବ ଥିଲା ଉତ୍କଟ । ଦିନେ ଦିନେ ଉପାସରେ ରହିବାକୁ ହେଲା ତାଙ୍କୁ । ପାଖରେ ଥିବା ତାଳଗଛରୁ ତଳକୁ ଝଡ଼ି ପଡ଼ିଥିବା ତାଳକୁ ପୋଡ଼ି ସେ କିଛିଦିନ ଖାଦ୍ୟାଭାବ ମେଣ୍ଟାଇଲେ । ସେହି ନିର୍ଜନ ନିବାସରେ ବସି ସେ ସାହିତ୍ୟ ରଚନାରେ ମଗ୍ନ ରହୁଥିଲେ । ସଙ୍ଗୀ ଭାବରେ ଥିବା ଯୁବକ ସୁଦର୍ଶନ ବେଳେ ବେଳେ ଅର୍ଥ ଓ ଖାଦ୍ୟ ସନ୍ଧାନରେ ଚାଲିଯାଉଥିଲା । ଥରେ ୨/୩ ଦିନ ଧରି ସୁଦର୍ଶନ ଫେରିଲା ନାହିଁ । ଗୋଦାବରୀଶ ଭିତରୁ କବାଟ ଦେଇ ଲେଖା ଲେଖି କରୁଥାନ୍ତି, କବାଟ ଠେଲିବା ଶବ୍ଦ ହେଲା । ସୁଦର୍ଶନ ଫେରିଛି ଭାବି ସେ କବାଟ ଖୋଲି ଦେଲେ । ସୁଦର୍ଶନ ତ ନଥିଲା, ଥିଲା ଏକ କଲରା ପତରିଆ ବାଘ । ଭାଗ୍ୟେ ସେ ମୁହଁ ପଛକୁ କରି ଫେରି ଯାଉଥିଲା ।

ଏହି ଅବସ୍ଥା କିଛିଦିନ ଧରି ଚଳିବା ପରେ ବ୍ରହ୍ମପୁରରୁ ଦଶଟଙ୍କା ମନିଅର୍ଡର ସହ ସେଠାକୁ ତୁରନ୍ତ ଯିବା ପାଇଁ ଅନୁରୋଧ-ପତ୍ର ପହଞ୍ଚିବାରୁ ସେ ନିର୍ଜନବାସ ତ୍ୟାଗ କଲେ । ସେତେବେଳେ (୧୯୨୨) ଓଡ଼ିଆ ପାଠ୍ୟପୁସ୍ତକ ରଚନା ଓ ପ୍ରକାଶନକୁ ଖୁବ୍ ଆବଶ୍ୟକ ମନେ କରାଯାଇ ସେହି ଅନୁସାରେ ଉଦ୍ୟମ ଚଳୁଥାଏ । ବ୍ରହ୍ମପୁରର ଏକ ପୁସ୍ତକ ପ୍ରକାଶନ ସଂସ୍ଥାଙ୍କ ପାଇଁ ଯୁଗୋପଯୋଗୀ ପାଠ୍ୟପୁସ୍ତକ ରଚନାରେ ନିଜକୁ ନିବିଷ୍ଟ ରଖିବାରୁ ଗୋଦାବରୀଶଙ୍କର କିଛି ଅର୍ଥଲାଭ ହେଲା । ସେ ବାଣପୁର ଫେରି ଆସିଲେ ।

ତାଙ୍କର ଜନ୍ମସ୍ଥଳୀ ବାଣପୁର ୧୯୨୨-୨୩ ବେଳକୁ ଅତ୍ୟନ୍ତ ଅନୁନ୍ନତ ଓ ଅବହେଳିତ ଅବସ୍ଥାରେ ଥିଲା । ଏହା କୌଣସି ରାଜ୍ୟ ବା ଜମିଦାରୀର ଅନ୍ତର୍ଭୁକ୍ତ ନ ହୋଇ ସରକାରଙ୍କର ଖାସ୍ ମାହାଲ ଥିଲା । ସରକାରୀ କର୍ମଚାରୀଙ୍କର ମନମୁଖି ଶାସନ ଏଠି ଚଳୁଥିଲା । ଗୋଦାବରାଶ ତାଙ୍କ ଛାତ୍ର ଜୀବନରେ ବହୁବାର ଏହାର ବିରୋଧ କରି ନ୍ୟାୟ ହାସଲ କରିଥିଲେ । ବାଣପୁରର ଶିକ୍ଷା-ବ୍ୟବସ୍ଥା ସେହି ମଧ୍ୟଇଂରାଜୀ ବିଦ୍ୟାଳୟକୁ ଧରି ସୀମିତ ଥିଲା । କେବଳ ରଘୁନାଥ ମହାପାତ୍ରଙ୍କ ଉଦ୍ୟମ କ୍ରମେ ଏକ ଜାତୀୟ ବିଦ୍ୟାଳୟ ଅନୁଷ୍ଠିତ ହୋଇ ପାରିଥିଲା । ଶିକ୍ଷକମାନେ ଦରମା ନେଉ ନ ଥିଲେ । ଛାତ୍ରମାନେ ପ୍ରତିଦିନ ଭିକ୍ଷା କରୁଥିଲେ । ଲୁଗାବୁଣା ଓ ସୂତାକଟା ସହିତ ବିଦ୍ୟାଭ୍ୟାସ ଚାଲିଥିଲା । ପ୍ରଗତି ଥିଲା ମନ୍ଥର । ଗୋଦାବରୀଶ ଜାତୀୟ ବିଦ୍ୟାଳୟଟିକୁ ଶାଳିଆ ନଈ ଓ ଘଣ୍ଟଶିଳା ପାହାଡ଼

କଡ଼ ନିଜ ଆଶ୍ରମ ପାଖକୁ ଉଠାଇ ଆଣିଲେ । ରବୀନ୍ଦ୍ର ନାଥ ମଜୁମଦାର ନାମକ ଜଣେ ସଦାଶୟ ରୁଚିସଂପନ୍ନ ଯୁବ ବଙ୍ଗାଳୀ କାଠ ବ୍ୟବସାୟୀଙ୍କୁ ଜାତୀୟ ବିଦ୍ୟାଳୟର ଦାୟିତ୍ୱ ନ୍ୟସ୍ତ କରି ଗୋଦାବରୀଶ ସୁବିବେଚନାର କାର୍ଯ୍ୟ କରିଥିଲେ । ରଘୁନାଥ ମହାପାତ୍ର, ଲିଙ୍ଗରାଜ ପଟ୍ଟଯୋଷୀ, ଦୟାନିଧି ମିଶ୍ର, ସୁଦର୍ଶନ ପାଣିଗ୍ରାହୀ, ଗୋଦାବରୀଶ ମହାପାତ୍ର (ଗୋଦାବରୀଶଙ୍କର ସତ୍ୟବାଦୀ-ଛାତ୍ର, ଯଶସ୍ୱୀ କବି ଓ ସାହିତ୍ୟକାର ତଥା ସ୍ୱନାମଧନ୍ୟ ସତ୍ୟଧର୍ମୀ ବ୍ୟଙ୍ଗ-ପତ୍ରିକା 'ନିଆଁଖୁଣ୍ଟା'ର ଅବିସ୍ମରଣୀୟ ସ୍ରଷ୍ଟା-ସଂପାଦକ) ପ୍ରମୁଖଙ୍କର ସହଯୋଗ ପାଇବାରୁ ସେ ବାଣପୁର ବାସୀଙ୍କର ଦାରିଦ୍ର୍ୟ ମୋଚନ ସଂକଳ୍ପରେ ଏକ ସହଯୋଗ ସମିତି ଗଠନ କଲେ । ସେ ସଭାପତି ରହିଲେ । ଏହି ସମିତି ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଏକ ଶାଖା ଭାବରେ କାର୍ଯ୍ୟ କଲା । ନାମ ରହିଲା 'ବାଣପୁର ସହଯୋଗ ସମିତି'। କୃଷି ଓ ଶିଳ୍ପ ଉଭୟର ବିକାଶ ହେଲା ପ୍ରଧାନ ଲକ୍ଷ୍ୟ । ପ୍ରତ୍ୟେକ ସଭ୍ୟ ଦଶଏକର ଲେଖାଏଁ ଜମି ପାଇ ଚାଷ କଲେ । ହଳିଆ ମୂଲିଆ ଲୋକେ ଦୈନିକ ମଜୁରୀ ପାଇଲେ । ଶିଳ୍ପ କାରଖାନା ପାଇଁ ବଡ଼ ବଡ଼ ଘର ତିଆରି ହୋଇ ଦିଆସିଲି ଉତ୍ପାଦନ ଆରମ୍ଭ ହୋଇଗଲା । ପ୍ରଚୁର ବିକ୍ରୀ ହେଲା । ଦିନରାତି ଲୋକେ କାମ କଲେ ।

ଗୋଦାରହୀଶ ବୟନ ସମିତି ଗଠନ କରି ସୂତାକଟା ଓ ଲୁଗାବୁଣା ଆରମ୍ଭ କରିଦେଲେ । ଗୋଦାବରୀଶ ମହାପାତ୍ର ଏଥିପାଇଁ ସ୍ୱତନ୍ତ୍ର ଟ୍ରେନିଂ ଲାଭ କରି ଏଥିରେ ଯୋଗ ଦେବାପରେ ବିଭିନ୍ନ ପ୍ରକାର ଲୁଗା ଓ ଗାମୁଛା ଏଠାରୁ ବୁଣାଯିବାରୁ ସମଗ୍ର ବାଣପୁରରେ ଏ ସବୁର ଆଦର ବଢ଼ିଲା, ଲୁଗା ବାହାରକୁ ବିକ୍ରୀ ପାଇଁ ପଠା ଯାଇ ପାରିଲା ।

ସହଯୋଗ ସମିତି ଭଲରୂପେ ଚଳି ଆସିଲା ବେଳକୁ ସରକାରଙ୍କ ବିଷଦୃଷ୍ଟିରେ ଏହା ଭାଙ୍ଗି ପଡ଼ିଲା । ହିସାବ ପତ୍ରରେ ଥିବା କେତେକେ ଦୋଷତ୍ରୁଟି ଦର୍ଶଯାଇ ସରକାରଙ୍କ ପକ୍ଷରୁ ମୋକଦ୍ଦମା କରାଗଲା । ଯେ କୌଣସି ମତେ ଗୋଦାବରୀଶଙ୍କୁ ଦଣ୍ଡିତ କରିବାର ବ୍ୟବସ୍ଥା ଖୋଜାଗଲା । ସମିତିର ସଭ୍ୟମାନେ କ୍ଷତିପୂରଣ ଟଙ୍କା ଦେଇ ରକ୍ଷା ପାଇଲେ, ଗୋଦାବରୀଶ କିନ୍ତୁ ଜେଲ୍ ଗଲେ । ବାଣପୁରର ଉନ୍ନତି ଲାଗି ଗୋଦାବରୀଶଙ୍କର ସଦୁଦ୍ୟମ ବ୍ୟର୍ଥ ହେବା ବିଷୟ ବାଣପୁରବାସୀ ମର୍ମେ ମର୍ମେ ଉପଲବ୍ଧି କଲେ । ଜାତୀୟ ବିଦ୍ୟାଳୟ ବନ୍ଦ ହୋଇଗଲା, ବୟନ ଶିଳ୍ପର ଯନ୍ତ୍ରପାତି କଳଙ୍କି ଲାଗି ନଷ୍ଟ ହୋଇଗଲା ।

କଥାରେ ଅଛି, 'ଯେ ମାଆକୁ ଚିହ୍ନି ନାହିଁ ସେ କାହାକୁ ଚିହ୍ନି ନାହିଁ । ଗୋଦାବରୀଶ କିନ୍ତୁ ଜନ୍ମମାଟିକୁ ଭାରି ଭଲ ପାଉଥିଲେ ଓ ବାଣପୁର ଲାଗି ଅନେକ ପରିକଳ୍ପନା କରିଥିଲେ । ବାଣପୁର ଲୋକଙ୍କର ସେ ସାହା ଭରସାର କେନ୍ଦ୍ରଥିଲେ । ସରକାରୀ କର୍ମଚାରୀଙ୍କ ଦ୍ୱାରା ଉତ୍ପୀଡ଼ିତ ହେଲେ ଲୋକେ ଗୋଦାବରୀଶଙ୍କ ଶରଣ ନେଉଥିଲେ । ଗୋଦାବରୀଶ ନିଜେ ଆର୍ଥିକ ସଂକଟରେ ପଡ଼ିଥିଲେ ବି ଅନ୍ୟ ମାନଙ୍କୁ ସାହାଯ୍ୟ କରିବାକୁ ଆଗଭର ହେଉଥିଲେ । ଗାଆଁ ମାନଙ୍କରେ କିଛି ଗଣ୍ଡଗୋଳ ବା ମନୋମାଳିନ୍ୟ ଘଟିଲେ ଲୋକେ ଗୋଦାବରୀଶଙ୍କ ନିରପେକ୍ଷ ନ୍ୟାୟ ବିଚାରକୁ ମାନି ନେଉଥିଲେ ।

ବାଣପୁର ଭିତର ଦେଇ ଗୋଦାବରୀଶ ସମଗ୍ର ରାଜ୍ୟକୁ ଚିହ୍ନିଥିଲେ । ସବୁଠାରେ ଚଳାଚଳରେ ଅସୁବିଧା ଥିବା, ଲୋକେ ଗରିବ, ଅଶିକ୍ଷିତ ଓ ସେଥିପାଇଁ ଅନୁନ୍ନତ ଥିବା

ବିଷୟ ସେ ଗଭୀର ଭାବେ ଅନୁଧ୍ୟାନ କରିଥିଲେ । ଜନ ସାଧାରଣଙ୍କର ଅଭାବ, ଅସୁବିଧା ଓ ସମସ୍ୟାଗୁଡ଼ିକ ଜନସାଧାରଣଙ୍କ ଦୃଷ୍ଟିକୁ ଆଣିବା ପାଇଁ ୧୯୨୪ରେ ସେ 'ଲୋକ ମୁଖ' ନାମକ ସାପ୍ତାହିକ ପତ୍ରିକାଟିଏ ପ୍ରକାଶ କରିଥିଲେ । ପୁର ପଲ୍ଲୀରେ ଏହାର ଖୁବ୍ କାଟ୍‌ତି ହେଲା । ସରକାରୀ ହାକିମ ପ୍ରମାଦ ଗଣିଲେ । ଗୋଦାବରୀଶ ସେଥିରେ ଯେଉଁ ସଂପାଦକୀୟ ଲେଖୁଥିଲେ ତାହା ଥିଲା ଯେପରି ସରଳ, ସେହିପରି ହୃଦୟସ୍ପର୍ଶୀ । ପତ୍ରିକାଟି ଆଠମାସ ଚଳିବା ପରେ ବନ୍ଦ ହୋଇ ଯାଇଥିଲା ।

ପ୍ରତ୍ୟେକ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଓ ଜନମଙ୍ଗଳ କାର୍ଯ୍ୟ ପାଇଁ ଜିଲ୍ଲା ଓ ଲୋକାଲ ବୋର୍ଡ଼ ଗଠିତ ହୋଇଥିଲା । ଗୋଦାବରୀଶ ବାଣପୁରରର ପୁରୀ ଜିଲ୍ଲାର ଉଭୟ ଜିଲ୍ଲା ଓ ଲୋକାଲ ବୋର୍ଡ଼ର ସଭ୍ୟ ହୋଇଥିଲେ । ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ସେ ନିଜେ ବିଭିନ୍ନ ଅଞ୍ଚଳରେ ବୁଲିବୁଲି ଦେଖୁଥିଲେ ଓ ଆବଶ୍ୟକ ଉନ୍ନତି ବିଧାନ କରୁଥିଲେ । ସେ ମଧ୍ୟ ପାଟନା ବିଶ୍ୱବିଦ୍ୟାଳୟର ସିନେଟ୍ ସଭ୍ୟ ମନୋନୀତ ହୋଇଥିଲେ । ତାଙ୍କର ବିଜ୍ଞ ଓ ବିଚାରବନ୍ତ ତଥା ଗଠନମୂଳକ ପରାମର୍ଶ ଯୋଗୁଁ ବିଶ୍ୱବିଦ୍ୟାଳୟର ଅନେକ ସମସ୍ୟାର ସନ୍ତୋଷଜନକ ସମାଧାନ ଘଟିବାରୁ ସେ ସେଠାରେ ସମ୍ମାନାସ୍ପଦ ହୋଇଥିଲେ ।

ଗୋଦାବରୀଶଙ୍କ କୃତିତ୍ୱ ଓ ବ୍ୟକ୍ତିତ୍ୱ ଓଡ଼ିଶା ତଥା ଭାରତରେ ବେଶ୍ ଜଣାଶୁଣା ହୋଇଥିଲା । ଅର୍ଥ ତୋଷର ପାତର ମିଥ୍ୟା ଅଭିଯୋଗରେ ସେ ଜେଲ୍‌ଦଣ୍ଡ ଭୋଗିବା ବିଷୟରେ କାହାରି ସନ୍ଦେହ ନଥିଲା । ଏହା ପରିଷ୍କାର ଜଣାଗଲା ସେ ୧୯୨୪ରୁ ବିହାର-ଓଡ଼ିଶା ବ୍ୟବସ୍ଥା ପରିଷଦର ସଭ୍ୟ ବିର୍ବାଚିତ ହେବା ଘଟଣାରୁ । ୧୯୨୭ରେ ଏକ ଚକ୍ରାନ୍ତମୂଳକ ମୋକଦ୍ଦମାରେ ଅଭିଯୁକ୍ତ ହୋଇ ସେ ଜେଲ୍ ଯାଇଥିଲେ ; ମାତ୍ର ପରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇ ଅଭିଯୋଗ-ମୁକ୍ତ ହୋଇଥିଲେ ।

ଗୋଦାବରୀଶ ତ୍ୟାଗ, ସାଧନା ଓ କର୍ମପ୍ରବଣତା ଯୋଗୁଁ ସମଗ୍ର ବାଣପୁରର ମୁଖ ଉଜ୍ଜ୍ୱଳ କରିଥିଲେ । ବାଣପୁରର ସେ ହୋଇଥିଲେ ବାପମାଆ । ସେଥିପାଇଁ ସେ ବିହାର-ଓଡ଼ିଶା ବିଧାନ ପରିଷଦର ସଭ୍ୟଥିଲା ବେଳେ ବାଣପୁରବାସୀ ତାଙ୍କୁ ଉଚ୍ଛ୍ୱସିତ ସଂବର୍ଦ୍ଧନା ଜ୍ଞାପନ କରିଥିଲେ । ବାଣପୁରର ସମସ୍ତଙ୍କ ଘରର ଦ୍ୱାରଦେଶରେ ପୂର୍ଣ୍ଣକୁମ୍ଭ ସ୍ଥାପିତ ହୋଇଥିଲା । ଗୋଦାବରୀଶ ସଭାମଣ୍ଡପକୁ ଆସିଲାବେଳେ ନାରୀମାନେ ହୁଳହୁଳି ଦେଇଥିଲେ । ଅଜସ୍ର ଫୁଲ ହାର ଦେଇ ସ୍ୱତଃସ୍ଫୂର୍ତ୍ତ କୃତଜ୍ଞତା ଜଣାଇଥିଲେ । ଗୋଦାବରୀଶ ସେଦିନ ଯେଉଁ ପ୍ରାଣସ୍ପର୍ଶୀ ବକ୍ତୃତା ଦେଇଥିଲେ ତାହା ବାଣପୁରବାସୀଙ୍କ ହୃଦୟରେ ଲେଖି ହୋଇ ଯାଇଥିଲା । ବାଣପୁରର ଲୋକପ୍ରିୟତା ତାଙ୍କ ଶେଷ ଜୀବନ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ଥିଲା । ଦେଶ ସ୍ୱାଧୀନ ହେବାପରେ ସେ ଯେତେଥର ବିଧାନ ସଭାରେ ବାଣପୁରର ପ୍ରତିନିଧିତ୍ୱ କରିବାକୁ ମନ ବଳାଇଛନ୍ତି ବାଣପୁରବାସୀ ବିନାଦ୍ୱିଧାରେ ସେତେଥର ତାଙ୍କୁ ଜୟମାଲ୍ୟ ପିନ୍ଧାଇଛନ୍ତି ।

ଗୋଦାବରୀଶଙ୍କ ଆହ୍ୱାନକ୍ରମେ ୧୯୨୭ରେ ମହାତ୍ମାଗାନ୍ଧି ବାଣପୁରରେ ପଦାର୍ପଣ କରିଥିଲେ । ସରକାରୀ ହାକିମଙ୍କର କୌଣସି କଟକଣା ନମାନି ହଜାର ହଜାର ଲୋକ ମହାତ୍ମାଗାନ୍ଧିଙ୍କୁ ଦେଖିବାକୁ ବାଲୁଙ୍କେଶ୍ୱର ତୋଟାରେ ସମବେତ ହୋଇଥିଲେ । ଗାନ୍ଧି

ଭାଷଣ ଦେଇ ସାରି ସେଦିନ ଗୋଦାବରୀଶଙ୍କର ଗୋବରଲିପା ମାଟିଘରେ ଅତିଥି ହୋଇଥିଲେ । ଫଳମୂଳ ଭୋଜନରେ ସନ୍ତୁଷ୍ଟ ହୋଇଥିଲେ । ଗୋଦାବରୀଶଙ୍କ ସହ ତାଙ୍କର ଭାବାଳାପରେ ସେ ମୁଗ୍ଧ ହୋଇଥିବା ଜଣାଯାଇଥିଲା ।

ବାଣପୁରରେ ଶିକ୍ଷା ବିସ୍ତାର ଲାଗି ଗୋଦାବରୀଶଙ୍କର ଅବଦାନ ଏକାନ୍ତ ସ୍ମରଣୀୟ । ପୂର୍ବରୁ ଚଳିଆସୁଥିବା ମଧ୍ୟଇଂରାଜୀ ବିଦ୍ୟାଳୟକୁ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ କରି ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ଗଢ଼ିବା ଥିଲା ତାଙ୍କର ବହୁଦିନର ସ୍ୱପ୍ନ । ପ୍ରଥମେ ନିଜଘରେ ଅଷ୍ଟମ ଶ୍ରେଣୀ ଖୋଲିବାପରେ ବାଲୁଙ୍କେଶ୍ୱର ମନ୍ଦିର ପାଖରେ ସ୍କୁଲଘର ସେ ତୋଳାଇଲେ । ଶ୍ରେଣୀକାର୍ଯ୍ୟ ସତ୍ୟବାଦୀ ବନବିଦ୍ୟାଳୟ ଭଳି ପାଖରେ ଥିବା ଗଛମୂଳେ ଚାଲିଲା । ଦୂରଦୂରାନ୍ତରୁ ବହୁଛାତ୍ର ଏଠାକୁ ପଢ଼ିବାକୁ ଆସିଲେ । ମାୟାଧର ମାନସିଂହ, ଶ୍ୟାମସୁନ୍ଦର ତରାସିଆ, ଶ୍ରୀକୃଷ୍ଣ ମହାନ୍ତି, ଚନ୍ଦ୍ରଶେଖର ମିଶ୍ର, ନୀଳମଣି ମିଶ୍ର, ଶ୍ରୀଧର ଦାସ, ବି, ରଙ୍ଗନାଥନ୍ ପ୍ରମୁଖ ବିଦ୍ୱାନ ଶିକ୍ଷାବିଦ୍‌ଗଣ ଏଠାରେ ପ୍ରଧାନ ଶିକ୍ଷକ ଭାବେ କର୍ମରତ ଥିବାରୁ ବିଦ୍ୟାଳୟଟି ସମଗ୍ର ରାଜ୍ୟରେ ସୁଖ୍ୟାତ ହୋଇଥିଲା ।

# ନେତୃତ୍ୱର ବାଗଡ଼ୋର

ଯଥାଯଥ ଜ୍ଞାନ, ବିଚାରବୁଦ୍ଧି, ତ୍ୟାଗଶୀଳ ପ୍ରବୃତ୍ତି, ସମୂହ ସ୍ୱାର୍ଥସାଧନରେ ଆତ୍ମନିୟୋଗ ତତ୍ପରତା ଓ ବାକ ପଟୁତା ପ୍ରଭୃତି ଯେଉଁ ସମସ୍ତ ସୁଗୁଣ ଥିଲେ ବ୍ୟକ୍ତି ଜନନେତା ଭାବରେ ଶ୍ରଦ୍ଧା ଓ ସମ୍ମାନ ଭାଜନ ହୋଇଥାଆନ୍ତି, ଗୋଦାବରୀଶ ମିଶ୍ରଙ୍କ ଠାରେ ସେଗୁଡ଼ିକର ଏକତ୍ର ସମାବେଶ ଘଟିଥିବାରୁ ସେ ନେତୃତ୍ୱର ବାଗଡୋର ଧାରଣ କରିବାରେ କିଛି ଅସ୍ୱାଭାବିକତା ନ ଥିଲା । ସେ ତାଙ୍କର ଛାତ୍ରାବସ୍ଥାରୁ ଜନଜୀବନର ସମସ୍ୟାମାନଙ୍କ ସହ ଜଡ଼ିତ ହୋଇ ଆସିଥିଲେ । ଦେଶର ରାଜନୈତିକ ଓ ସାମାଜିକ ନେତୃତ୍ୱ ଲାଗି ତାଙ୍କର ସାଧନା ଥିଲା, ତାଲିମ୍ ବି ଥିଲା । ସେଥିଯୋଗୁଁ ଉତ୍କଳମଣି ଗୋପବଂଧୁଙ୍କ ଜୀବଦ୍ଦଶାରେ ସେ ବିହାର-ଓଡ଼ିଶା ବ୍ୟବସ୍ଥା ପରିଷଦର ସଦସ୍ୟ ନିର୍ବାଚିତ ହୋଇଥିଲେ । ୧୯୨୪ ରୁ ୧୯୩୬ ପର୍ଯ୍ୟନ୍ତ ଦୀର୍ଘ ବାରବର୍ଷ ଧରି ସେ ଏହି ପଦ ମଣ୍ଡନ କରିଥିଲେ । ୧୯୨୮ ରେ ଗୋପବଂଧୁଙ୍କର ଅକାଳ ବିୟୋଗ ଫଳରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଲା, ପଣ୍ଡିତ ନୀଳକଂଠ ଓ ପଣ୍ଡିତ ଗୋଦାବରୀଶ ପାରୁପର୍ଯ୍ୟନ୍ତ ଚେଷ୍ଟାକରି ତାହା ପୂରଣ କରିଥିଲେ ।

ରାଜନୈତିକ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିବା ଲାଗି ଗୋଦାବରୀଶଙ୍କୁ କଠୋର ସାଧନା କରିବାକୁ ପଡ଼ିଥିଲା । ସେ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକ ଥିଲା ବେଳେ ବ୍ୟବସ୍ଥାପକ ଗୋପବଂଧୁଙ୍କର ରାଜନୈତିକ କାର୍ଯ୍ୟକଳାପ, ମତ ଓ ସିଦ୍ଧାନ୍ତ ସହ ଘନିଷ୍ଠ ଭାବେ ଜଡ଼ିତ ଥିଲେ । ରାଜନୈତିକ ମାର୍ଗଦର୍ଶନରେ ଏତଦ୍ଦ୍ୱାରା ତାଙ୍କର ଚିନ୍ତାଧାରା ନିର୍ଦ୍ଦିଷ୍ଟ ଓ ଶାଣିତ ହୋଇଥିଲା । ଗୋପବଂଧୁ ବ୍ୟବସ୍ଥାପକ ଭାବରେ ଇଂରେଜମାନଙ୍କର କିଭଳି ସମ୍ମାନ ଭାଜନ ହୋଇଥିଲେ ଗୋଦାବରୀଶ ତାହା ପ୍ରତ୍ୟକ୍ଷ କରିଥିଲେ । ସେ ନିଜେ ବ୍ୟବସ୍ଥାପକ ହେବାପରେ ପୂର୍ବ ଅଭିଜ୍ଞତା ଓ ସ୍ୱକୀୟ ବ୍ୟକ୍ତିତ୍ୱର ପୂର୍ଣ୍ଣ ଉପଯୋଗ କରିବାରୁ ସବୁସ୍ତରରେ ସୁଖ୍ୟାତ ଓ ସମ୍ମାନିତ ହୋଇ ପାରିଥିଲେ ।

ସେତେବେଳେ ମର୍ଲେ-ମିଣ୍ଟୋ ଶାସନ-ଆଇନ୍ ପ୍ରଚଳିତ ଥିଲା । ମୋଟ ଷାଠିଏ ଜଣ ସଦସ୍ୟଙ୍କ ମଧ୍ୟରୁ ନିର୍ବାଚିତ ସଦସ୍ୟଙ୍କ ସଂଖ୍ୟା ବ୍ୟବସ୍ଥା ପରିଷଦରେ ଥିଲା ମାତ୍ର ପନ୍ଦର । ସେଥିପାଇଁ ଯେ କୌଣସି ପ୍ରସଙ୍ଗ ଉତ୍‌ଥାପିତ ହେଲେ ନିର୍ବାଚିତ ସଦସ୍ୟମାନେ ଭୋଟ୍‌ରେ ଜିତିବା ସମ୍ଭବ ନଥିଲା । କୌଣସି ଜନମଙ୍ଗଳକର କାର୍ଯ୍ୟର ବ୍ୟବସ୍ଥା କରାଇବା ପାଇଁ ଏହି ସଦସ୍ୟମାନଙ୍କୁ ନିଜ, ନିଜର ପ୍ରଖରବୁଦ୍ଧି ପ୍ରତ୍ୟୁତ୍ପନ୍ନମତିତା, ବିଦ୍ୟା ଓ ଗବେଷଣା ଉପରେ ନିର୍ଭର କରିବାକୁ ପଡୁଥିଲା । ଗୋରା ଶାସକମାନେ ନିର୍ବାଚିତ ପ୍ରତିନିଧିଙ୍କ ଠାରୁ ମୃଦୁ ଭର୍ତ୍ସନା ପାଇଲେ ମଧ୍ୟ ଅନ୍ୟଥା ନ ଭାବି ଗୁଣଗ୍ରହଣ କରୁଥିଲେ । ଥରେ ପରିଷଦରେ ବାଦାନୁବାଦ ବେଳେ ଜଣେ ହାକିମ ମଧୁବାବୁଙ୍କୁ କହିଲେ, 'ଆପଣ ତ ଜାଣନ୍ତି, ଇଂରେଜ ସାମ୍ରାଜ୍ୟରେ ସୂର୍ଯ୍ୟ ଅସ୍ତ ହେଉ ନାହିଁ ।' ମଧୁବାବୁ ସଙ୍ଗେ ସଙ୍ଗେ ଉତ୍ତର ଦେଲେ, 'ସୂର୍ଯ୍ୟ ଦେବତା ପରା ଜାଣେ ଯେ ଇଂରେଜ ଲୋକଙ୍କୁ ଅନ୍ଧାରରେ ବିଶ୍ୱାସ ନାହିଁ ; ସେଥିପାଇଁ ଗୋଡ଼େ ଗୋଡ଼େ

ଜଗିଛି ।' ଏଭଳି ଉତ୍ତରରେ ଇଂରେଜ ମାନଙ୍କ ମଧ୍ୟରେ ମଧୁବାବୁଙ୍କ ସମ୍ମାନ ଦ୍ୱିଗୁଣିତ ହୋଇଥିଲା ।

ବିଧାନ ପରିଷଦରେ ଭାଷଣ ଦେବାପାଇଁ ଏହି ସଦସ୍ୟ ମାନଙ୍କୁ ଦିନଦିନ ଧରି ସରକାରୀ ନଥିପତ୍ର ସାଙ୍ଗକୁ ଅନେକ ବହିପତ୍ର ପଢ଼ିବାକୁ ହେଉଥିଲା । ମୌଖିକ ଅପେକ୍ଷା ଲିଖିତ ଭାଷଣ ଅଧିକ ଆଦର ଓ ମର୍ଯ୍ୟାଦା ପାଉଥିବାରୁ ଭାଷଣଟିକୁ ଲେଖି ସଂଶୋଧନ କରିବାକୁ ପଡୁଥିଲା । ଆବଶ୍ୟକ ସ୍ଥଳେ ଇଂପିରିୟାଲ ଲାଇବ୍ରେରୀରୁ ବହି ଆଣିବା ଜରୁରୀ ଥିଲା । ପଣ୍ଡିତ ଗୋଦାବରୀଶଙ୍କର ରାଜନୈତିକ ନେତୃତ୍ୱ ଘରେ ଓ ବାହାରେ ବିଶେଷତ୍ୱ ମଣ୍ଡିତ ଥିଲା । ଏହି ସମୟ ମଧ୍ୟରେ ବ୍ୟବସ୍ଥାପକ ପରିଷଦରେ ଅନ୍ୟାନ୍ୟ ଆଇନ୍ ମଧ୍ୟରୁ ମଠମନ୍ଦିର ଆଇନ୍ ପାସ୍ କରାଇବାରେ ଗୋଦାବରୀଶଙ୍କର ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଏଥିପାଇଁ ବିରୋଧୀପକ୍ଷରୁ ଗୁଳିକରି ତାଙ୍କୁ ମାରି ଦେବାର ଚକ୍ରାନ୍ତ ହୋଇଥିଲା । ଖଟତଳଦେଇ ଗୁଳି ଗଳି ଯିବାରୁ ସେ ରକ୍ଷାପାଇ ଯାଇଥିଲେ ।

୧୯୩୬ ଏପ୍ରିଲ୍ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବାରୁ ୧୯୩୫ ଭାରତ ଶାସନ ଆଇନ ଅନୁସାରେ ପ୍ରାଦେଶିକ ବିଧାନ ସଭା ଗଠିତ ହୋଇ (ଆଂଶିକ) ଲୋକ ପ୍ରତିନିଧିମୂଳକ ଶାସନ ପ୍ରତିଷ୍ଠାର ପଥ ସୁଗମ ହେଲା । ଓଡ଼ିଶା ବିଧାନ ସଭା ଗଠିତ ହେବା ପୂର୍ବରୁ ଲାଟ୍ ସାହେବଙ୍କର ଏକ ଆଡ୍‌ଭାଇଜରୀ କାଉନ୍‌ସିଲ୍ ଶାସନ ବ୍ୟବସ୍ଥାରେ ଅଂଶ ଗ୍ରହଣ କଲେ । ଗୋଦାବରୀଶ ଏହି କାଉନ୍‌ସିଲ୍‌ର ଅନ୍ୟତମ ସଭ୍ୟ ରହିଲେ । ୧୯୩୭ରେ ନୂତନ ବିଧାନ ସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେଲା । ଗୋଦାବରୀଶ କଂଗ୍ରେସ ପ୍ରାର୍ଥୀ ଭାବରେ ବାଣପୁରରୁ ନିର୍ବାଚିତ ହେଲେ । ଏହି ପ୍ରଥମ ବିଧାନ ସଭାର ସେ ଥିଲେ ଜଣେ ପ୍ରଭାବଶାଳୀ ସଦସ୍ୟ ।

୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ରଣଦୁନ୍ଦୁଭି ବାଜି ଉଠିଲା । ଭାରତର ପ୍ରଦେଶମାନଙ୍କରେ ଚଳୁଥିବା କଂଗ୍ରେସ ମନ୍ତ୍ରୀ ମଣ୍ଡଳ ଜାତୀୟ କଂଗ୍ରେସ ନିର୍ଦ୍ଦେଶରେ ଇସ୍ତଫା ଦେଲେ । ଓଡ଼ିଶାରେ ବିଶ୍ୱନାଥ ଦାସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେବାରୁ ରାଜ୍ୟରେ ଲାଟ୍‌ଶାସନ ପ୍ରବର୍ତ୍ତିତ ହେଲା । ବିଧାନ ସଭା କିନ୍ତୁ ଭାଙ୍ଗି ନଥିଲା । ଏହା ଥିଲା ଏକ ଘଡ଼ିସନ୍ଧି ମୁହୂର୍ତ୍ତ । ଇଂରେଜ ମାନଙ୍କୁ ଯୁଦ୍ଧରେ ସାହାଯ୍ୟ ଯୋଗାଇବା ପ୍ରସଙ୍ଗରେ ମହାତ୍ମାଗାନ୍ଧି ଓ କଂଗ୍ରେସଙ୍କ ମଧ୍ୟରେ ମତପାର୍ଥକ୍ୟ ଘଟିବାରୁ ଗାନ୍ଧି କଂଗ୍ରେସରୁ ଅନ୍ତର ହୋଇଗଲେ । ପରେ ପରେ ତାଙ୍କୁ କଂଗ୍ରେସର ଡିରେକ୍ଟର୍ ନିଯୁକ୍ତ କରାଗଲା । ଜାତୀୟ କଂଗ୍ରେସର ନିର୍ବାଚିତ ସଭାପତି ସୁଭାଷଚନ୍ଦ୍ର ବୋଷ କଂଗ୍ରେସରୁ ଅଲଗା ହୋଇ ଫର୍‌ୱାଡ଼୍ ବ୍ଲକ ଗଠନ କଲେ । ସେ କହିଲେ, "ଶତ୍ରୁପକ୍ଷ-ଜାପାନ ଜିଣିବାର ଖବ୍ ସମ୍ଭାବନା । ସେତେବେଳେକୁ ଆସାମ, ବଙ୍ଗ, ବିହାର ଓ ଓଡ଼ିଶାରେ ପ୍ରାଦେଶିକ ଶାସନ ଆମ ହାତରେ ଥିଲେ ଭାରତର ସ୍ୱାଧୀନତା ହାସଲ ଦିଗରେ ତାହା ଖୁବ୍ ସାହାଯ୍ୟ କରିବ ।" ପଣ୍ଡିତ ନୀଳକଂଠ ଓ ଗୋଦାବରୀଶ ଏଥିରେ ଏକମତ ହେବା ଫଳରେ ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ନାରାୟଣ ଗଜପତି ଦେବଙ୍କ ପ୍ରଧାନ ମନ୍ତ୍ରୀତ୍ୱରେ ଓଡ଼ିଶାରେ ଏକ ମନ୍ତ୍ରୀମଣ୍ଡଳ ଶପଥ ଗ୍ରହଣ କଲେ । ଗୋଦାବରୀଶ ମନ୍ତ୍ରୀପଦ ଗ୍ରହଣ କଲେ । ତାଙ୍କ ଦାୟିତ୍ୱରେ ଘରୋଇ ବିଭାଗର ଲୋକ

117757

ସଂପର୍କ, ବିତ୍ତ, ଶିକ୍ଷା ଏବଂ ଉନ୍ନୟନ ବିଭାଗମାନ ରହିଲା । ମହାରାଜାଙ୍କ ପରେ ଗୋଦାବରୀଶଙ୍କର ପ୍ରାଧାନ୍ୟ ସ୍ୱୀକୃତ ହୋଇଥିଲା । ଏହି ମନ୍ତ୍ରୀମଣ୍ଡଳ ୧୯୪୧ ନଭେମ୍ବରରୁ ୧୯୪୪ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା ।

ସେ ସମୟ ଥିଲା ବିଶ୍ୱଯୁଦ୍ଧ ଘନଘଟାର ସମୟ । ଜର୍ମାନୀ ଇଉରୋପର ସମସ୍ତ ଦେଶ ଜୟକରି ଇଂଲଣ୍ଡ ଉପରେ ପ୍ରତ୍ୟହ ବୋମାବର୍ଷଣ କରୁଥାଏ । ଜର୍ମାନୀ ଓ ଇଟାଲୀ ଆଫ୍ରିକାର ବହୁଦେଶ ଅଧିକାର କରି ନେଇ ଥାଆନ୍ତି । ପୂର୍ବ ଦିଗରେ ଜାପାନ ଚୀନ୍‌ର ବହୁ ଅଞ୍ଚଳ ଓ ଦକ୍ଷିଣ-ପୂର୍ବ ଏସିଆର ଅଧିକାଂଶ ଅଞ୍ଚଳ ଅଧିକାର କରି ଭାରତର ପୂର୍ବ ଓ ଦକ୍ଷିଣ ସୀମାରେ ପହଞ୍ଚି ଥାଆନ୍ତି । ଜାପାନୀ ମାନଙ୍କର ବୋମା ମାଡ଼ରେ ଓଡ଼ିଶା ଉପକୂଳରେ କେତେକେ ବ୍ରିଟିଶ୍ ଜାହାଜ ବୁଡ଼ି ଯାଇଥାଏ । ଓଡ଼ିଶା ଉପକୂଳ ବାଟେ ଜାପାନୀ ମାନେ ଭାରତରେ ପ୍ରବେଶ କରିବେ ବୋଲି ବ୍ରିଟିଶ୍ ସରକାର ଆଶଙ୍କା କରୁଥାଆନ୍ତି । ଅନ୍ୟ ପକ୍ଷରେ ସୁଭାଷ ବୋଷ ଇଂରେଜ ସରକାରଙ୍କର ସତର୍କ ଦୃଷ୍ଟି ଏଡ଼ାଇ ଭାରତରୁ ଯାଇ ଜର୍ମାନର ଅନୁମୋଦନ କ୍ରମେ ଜାପାନ ସରକାର ସହଯୋଗରେ ଆଜାଦହିନ୍ଦ୍ ଫୌଜ ବା ଭାରତୀୟ ଜାତୀୟ ସୈନ୍ୟବାହିନୀ ଗଠନ କରିଥାନ୍ତି । ବ୍ରହ୍ମଦେଶରୁ ଜାପାନ ସହାୟତାରେ ଭାରତର ଉତ୍ତରପୂର୍ବ ଅଞ୍ଚଳ ବାଟେ ଜାତୀୟ ସୈନ୍ୟ ବାହିହୀ 'ଦିଲ୍ଲୀଚଲୋ' ଅଭିଯାନରେ ଆସି ବ୍ରିଟିଶ୍ କବଳରୁ ଦେଶକୁ ମୁକ୍ତ କରିବା ଯୋଜନା ଅନୁଯାୟୀ ସୁଭାଷ ବୋଷ କାର୍ଯ୍ୟ ଆରମ୍ଭ କରିଦେଇଥାନ୍ତି । ଏଣେ ବ୍ରିଟିଶ୍ ସରକାର ଯୁଦ୍ଧ ପରେ ଭାରତକୁ ସ୍ୱାୟତ୍ତ ଶାସନ ଦେବେ ଦେବେ ବୋଲି କହି ଶେଷକୁ ନିରାଶ କରିବାରୁ କଂଗ୍ରେସ 'ଭାରତ ଛାଡ଼' ଡାକରା ଦେଇଥାଏ । ସାରା ଭାରତରେ ଏକ ହୁଲସ୍ଥୁଲ ଅବସ୍ଥା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ୧୯୪୨ର ଏହି ଆନ୍ଦୋଳନ କେତେକ କ୍ଷେତ୍ରରେ ହିଂସାତ୍ମକ ରୂପ ନେଇଥିଲା । ବ୍ରିଟିଶ୍ ସରକାର ଦେଶରେ ପ୍ରଚଣ୍ଡ ଦମନ ଲୀଳା ଚଳାଇଲେ । ଭାରତର ସମସ୍ତ ଧନ ଓ ଜନବଳକୁ ସରକାର ଯୁଦ୍ଧକାର୍ଯ୍ୟରେ ଲଗାଇ ଥାଆନ୍ତି । ଏହିଭଳି ପରିସ୍ଥିତିରେ ପାରଳା ମହାରାଜାଙ୍କ ମନ୍ତ୍ରୀମଣ୍ଡଳ ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ ଓ ଉନ୍ନୟନ ସଂପର୍କୀୟ ବହୁ ଜନ ମଙ୍ଗଳ କାର୍ଯ୍ୟରେ ବ୍ରତୀ ରହି ଓଡ଼ିଶାର ଭବିଷ୍ୟତ ପ୍ରଗତିର ମାର୍ଗ ପ୍ରସ୍ତୁତ କରିଥିଲେ ।

ମନ୍ତ୍ରୀ ଭାବରେ ଗୋଦାବରୀଶଙ୍କର ଅକ୍ଷୟକୀର୍ତ୍ତି ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା । ୧୯୪୩ ଜୁନ୍ ୩୦ ତାରିଖରେ ବିଶ୍ୱବିଦ୍ୟାଳୟ ଆଇନ ବିଧାନ ସଭାରେ ଗୃହୀତ ହେବା ପରେ ଅଗଷ୍ଟ ୨ ତାରିଖରେ ରାଜ୍ୟପାଳଙ୍କ ସ୍ୱୀକୃତି ଲାଭ କରିବାରୁ ୧୯୪୩ ନଭେମ୍ବର ୨୭ ତାରିଖରୁ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ଆରମ୍ଭ ହୋଇଥିଲା । ଶିକ୍ଷା ପ୍ରସାର ଲକ୍ଷ୍ୟରେ ପ୍ରଦେଶର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ କଲେଜ ଖୋଲିବା ସିଦ୍ଧାନ୍ତ ଗୋଦାବରୀଶଙ୍କ ଉଦ୍ୟମ ପ୍ରସୂତ । ୧୯୪୪ ଜୁନ୍‌ରେ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲେହେଁ ୧୯୪୪ ଜୁଲାଇ ମାସରୁ ପୁରୀ, ବାଲେଶ୍ୱର ଓ ସମ୍ବଲପୁରରେ ପ୍ରଥମ ଶ୍ରେଣୀର କଲେଜମାନ ଆରମ୍ଭ ହୋଇ କଳା, ବିଜ୍ଞାନ ବାଣିଜ୍ୟ ବିଷୟକ ଶିକ୍ଷାର ପ୍ରସାର ଘଟିବାକୁ ଲାଗିଲା । ୧୯୪୪ରେ କଟକରେ ଖ୍ରୀଷ୍ଟ କଲେଜ, ଯାଜପୁରରେ ନରସିଂହ ଚୌଧୁରୀ କଲେଜ ଓ ବଲାଙ୍ଗୀରରେ ରାଜେନ୍ଦ୍ର କଲେଜ ସ୍ଥାପିତ ହୋଇଥିଲା । ଏହି ମନ୍ତ୍ରୀମଣ୍ଡଳ

ଓଡ଼ିଶାରେ ମେଡ଼ିକାଲ କଲେଜ ସ୍ଥାପନର ଯେଉଁ ନିଷ୍ପତ୍ତି ନେଇଥିଲେ ତଦନୁଯାୟୀ ୧୯୪୫ରୁ କଟକରେ ଏହା ଗଢ଼ି ଉଠିଥିଲା । ମନ୍ତ୍ରୀ ମଣ୍ଡଳର ସିଦ୍ଧାନ୍ତ କ୍ରମେ ପରବର୍ତ୍ତୀ କାଳରେ ୧୯୪୮ରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠାର ପଥ ସୁଗମ ହୋଇଥିଲା ।

ଏକ ପକ୍ଷରେ 'ଭାରତ ଛାଡ଼' ଆନ୍ଦୋଳନର ପ୍ରଭାବ ଓ ଅନ୍ୟ ପକ୍ଷରେ ମନ୍ତ୍ରୀମଣ୍ଡଳ ପ୍ରତି କଂଗ୍ରେସର ତୀବ୍ର ବିରୋଧ ଯୋଗୁଁ ତିଷ୍ଠିବା ସମ୍ଭବ ପର ନଥିଲେ ମଧ ମନ୍ତ୍ରୀମଣ୍ଡଳ ଏହାର ଦୁଇବର୍ଷ ସାତମାସର କାର୍ଯ୍ୟକାଳ ମଧରେ ଓଡ଼ିଶାର ଭବିଷ୍ୟତ ଗଠନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ଅଥଚ ଏହି ମନ୍ତ୍ରୀମଣ୍ଡଳରେ ଯୋଗ ଦେଇଥିବା ହେତୁ ଗୋଦାବରୀଶଙ୍କୁ ଅନେକ କଟୁ ସମାଲୋଚନା ସହ୍ୟ କରିବାକୁ ପଡ଼ିଥିଲା । ସେ ଏଥିରେ ବିଚଳିତ ହୋଇ ନଥିଲେ ।

ମିତ୍ରପକ୍ଷର ବିଜୟ ସହ ୧୯୪୫ ଅଗଷ୍ଟରେ ବିଶ୍ୱ ଯୁଦ୍ଧର ଅବସାନ ଘଟିବାପରେ କଂଗ୍ରେସ ନେତୃବୃନ୍ଦ କାରାମୁକ୍ତ ହେଲେ । ୧୯୪୬ରେ ଜବାହାରଲାଲ ନେହେରୁଙ୍କ ନେତୃତ୍ୱରେ କେନ୍ଦ୍ରରେ ମଧବର୍ତ୍ତୀକାଳୀନ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ଏହି ବର୍ଷ ଏପ୍ରିଲ୍‌ରେ ଓଡ଼ିଶା ବିଧାନ ସଭା ନିର୍ବାଚନରେ କଂଗ୍ରେସ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କଲା । ୨୩ ତାରିଖରେ ହରେକୃଷ୍ଣ ମହତାବ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ଗୋଦାବରୀଶ ଏହି ନିର୍ବାଚନରେ ଅଂଶଗ୍ରହଣ କରି ନଥିଲେ । ୧୯୪୪ରେ ଇସ୍ତଫା ଦେବା ପରଠାରୁ ୧୯୫୧ ପର୍ଯ୍ୟନ୍ତ ରାଜନୀତିରୁ ଅଲଗା ରହି ସେ ସାହିତ୍ୟ ରଚନାରେ ପୂର୍ଣ୍ଣ ମନୋନିବେଶ କରିଥିଲେ ।

ନୂତନ ସଂବିଧାନ ଅନୁଯାୟୀ ପାଞ୍ଚବର୍ଷ ବ୍ୟବଧାନରେ ୧୯୫୨ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଲା । ଏଥର ଗୋଦାବରୀଶ ବାଣପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହେଲେ । ଏତେବେଳକୁ ସେ ଆଉ କଂଗ୍ରେସରେ ନଥିଲେ ; ନୀଳକଂଠ ଦାସଙ୍କ ସହ ମିଶି 'ସ୍ୱାଧୀନ ଜନସଂଘ' ନାମରେ ଗୋଟିଏ ରାଜନୈତିକ ଦଳ ଗଠନ କରି ସାରିଥିଲେ । ବିଧାନସଭାରେ ସେ ଏକାନ୍ତ ଦାୟିତ୍ୱଶୀଳ ଓ ନିଷ୍ପାପର ବ୍ୟବସ୍ଥାପକ ଭାବରେ ଗଠନ ମୂଳକ ଆଭିମୁଖ୍ୟ ପୋଷଣ କରି ଆସିଥିଲେ ।

ଜନଶୃଙ୍ଖଳା ରକ୍ଷା ଆଇନ୍ (୧୯୫୨), ଉପମନ୍ତ୍ରୀଙ୍କର ଦରମାବିଲ୍ (୧୯୫୨), ଓଡ଼ିଶା ମାଧ୍ୟମିକ ଶିକ୍ଷାବିଲ୍ (୧୯୫୨) ଭୂକର ଖଜଣା ଛାଡ଼ ପ୍ରସ୍ତାବ (୧୯୫୩), ସରକାରୀ ଭାଷା ବିଲ୍ (୧୯୫୪) ପ୍ରଭୃତି ବିଧାନ ସଭାରେ ଆଲୋଚିତ ହେଲା ବଳେ ସେ ଯେଉଁ ମନ୍ତବ୍ୟ ଉପସ୍ଥାପନ କରୁଥିଲେ ସେସବୁ ସତ୍ୟ ଓ ତଥ୍ୟ ମୂଳକ ଥିଲା । ଉପମନ୍ତ୍ରୀ ନିଯୁକ୍ତି ଓ ତାଙ୍କର ବେତନ ନିର୍ଦ୍ଧାରଣ ପ୍ରସଙ୍ଗରେ ତାଙ୍କର ଉକ୍ତି ଥିଲା : "ଆମର ଆୟ ବଢ଼ିଛି, ବଢ଼ି ବଢ଼ି ଏଗାର କୋଟି ଟଙ୍କା ହୋଇଛି, ତାହା ଗରିବ ଲୋକଙ୍କ ପେଟରୁ କଟା ହୋଇ ତ ଆସୁଛି । ଯେମିତି ଭାବରେ ଖର୍ଚ୍ଚ କଲେ ଏ ଟଙ୍କା ପୁଣି ସେଇ ଗରିବ ଲୋକଙ୍କ ପାଖକୁ ଯାଇପାରିବ, ସେ ବ୍ୟବସ୍ଥାହେବା ଦରକାର । କରଧାର୍ଯ୍ୟ କରିବାର ନୀତି ହେଉଛି ଯାହାଠାରୁ ଟିକସ ଆଣିବ, ତା'ର କରଦେବା ଶକ୍ତି ବଢ଼ାଇବାରେ ତାହା ଖର୍ଚ୍ଚ କରାଯିବ ।

କରଦାତାର ସେ ଶକ୍ତି ବଢ଼ିଲେ ତା' ଠାରୁ ବେଶି ଟିକସ ଆସିବ । କିନ୍ତୁ ଆମର ସେ କଥା ନାହିଁ''

ସେହିପରି ଭୂରାଜସ୍ୱ ଆଦାୟ ବ୍ୟବସ୍ଥାର ବିଲୋପକରଣ ସଂକ୍ରାନ୍ତୀୟ ଆଲୋଚନାରେ ଭାଗ ନେଇ ସେ ରାଜ୍ୟବାସୀଙ୍କର ବାସ୍ତବ ଅବସ୍ଥା ଓ ସମସ୍ୟାକୁ ଉପସ୍ଥାପନ କରି କହିଥିଲେ : ''ସେମାନେ ଯେତେ ଦରିଦ୍ର ହୁଅନ୍ତୁ, ଯେତେ ଛୋଟ ଚାଷୀ ହୁଅନ୍ତୁ, ଦେଶକୁ ଯେ ଖାଦ୍ୟ ଯୋଗାଉଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ପ୍ରତ୍ୟେକ ଦେଶକୁ ଖାଦ୍ୟ ଯୋଗାଇବା ପାଇଁ ଚାଷ କାର୍ଯ୍ୟରେ ଲାଗିଛନ୍ତି ଅଥଚ ଯେଉଁମାନେ ବେଶି ଉପାର୍ଜନ କରୁଛନ୍ତି, ଅନ୍ୟାୟ ଉପାୟରେ ଦେଶ ସେମାନଙ୍କୁ ଅବ୍ୟାହତି ଦେଉଛି, କିନ୍ତୁ ଯେଉଁମାନେ ଚାଷ କରୁଛନ୍ତି ସେମାନଙ୍କ କଥା ବିଚାର କରାଯାଉ ନାହିଁ । ଫଳରେ ଯେଉଁମାନେ ଚାଷ କରୁଛନ୍ତି ସେମାନଙ୍କୁ ଦୁଇଟା ଭିତରୁ ଗୋଟାଏ କଥା ଅବଲମ୍ବନ କରିବାକୁ ହେଉଛି । ସେମାନେ ହୁଏତ ଚାଷବାସ ଛାଡ଼ି ଦେଇ ଅନ୍ୟ ଉପାୟରେ ରୋଜଗାର କରିବା ପାଇଁ ଘରୁ ଦୂରକୁ ଚାଲି ଯାଉଛନ୍ତି । ସମଗ୍ର ଓଡ଼ିଶାରୁ ପ୍ରାୟ ୪/୫ ଲକ୍ଷ (୧୯୫୩ର ପରିସ୍ଥିତି ଅନୁଯାୟୀ) ଲୋକ ବାହାରକୁ ଯାଇ ଶ୍ରମିକ ଭାବରେ ଜୀବିକା ନିର୍ବାହ କରୁଛନ୍ତି । ଏମାନେ କେହି ଅସମର୍ଥ ବା ଦୁର୍ବଳ ଲୋକ ନୁହନ୍ତି । ଏମାନେ ଦେଶରେ ରହିଲେ ଦେଶର ସମୃଦ୍ଧି ବଢ଼ାଇବା ପାଇଁ କି ସାହାଯ୍ୟ କରନ୍ତେ, ତାହା କେହି ବୁଝି ପାରୁ ନାହାନ୍ତି । ସେମାନେ ବିଦେଶରେ ରହି ଶ୍ରମ କରି ଅର୍ଜନ କରୁଛନ୍ତି । ବିଦେଶର ପରିସ୍ଥିତି ଭିତରେ ରହି ସେମାନଙ୍କୁ ନାନା ପ୍ରକାର ଅସୁବିଧା ଭୋଗ କରିବାକୁ ପଡ଼ୁଛି, ଲାଞ୍ଛନା ସହିବାକୁ ପଡ଼ୁଛି । ମନୁଷ୍ୟ ନିଜଘର ଭିତରେ ରହିଲେ ଯେଉଁ ସବୁ ସୁବିଧା ଉପଭୋଗ କରନ୍ତା, ସେ ସୁବିଧାରୁ ବଞ୍ଚିତ ହେବାକୁ ପଡ଼ୁଛି । ଅନେକ ସେହି ଭଳି ବଞ୍ଚିତ ହେବା ଯୋଗୁଁ ସ୍ୱାସ୍ଥ୍ୟ ହରାଉଛନ୍ତି । ଚାରି, ପାଞ୍ଚ ବର୍ଷ ପରେ ଦେଶକୁ ଫେରିଲେ ସେମାନେ ଏକେତ ରୋଗ ଭୋଗ କରୁଛନ୍ତି, କିନ୍ତୁ ଦେଖାଯାଉଛି, ସେମାନେ ଦେଶରେ ରୋଗ ବୁଣି ଦେଉଛନ୍ତି ।''

ଗୋଦାବରୀଶ ଥିଲେ ଦରିଦ୍ର ଜନସାଧାରଣଙ୍କର ଉପଯୁକ୍ତ ପ୍ରତିନିଧି । ସେମାନଙ୍କର ସମସ୍ୟା ସେ ମର୍ମେ ମର୍ମେ ଉପଲବ୍ଧି କରିଥିଲେ । ଚାଷଜନିତ ଆୟତୁଳନାରେ ଦରଦାମ ବୃଦ୍ଧି ହେତୁ ବ୍ୟୟ ଅଧିକ ହେବାରୁ ଲୋକେ ଜମି ବିକୁଛନ୍ତି, ଚାଷଖର୍ଚ୍ଚ ତୁଲାଇ ନ ପାରିବାରୁ ଉପଯୁକ୍ତ ଭାବେ ଚାଷ କରିପାରୁ ନାହାନ୍ତି, ଅତି ଆବଶ୍ୟକ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇ ନପାରି ଦୁଃଖରେ ଅଛନ୍ତି ବୋଲି ଯେଉଁ ବକ୍ତବ୍ୟ ସେ ବିଧାନ ସଭାରେ (୧୯୫୩) ଉପସ୍ଥାପନ କରିଥିଲେ ଏବେ ମଧ୍ୟ ତାହା ପ୍ରଣିଧାନର ବିଷୟ ହୋଇ ରହିଛି ।

ସରକାରୀ ଭାଷାବିଲ୍ ଗୃହୀତ ହେବା ଅବକାଶରେ ତାଙ୍କର ମନ୍ତବ୍ୟ ଯେମିତି ପ୍ରମାଣିକ ସେମିତି ତଥ୍ୟନିଷ୍ଠ ଥିଲା । ଓଡ଼ିଆ ଟାଇପ୍ ରାଇଟର ସମ୍ବନ୍ଧରେ ତାଙ୍କର ମତାମତ ଥିଲା ତଦ୍‌ବିଦ ସୁଲଭ । ଓଡ଼ିଆ ଭାଷାର ବ୍ୟବହାର ଶାସନ କ୍ଷେତ୍ରରେ ଚଳାଯିବା ଦିଗରେ ଯେଉଁ ସମସ୍ୟା ଗୁଡ଼ିକ ସେ ସେତେବେଳେ (୧୯୫୪) ଦେଖି ପାରିଥିଲେ ସେଗୁଡ଼ିକ ଏବେ ମଧ୍ୟ ସେହିପରି ଅପରିବର୍ତ୍ତିତ ରହିଛି । ସେ କହିଥିଲେ : ''ଓଡ଼ିଆ ଭାଷା କ'ଣ ସମସ୍ତେ ଜାଣନ୍ତି ? **** ଆମ ଭିତରେ କେତେକ ବି.ଏ, ଏମ୍.ଏ ପାଶ୍ କଲାବାଲା ଲୋକ ଅଛନ୍ତି,

ଯେଉଁମାନେକି ନିଜ ଭଉଣୀ ପାଖକୁ ଚିଠି ଖଣ୍ଡେ ଲେଖି ପାରୁ ନାହାନ୍ତି । ମୁଁ ଜଣେ ଲୋକ ବ୍ୟବସ୍ଥା ସଭାରେ ଇଂରେଜି ଭାଷା ବୁଝି ପାରୁନାହିଁ ବୋଲି ଅନେକଙ୍କର ଧାରଣା । ମୁଁ ୧୫ ବର୍ଷ ଇଂରେଜୀ ଭାଷା ପଢ଼ିଲି, ୮ ବର୍ଷ ପଢ଼ାଇଲି, ତା'ପରେ ବ୍ୟବସ୍ଥା ସଭାରେ ଏତେକାଳ ରହିଲା ପରେ ମଧ୍ୟ ଇଂରେଜୀ ବୁଝି ପାରୁନାହିଁ । ଇଂରେଜୀ ଭାଷାରେ ମୋର ଜ୍ଞାନ ନାହିଁ ବୋଲି ଯାହା କୁହା ଯାଇଛି, ତାହା ହୋଇପାରେ, କିନ୍ତୁ ମୁଁ ଇଂରେଜୀରେ ଖଣ୍ଡେ ବହି ଲେଖିଛି, ତାହା ଇଂଲଣ୍ଡ, ଆମେରିକାରେ ବର୍ଷକୁ ୧୦, ୧୫ ହଜାର ବହି କଟୁଛି । ଭାଷାବିଷୟରେ ଆମକୁ ସାବଧାନ ହେବାକୁ ହେବ । ଏ କଥା ଆମ କର୍ମଚାରୀମାନେ କରି ପାରିବେ ନାହିଁ । ଓଡ଼ିଆରେ ଭଲ ଭାଷାଜ୍ଞାନ ନଥିବା ଅଥଚ ଇଂରେଜୀରେ ଦକ୍ଷତା ଥିବା ଅନେକ ଉତ୍କୃଷ୍ଟ ଧରଣର କର୍ମଚାରୀ ଆମର ଅଛନ୍ତି । ଓଡ଼ିଆ ଭାଷାକୁ ଯିଏ ଆୟତ୍ତ କରିଥିବ, ଏହି ଭଳି କର୍ମଚାରୀ ଆମର ଦରକାର । ଓଡ଼ିଆ ସରକାରୀ ଭାଷା ହେଲେ ସମସ୍ତେ ଆଗ୍ରହରେ ଗହଣ କରିନେବେ, ଏହା କହିବା ଠିକ୍ ନୁହେଁ । ****** ଏହା ହେଲେବି ସେମାନେ ଇଂରେଜୀରେ ଲେଖିବେ କାରଣ ଅନେକେ ଓଡ଼ିଆରେ ଲେଖି ପାରିବେ ନାହିଁ । ଗୋଟାଏ ଗୋଟାଏ ବିଷୟ ଫାଇଲ୍‌ରେ ନୋଟ୍ ଦେଲେ ୫ ପୃଷ୍ଠା କି ଦଶ ପୃଷ୍ଠା ହେବ ଯାହାକୁ କି ସେମାନେ ଓଡ଼ିଆରେ ଲେଖି ସେମାନଙ୍କ ମନୋଭାବ ବ୍ୟକ୍ତ କରି ପାରିବେ ନାହିଁ । ସେମାନେ ଓଡ଼ିଆରେ ଲେଖିବାକୁ ବାଧ୍ୟ ହେଲେ ୫/୬ ଧାଡ଼ିରେ ସାରିଦେବେ, ଏହି ଅବସ୍ଥା ସୃଷ୍ଟି ହେବ । ମୁଁ ସେଥିପାଇଁ କହୁଛି, ଆମର ଟାଇପ୍ ରାଇଟର ଶୀଘ୍ର କରନ୍ତୁ, କିଏ ରହିବାକୁ ଚାହୁଁଛନ୍ତି, କିଏ ଯିବାକୁ ଚାହୁଁଛନ୍ତି, ସେ କଥା ବୁଝନ୍ତୁ । ମୋର ଖୁବ୍ ଇଚ୍ଛା, ଓଡ଼ିଆ ହେଉ ବୋଲି, କିନ୍ତୁ ଓଡ଼ିଆ ଭାଷା ଓଡ଼ିଆଙ୍କ ହାତରେ ପଡୁ ।''

ଭାଷାସୂତ୍ରରେ ପ୍ରଦେଶମାନଙ୍କର ପୁନର୍ଗଠନ ଲାଗି ଭାରତ ସରକାରଙ୍କର ଉଦ୍ୟମ ରାଜନୈତିକ ବାତାବରଣକୁ ସରଗରମ କରି ରଖିଥିବା ସମୟରେ ବିରୋଧୀ ଦଳ ପକ୍ଷରୁ ଓଡ଼ିଶା ବିଧାନ ସଭାରେ ଗୋଦାବରୀଶଙ୍କର ସଂଶୋଧନୀ ପ୍ରସ୍ତାବ ଶାସକ ଦଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଥିଲା । ମେଦିନୀପୁର, ବସ୍ତର, ଫୁଲଝର, ବିନ୍ଦ୍ରା-ନୂଆଗଡ଼ ଓ ସିଂହଭୂମ ଅନ୍ତଃପାତୀ ଷଢ଼େଇକଳା, ଖରସୁଆଁ ପ୍ରଭୃତି ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ସୀମା ପୁନର୍ଗଠନ କମିଶନ୍ ଓଡ଼ିଶା ଅନ୍ତର୍ଭୁକ୍ତ ନକରିବାରୁ ଓଡ଼ିଶା ବିଧାନ ସଭାରେ ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଯେଉଁ ପ୍ରବଳ ଜନ-ଆନ୍ଦୋଳନ ଗଢ଼ି ଉଠିଥିଲା, ଗୋଦାବରୀଶ ସେଥିର ନେତୃତ୍ୱ ନେଇଥିଲେ । ସୀମା କମିଶନଙ୍କର ଅନ୍ୟାୟ ବ୍ୟବସ୍ଥାର ପ୍ରତିବାଦ ଜଣାଇବାକୁ ଦଳମତ ନିର୍ବିଶେଷରେ ବିଧାନସଭାର ସମସ୍ତ ସଦସ୍ୟ ଇସ୍ତଫା ଦେବାପାଇଁ ସେ ଆହ୍ୱାନ ଦେଇଥିଲେ । ଛାତ୍ର ଓ ଜନସାଧାରଣଙ୍କ ସଭାରେ ତାଙ୍କର ଭାଷଣ ଏହି ଆନ୍ଦୋଳନକୁ ତୀବ୍ରତର କରିଥିଲା । ପୁରୀ ରେଳ ଷ୍ଟେସନ୍‌ରେ ଛାତ୍ରମାନେ ଧାରଣା ଦେଇ ରେଳ ଚଳାଚଳ ବନ୍ଦ କରି ଦେବାରୁ ପୋଲିସ୍ ଗୁଳି ଚଳାଇଲେ । ସେଥିରେ ଗୋଟିଏ ପିଲା (ବେଙ୍ଗପାଣିଆ)ର ମୃତ୍ୟୁ ହେଲା । କଟକ ଆକାଶବାଣୀ ଠାରେ ଆନ୍ଦୋଳନ ରତ ଜନୈକ ଛାତ୍ର (ସୁନୀଲ୍ ଦେ) ମଧ୍ୟ ପୋଲିସ ଗୁଳିରେ ଶହୀଦ୍ ହେଲା । ଗୋଦାବରୀଶ ଏଥିରେ ବିଚଳିତ ହୋଇ ପଡ଼ିଲେ । ପୁରୀ ବଡ଼ଦାଣ୍ଡରେ ଏକ ବିଶାଳ ଜନ ସମାବେଶରେ

ଉଦ୍‌ବୋଧନ ଦେଇ ସେ କହିଥିଲେ, ''ହେ ରକ୍ତମୁଖା ସରକାର, ଆଜି ବାରବର୍ଷ ବୟସର ଶିଶୁର ଖପୁରୀ ଉଡ଼ାଇ ଦେଇ ତୁମେ କି ବୀରତ୍ୱ ଦେଖାଉଛ ? କି ଆନନ୍ଦ ପାଇଛ ? ଏ ବୁଢ଼ାର ଖପୁରୀ ଅଛି ପରା । ତାକୁ ଉଡ଼ାଇଥିଲେ ତୁମର ବୀରତ୍ୱ ଜଣା ପଡ଼ି ଥାନ୍ତା'' ସରକାର ଲାଗୁ କରିଥିବା ୧୪୪ ଧାରା ଭଙ୍ଗ କରି କଟକର ସଭାମଞ୍ଚରୁ ଭାଷଣ ଦେବାରୁ ଗୋଦାବରୀଶଙ୍କୁ ଗିରଫ କରାଯାଇ କଟକ ଜେଲ୍‌ରେ ରଖାଗଲା ।

ଓଡ଼ିଶାର ଓଡ଼ିଆଭାଷୀ ଅଞ୍ଚଳ ସିଂହଭୂମିକୁ ୧୯୧୯ ମସିହାରୁ ଓଡ଼ିଶାର କରିବା ପାଇଁ ଉତ୍କଳମଣି ଗୋପବଂଧୁଙ୍କ ଆହ୍ୱାନକ୍ରମେ ଗୋଦାବରୀଶ ଯେଭଳି ପ୍ରାଣପାତ ଉଦ୍ୟମ କରିଥିଲେ, କଂଗ୍ରେସର ବାର୍ତ୍ତା ପ୍ରଚାର କରି ସ୍ୱାଧୀନତା ସଂଗ୍ରାମକୁ ସେଠାରେ ଯେପରି ଆଗେଇ ନେଇଥିଲେ, ସେଥିରେ ତାଙ୍କର ଯେତେ ତ୍ୟାଗ ଓ ନିଷ୍ଠା ଥିଲା, ତାହା ସର୍ବଭାରତୀୟ ସ୍ତରରେ ଅବିଦିତ ନଥିଲା । ସିଂହଭୂମିକୁ ତ ଓଡ଼ିଶାରେ ମିଶାଗଲା ନାହିଁ ବରଂ ମିଶିଥିବା ଅଞ୍ଚଳ ଷଢ଼େଇକଳା-ଖରସୁଆଁକୁ ଯେତେବେଳେ ଓଡ଼ିଶାରୁ କାଢ଼ି ନିଆଗଲା, ସ୍ୱଦେଶପ୍ରାଣ ଗୋଦାବରୀଶ ମର୍ମାନ୍ତିକ ପୀଡ଼ା ଅନୁଭବ କରିଥିଲେ । ଉଭୟ ମାନସିକ ଓ ଶାରୀରିକ ଚାପରେ ସତୁରୀ ବର୍ଷର ସଂଗ୍ରାମୀ ଶରୀର ତାଙ୍କର ଭାଙ୍ଗି ପଡ଼ିଲା । ସେ କିଛିଦିନ ପରେ ଜେଲ୍‌ରୁ ଖଲାସ ହୋଇ ଭୁବନେଶ୍ୱରରେ ରହି ଚିକିତ୍ସିତ ହେବା ପରେ କଟକ ମେଡ଼ିକାଲ୍ ନର୍ସିଂ ହୋମ୍‌ରେ ଭର୍ତ୍ତି ହେଲେ । ଏକ ଆସାଧ ଜ୍ୱର ରୋଗ ତାଙ୍କୁ ଶଯ୍ୟାଶାୟୀ କରିଥିଲା । ଅଳ୍ପ କେତେଦିନ ସେଠାରେ ସେ ଚିକିତ୍ସିତ ହେଉଥିଲା ବେଳେ ୧୯୫୬ ମସିହା ଜୁଲାଇ ୨୭ ତାରିଖ ଗୁରୁବାର ଦିନ ଶେଷଶ୍ୱାସ ତ୍ୟାଗ କଲେ । ନିଃସ୍ୱାର୍ଥ କର୍ମ ପ୍ରବଣତା, ନିରବଚ୍ଛିନ୍ନ ସାଧନା, ଜାତୀୟ ଜୀବନର ଆହ୍ୱାନ ଯେଉଁ ଶରୀର ଓ ଆତ୍ମାକୁ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଆଚ୍ଛନ୍ନ କରି ରଖିଥିଲା ତାହାର ବିଲୟରେ ଓଡ଼ିଶାର ଯେ ଭଳି କ୍ଷତି ଘଟିଗଲା, ତାହା ଆଉ ପୂରଣ ହେବାର ନଥିଲା । ଓଡ଼ିଆ ଜାତିର ଭାଗ୍ୟାକାଶରୁ ଅନ୍ୟତମ ସମୁଜ୍ଜ୍ୱଳ ଆଲୋକ ପିଣ୍ଡ ତିରୋହିତ ହୋଇଗଲା ।

# ସାହିତ୍ୟ ସାଧନାର ପଥେ

ଗୋଦାବରୀଶଙ୍କର ସାଧନନିଷ୍ଠ ଜୀବନର ସର୍ବଶ୍ରେଷ୍ଠ କାଳଜୟୀ କୃତିତ୍ୱ ତାଙ୍କର ସାହିତ୍ୟ ସୃଜନରେ ନିହିତ । ନିର୍ଦ୍ଦିଷ୍ଟ ଭାବେ କେଉଁ ସମୟରୁ ସେ ସାହିତ୍ୟ ରଚନାରେ ମନୋନିବେଶ କଲେ ତାହା ଜଣାପଡୁ ନ ଥିଲେ ବି ସେ ତାଙ୍କ ଛାତ୍ରାବସ୍ଥାରୁ କବିତା ଲେଖିଥିବା ସୁସ୍ପଷ୍ଟ । ହାଇସ୍କୁଲ ସ୍ତରରେ ତାଙ୍କର ପ୍ରଧାନଶିକ୍ଷକ ଥିଲେ ଚନ୍ଦ୍ରମୋହନ ମହାରଣା ଯେ ସେତେବେଳକୁ ଓଡ଼ିଶାର ଜଣାଶୁଣା କବି ଓ ପ୍ରାବନ୍ଧିକ ହୋଇଥିଲେ । ଗୋଦାବରୀଶଙ୍କ କର୍ମଜୀବନରେ ପ୍ରେରଣାର ପ୍ରଧାନ ଉତ୍ସ ଥିଲେ ଗୋପବଂଧୁ ଦାସ । ସେ ଥିଲେ ଶକ୍ତିଶାଳୀ କବି । ତାଙ୍କର ଅଭାବଗ୍ରସ୍ତ ଛାତ୍ରଜୀବନରେ ଆଶା-ଆଶ୍ୱାସନାର ନିର୍ଭର ଯୋଗ୍ୟ ସହଚର ଥିଲେ ନୀଳକଂଠ ଦାସ । ସେ ଥିଲେ ଅଧ୍ୟୟନ ଶୀଳ, ଶାସ୍ତ୍ରଦର୍ଶୀ, କବି ଓ ପ୍ରାବନ୍ଧିକ । ଏମାନଙ୍କ ମେଳରେ ଗୋଦାବରୀଶ ସାହିତ୍ୟ ପ୍ରତି ମନବଳାଇବା ଏକାନ୍ତ ସ୍ୱାଭାବିକ ଥିଲା ।

୧୯୧୨-୧୩ ମସିହା ପର୍ଯ୍ୟନ୍ତ ସେ କଲିକତାରେ ଅଧ୍ୟୟନ କରୁଥିଲେ । ସେଠାରେ ସେ ଲେଖିଥିଲେ ନାଟକ 'ପୁରୁଷୋତ୍ତମ ଦେବ' ଓ 'କଳିକା' ତଥା 'କିଶଳୟ'ରେ ସଂକଳିତ କବିତାବଳୀ । କଲିକତା ସ୍ଥିତ ପଞ୍ଚାନନ ଘୋଷ ଗଳିର ସେହି ନଅନମ୍ବର ବେଢ଼ଙ୍ଗିଆ ଦୋମହଲା ଘରଟିର ବାହାର ଅଗଣାରେ ଥିବା ନିମଗଛକୁ ଚାହିଁ ଚାହିଁ 'କଳିକା' ଓ 'କିଶଳୟ'ର କବିତା ସବୁ ସେ ଲେଖିଥିଲେ । ତାଙ୍କର ସାହିତ୍ୟ ରଚନା ସଂପର୍କରେ ସାମାନ୍ୟ ସୂଚନା ଦେଇ ସେ କହିଛନ୍ତି, ''ମୋର ଧାରଣା ଜନ୍ମିଥିଲା ଯେ ସାହିତ୍ୟ ଲେଖା ମୁଁ 'ଉତ୍କଳ ସାହିତ୍ୟ' ସଂପାଦକ ବିଶ୍ୱନାଥ କରଙ୍କ ଠାରୁ ଶିଖିଥିଲି ।'' ଏଥିରୁ ସୁସ୍ପଷ୍ଟ ଯେ ସେ କଟକ କଲେଜରେ ପଢ଼ିବା ଦିନୁ 'ଉତ୍କଳ ସାହିତ୍ୟ' 'ମୁକୁର' ଆଦି ତତ୍କାଳୀନ ପ୍ରସିଦ୍ଧ ପତ୍ରିକା ମାନଙ୍କରେ ଲେଖା ଲେଖି କରିଥିଲେ । ସତ୍ୟବାଦୀର କର୍ମମୁଖର ଶିକ୍ଷକ ଜୀବନରେ ଅଧ୍ୟୟନ ଓ ଅଧ୍ୟାପନା ତାଙ୍କର ସାହିତ୍ୟ ସୃଜନକୁ ଶାଣିତ ଓ ପରିପୁକ୍ତ କରିଥିବା ଏକାନ୍ତ ସମ୍ଭବ । 'ସତ୍ୟବାଦୀ' ସାହିତ୍ୟ ପତ୍ରିକା ଓ 'ସମାଜ' ସଂବାଦପତ୍ର ପ୍ରକାଶନ କ୍ଷେତ୍ରରେ କେତେକ ଦାୟିତ୍ୱ ବହନ କରିବା ଯୋଗୁଁ ତାଙ୍କର ସାହିତ୍ୟ ସାଧନାରେ ପ୍ରଗତି ଘଟିଥିଲା ।

ଗୋଦାବରୀଶଙ୍କ ସ୍ରଷ୍ଟା-ମାନସର ସ୍ଥିତି ଓ ସ୍ୱରୂପ ସଂପର୍କରେ ଯାହା ଜଣାଯାଏ, ସେ ସାହିତ୍ୟ ସୃଜନ କ୍ଷେତ୍ରରେ ପ୍ରବେଶ କଲା ବେଳକୁ ବିଂଶ ଶତାବ୍ଦୀର ପ୍ରାକ୍‌କାଳରୁ ସାହିତ୍ୟ, ସମାଜ ଓ ସଂସ୍କୃତିର ପ୍ରେକ୍ଷାପଟରୁ ରକ୍ଷଣଶୀଳ ପ୍ରବୃତ୍ତି ଅପସାରିତ ହୋଇ ଏକ ନୂତନ ସଂସ୍କାର ପ୍ରବଣତା ଗଢ଼ି ଉଠିଥିଲା । କେବଳ ଓଡ଼ିଶାରେ ନୁହେଁ, ସର୍ବଭାରତୀୟ ସ୍ତରରେ ପ୍ରତ୍ୟେକ ବିଷୟକୁ ସାହିତ୍ୟରେ ନୂତନ ମୂଲ୍ୟାମାନରେ ପ୍ରକାଶ କରିବାର ଆଗ୍ରହ ପରିଲକ୍ଷିତ ହୋଇଥିଲା । ଏକ ସଂବେଦନଶୀଳ ମାନବବାଦୀ ଦୃଷ୍ଟିଭଙ୍ଗୀ କ୍ରମଶଃ ସାହିତ୍ୟ କ୍ଷେତ୍ରରେ ଦାନା ବାନ୍ଧୁଥିଲା ବେଳେ ଗୋଦାବରୀଶଙ୍କ ଲେଖନୀ ସକ୍ରିୟ ହୋଇ ଉଠିଥିଲା ।

ପିଲାଦିନୁ ସେ ପ୍ରାଚୀନ ଓଡ଼ିଆ କାବ୍ୟ କବିତା ସହ ପରିଚିତ ଥିଲେ । ଗୃହ ଦେବତାଙ୍କର ପୂଜା କରିବା ପାଇଁ ସେ ତାଙ୍କର ନିଷ୍ଠାପର ଦେବପୂଜକ ପିତା ଲିଙ୍ଗରାଜ ମିଶ୍ରଙ୍କ ଯତ୍ନରୁ କେତେକ ମନ୍ତ୍ର ଓ ସଂସ୍କୃତ ଶ୍ଳୋକ ଆୟତ୍ତ କରିଥିଲେ । ସେ ଜଣେ ମେଧାବୀ ଛାତ୍ର ଥିବାରୁ ଉଭୟ ଅପର ପ୍ରଇମେରୀ ଓ ମାଇନର୍ ବୃତ୍ତି ଲାଭ କରିଥିଲେ । ଶାଳିଆ ନଈ ଓ ଘଣ୍ଟଶିଳା ପାହାଡ଼ର ବହୁବର୍ଣ୍ଣୀ ଦୃଶ୍ୟ ସହ ପିଲାଦିନୁ ପରିଚିତ ରହି ସେ ସୌନ୍ଦର୍ଯ୍ୟ ପ୍ରାଣତା ଆହରଣ କରିଥିଲେ । ଉଚ୍ଚକୋଟୀର ଶିକ୍ଷକ, ସମମର୍ମୀ ସହାଧାୟୀ ଓ ଅଧ୍ୟୟନ-ପରିବେଶ ତାଙ୍କଠାରେ ସାହିତ୍ୟ-ଚେତନା ଭରି ଦେଇଥିଲା । ସ୍ୱଭାବରେ ଦରଦୀ ଓ ସହାନୁଭୂତି ପ୍ରବଣ ହୋଇଥିବାରୁ ନଗର ଜନପଦ ସର୍ବତ୍ର ସେ ମଣିଷ ଓ ପ୍ରକୃତିକୁ ଭାବୁକ ଦୃଷ୍ଟିରେ ଦେଖୁଥିଲେ । ଦର୍ଶନ, ଅର୍ଥନୀତି ଓ ଇଂରେଜୀ ସାହିତ୍ୟକୁ ସେ ବିଶେଷଭାବେ ଅଧ୍ୟୟନ କରିଥିଲେ । ସତ୍ୟବାଦୀରେ ଇଂରେଜୀ ଭାଷା-ସାହିତ୍ୟର ଶିକ୍ଷକ ଭାବରେ ସେ ରୋମାଣ୍ଟିକ୍ ରିଭାଇଭାଲ୍ ଯୁଗର କବି ଟେନିସନ୍, ୱାର୍ଡ୍‌ସ୍‌ୱାର୍ଥ, କଲେରିଜ୍, ଥମାସ୍ କ୍ୟାଂପ୍‌ବେଲ, ସାର୍ ୱାଲ୍‌ଟର୍ ସ୍କଟ୍, ଜେମ୍‌ସ୍ ହେନରୀ ଲାଇହଣ୍ଟ୍ ପ୍ରଭୃତି କବିମାନଂକର କବିତା ରସାସ୍ୱାଦନରେ ବିଭୋର ହୋଇଥିଲେ । ଏମାନଙ୍କର ବହୁ କବିତାର ସେ ସଫଳ ଅନୁବାଦକ ଥିଲେ ।

ଗୋଦାବରୀଶଙ୍କ କବିତା ଅକୃତ୍ରିମ ଭାବାବେଗ ଓ ଗଭୀର ଆନ୍ତରିକତାରେ ପରିପୁଷ୍ଟ । ପଲ୍ଲୀପ୍ରକୃତି, ସ୍ୱଦେଶ ସଂସ୍କୃତି, ଗାଥା ଓ ଇତିହାସ ପ୍ରତି ତାଙ୍କର ମମତା ଥିଲା ଅସୀମ । ତାଙ୍କ କବିତାରେ କବିପ୍ରାଣର ସ୍ୱଚ୍ଛତା ଓ ଉଷ୍ମତା ଲକ୍ଷ୍ୟଣୀୟ ଥିବାରୁ ସେଗୁଡ଼ିକ ବିଶେଷତ୍ୱ ମଣ୍ଡିତ ଓ ସେଥିପାଇଁ ସ୍ମରଣୀୟ । 'କଳିକା', 'କିଶଳୟ', ଆଲେଖିକା, କୁସୁମ, ଚୟନିକା, ଗୀତାୟନ, କବିତାୟନ, ଗୀତିଗୁଚ୍ଛ ଓ ଶିଶୁକବିତା ଶୀର୍ଷକ ସମୁଦାୟ ନଅଟି ଗ୍ରନ୍ଥରେ ଗୋଦାବରୀଶଙ୍କର ୩୩୯ଟି କବିତା ସଂକଳିତ ହୋଇଛି । 'କଳିକା' ଓ 'କିଶଳୟ'ର କବିତାସବୁ କଲିକତା ରହଣି ବେଳର । 'ଆଲେଖିକା'ର ଦଶଟି ଗାଥା କବିତା ସତ୍ୟବାଦୀ, ସିଂହଭୂମି ଓ ଗଂଜାମ ଅବସ୍ଥାନ କାଳର ସୃଷ୍ଟି । 'ଚୟନିକା'ର ଅନୁବାଦ ଓ ଅନୁସୃତି ମୂଳକ କବିତା ସବୁ ତାଙ୍କର ଶିକ୍ଷକତା କାଳରେ ଲିଖିତ । କବିତାୟନ ର ଅଧିକାଂଶ କବିତା ତାଙ୍କ ଜେଲ୍-ଜୀବନର (୧୯୨୭) ଲେଖା । ଗୀତାୟନ ୧୯୫୩ରେ ଓ ଗୀତିଗୁଚ୍ଛ ତାଙ୍କ ଦେହାନ୍ତ ପରେ ପ୍ରକାଶିତ ।

ଗୋଦାବରୀଶଙ୍କର କବିତା ଜଗତର ଆଧାର ଦେଉଛି ବ୍ୟକ୍ତି, ପ୍ରକୃତି ଓ ଦେଶପ୍ରୀତି । ଯେଉଁ ଯେଉଁ ବ୍ୟକ୍ତି, ପରିବେଶ ଓ ଜୀବନଧାରା ତାଙ୍କର ମନୋଭୂମିକୁ ଆନ୍ଦୋଳିତ କରିଛନ୍ତି ସେ ସବୁକୁ ନେଇ ସେ କବିତାର କଳେବର ନିର୍ମାଣ କରିଛନ୍ତି । ସେଥିପାଇଁ ତାଙ୍କ କବିତା ଗୁଡ଼ିକ କେବଳ ସ୍ୱଚ୍ଛନ୍ଦ ନୁହନ୍ତି, ଭାଷା ପ୍ରୟୋଗ ତଥା ଭାବନିଷ୍ଠତାରେ ଅକୃତ୍ରିମ । ବହୁକବିତା ତାଙ୍କ ଜୀବନର ଶୋକାବହ ଅନୁଭୂତିର ପ୍ରତିଫଳନ । ଜନକ, ଜନନୀ, ବୃଦ୍ଧା ମାତା, କନିଷ୍ଠା ଭଗିନୀ, ସତ୍ୟବାଦୀର ଛାତ୍ର, ପ୍ରତିବେଶୀ, ଗୋପାଳ, ଭିକ୍ଷାଣୀ, ପଂଖାଟାଣୁଥିବା କିଶୋର, ଆଦିବାସୀ ମହିଳା ପ୍ରଭୃତି ତାଙ୍କ କବିତାରେ ସ୍ଥାନ ପାଇଛନ୍ତି । କୁକୁର, ମୃଗଶାବକ, ଛେଳିଛୁଆ, ବାଛୁରୀଙ୍କର ମଧ୍ୟ ସେଠାରେ ସମ୍ମାନଜନକ ସଂବୋଧନ

ଘଟିଛି । 'ପିଣ୍ଡଦାନ' (କବିତାୟନ), 'ବୈତରଣୀତୀରେ', 'ଆସିଛି', 'ନିମିଷକ ଦେଖା' (କିଶଳୟ), 'କେବେ ପୁଣି' (କଳିକା), 'ମାତୃଶ୍ରାଦ୍ଧେ (ଗୀତାୟନ) ପ୍ରମୁଖ କବିତା ଗୁଡ଼ିକ ଏ ପ୍ରସଙ୍ଗରେ ସ୍ମରଣୀୟ ।

ଗୋଦାବରୀଶଙ୍କ କବିତାରାଜ୍ୟରେ ପ୍ରକୃତିର ସଂଚରଣ ଅବାଧ ଓ ଉନ୍ମୁକ୍ତ । ଇଂରେଜୀ, ଭାରତୀୟ ତଥା ଉତ୍କଳୀୟ ରୋମାଣ୍ଟିକ୍ କବିମାନଙ୍କ ଠାରୁ ସେ ଯେ ପ୍ରକୃତି ପ୍ରୀତି ଆହରଣ କରିନାହାନ୍ତି, ଏ ଭଳି କୁହାଯାଇ ନ ପାରିଲେ ବି ତାଙ୍କ କବିତାର ପ୍ରକୃତି ଚିତ୍ରରେ ଥିବା ବିଶେଷତ୍ୱ ତାଙ୍କର ମୌଳିକତାକୁହିଁ ଦର୍ଶାଇଥାଏ । ବୈତରଣୀ, ଋଷିକୁଲ୍ୟା ଓ ଚକ୍ରଧରପୁରର ସଂଜୋଇ' ନଦୀକୁ ଦେଖି ସେ ମନେ ପକାଇଛନ୍ତି ତାଙ୍କ ଜନ୍ମସ୍ଥଳୀର 'ଶାଳିଆ'କୁ । ଘଣ୍ଟଶିଳା ପାହାଡ଼ ଓ ଭଗବତୀ ଠାକୁରାଣୀ ତାଙ୍କ ମନଶ୍ଚକ୍ଷୁରେ ବାରମ୍ବାର ଦେଖା ଦେଇଛନ୍ତି । କୋଇଲି, ଫୁଲ, ଲତା, ଉପବନ, ନିର୍ଝର, ପ୍ରଭାତ, ପ୍ରଦୋଷ, ସଂଧ୍ୟାତାରା, ସାୟାହ୍ନ ଆଦି କବିଙ୍କ ଲେଖନୀରେ ବାରମ୍ବାର ରୂପ ପାଇଛନ୍ତି । ଚିନ୍ତା ଓ ଚେତନାର କେତେ ନବ ନବ ଦିଗନ୍ତ ସେଥି ମଧ୍ୟରେ ଉଦ୍‌ଭାସିତ ହୋଇ ଉଠିଛି । ଏ ପ୍ରସଙ୍ଗରେ ତାଙ୍କ ନିଜସ୍ୱ ଅଭିବ୍ୟକ୍ତିକୁ ଉଦ୍ଧାର କରାଯାଉଛି :

''ଉପଯୁକ୍ତ ସାହିତ୍ୟର ସୃଷ୍ଟି ନିମନ୍ତେ ଓଡ଼ିଶାରେ ଯେ ଉପାଦାନ ନାହିଁ, ତାହା ନୁହେଁ ବରଂ ଆମ୍ଭମାନଙ୍କର ଏହି ସଂକୁଚିଭୂତ ଜନ୍ମଭୂମି କବିତା ଓ ସାହିତ୍ୟର ନାନା ଉପାଦାନରେ ପରିପୂର୍ଣ୍ଣ । ପାଶ୍ଚାତ୍ୟକବି କହିଛନ୍ତି, ଜଗତରେ ଦୁଇଗୋଟି ସ୍ୱର ଶୁଣାଯାଏ, ଗୋଟିଏ ସମୁଦ୍ରର ସ୍ୱର ଅପରଟି ପର୍ବତର ଏବଂ ଏହି ଉଭୟ ସ୍ୱର ଉନ୍ମୁକ୍ତିର ବାଟ ଫିଟାଇ ଦିଏ । ଉତ୍କଳ ପ୍ରଦେଶ ଏହି ଦୁଇ ପ୍ରକାର ସ୍ୱର ସଂପଦର ଆଶ୍ରୟସ୍ଥଳ । ପୂର୍ବରେ ମହୋଦଧି ଯେପରି ଦିବାନିଶି ମନ୍ଦ୍ରଗମ୍ଭୀର ନାଦରେ ଗର୍ଜ୍ଜନ କରିଛି, ପଶ୍ଚିମରେ ସମଗ୍ର ଗଡ଼ଜାତ ଅଞ୍ଚଳରେ ଉତ୍ତୁଙ୍ଗ ପର୍ବତମାଳା ସେହିପରି ବାୟୁମଣ୍ଡଳର ଧ୍ୱନିରେ ଦିବାନିଶି ମୁଖରିତ ହେଉଅଛି । ସେହି ଉଭୟ ସ୍ୱର ସଂପଦରେ ଓଡ଼ିଆଜାତି ସୃଷ୍ଟିର ଆରମ୍ଭରୁ ଉଜ୍ଜୀବିତ ହୋଇ ଆସିଅଛି । ଜାତୀୟ ଉନ୍ନତି ତାହାରି ଫଳରେ ସମ୍ଭବି ପାରିଛି । ସେଥିପାଇଁ ଓଡ଼ିଆ ସ୍ଥାପତ୍ୟରେ ଯେପରି ଉତ୍କର୍ଷ ଲାଭ କରିଥିଲା କବିତାରେ ମଧ ଜୀବନର ବିକାଶ ଦେଖାଇବାକୁ କ୍ଷମ ହୋଇଥିଲା । ନୋହିଲେ ଭାରତରେ ଅନ୍ୟାନ୍ୟ ପ୍ରଦେଶରେ ଯେତେବେଳେ ପ୍ରାଦେଶିକ ସାହିତ୍ୟ ଅନୁନ୍ନତ ଅବସ୍ଥାରେ ପଡ଼ି ରହିଥିଲା, ସେହି ଯୁଗରେ ଉତ୍କଳ ଭୂମିରେ କୋଇଲି, ଗୋପୀଭାଷା ଆଦି ସହଜ, ସରଳ ଅଥଚ ହୃଦୟସ୍ପର୍ଶୀ କବିତା ବାହାରି ନ ଥାନ୍ତା ।'' (ଗୋଦାବରୀଶ ଗ୍ରନ୍ଥାବଳୀ-୪ର୍ଥ ଖଣ୍ଡ, ୧ମ ସଂସ୍କରଣ, ପୃଷ୍ଠା ୪୦୨)

ସ୍ୱଦେଶପ୍ରୀତି ଗୋଦାବରୀଶଙ୍କ କବିତା ମାନଙ୍କର ଲକ୍ଷ୍ୟଣୀୟ ବିଭାବ । ନାନା ଘଟଣା, ଦୁର୍ଘଟଣା, ସେବା ଓ ସଂସ୍କାର ମାଧ୍ୟମରେ କୈଶୋର କାଳରୁ ସ୍ୱଦେଶ ଓ ସ୍ୱଜାତିକୁ ଅନ୍ତର ସହ ସେ ଭଲ ପାଇଥିଲେ । ବିଶେଷତଃ ଉତ୍କଳମଣି ପଣ୍ଡିତ ଗୋପବଂଧୁ ଦାସଙ୍କୁ ନିଜ ଜୀବନର ବନ୍ଧୁ, ଦାର୍ଶନିକ ଓ ପଥପ୍ରଦର୍ଶକ ଭାବରେ ଛାତ୍ରାବସ୍ଥାରୁ ଗ୍ରହଣ କରିନେଇଥିବାରୁ ଯେଉଁ ଦେଶପ୍ରେମର ବୀଜ ତାଙ୍କ ହୃଦୟରେ ପ୍ରୋଥିତ ହୋଇଥିଲା

ତାହା ତାଙ୍କର ବୟୋବୃଦ୍ଧି ସଙ୍ଗେ ସଙ୍ଗେ ପତ୍ର ପୁଷ୍ପ ମଣ୍ଡିତ ମହାଦ୍ରୁମରେ ପରିଣତି ଲାଭ କରିଥିଲା । ସେଥିପାଇଁ ତାଙ୍କର ସମଗ୍ର ବ୍ୟକ୍ତିତ୍ୱ ଓଡ଼ିଆ ଜାତି, ଭାଷା, ସାହିତ୍ୟ, ସମାଜ ଓ ସଂସ୍କୃତି ସହ ଏକୀଭୂତ ହେବା ଲାଗି ଅହରହ ବ୍ୟଗ୍ର ଓ ବ୍ୟାପୃତ ରହୁଥିଲା । ତାଙ୍କ ସାହିତ୍ୟର ସର୍ବମୁଖ୍ୟ ସ୍ୱର ଥିଲା ସ୍ୱଦେଶପ୍ରୀତିର ସ୍ୱର । ଏହି ସ୍ୱର ଥିଲା ଯେପରି ଉଦ୍ଦାମ ସେହିପରି ଶ୍ରଦ୍ଧା ଓ ସମ୍ମାନରେ ଉଚ୍ଛଳ ।

ଗୋଦାବରୀଶଙ୍କର ଦଶଗୋଟି ଗାଥାକବିତାର ସମାହାର 'ଆଲେଖିକା' ଓଡ଼ିଆ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ରତ୍ନ । ଅନ୍ୟ କବିତା ପୁସ୍ତକରେ ସନ୍ନିବଦ୍ଧ 'ମୁଁ' ଚଷାପୁଅ', 'ଗଡ଼ରକ୍ଷା' ଭଳି କେତେକ ଗାଥା କବିତା ଦୃଷ୍ଟିଗୋଚର ହେଲେହେଁ 'ଆଲେଖିକା'ର କବିତାଗୁଡ଼ିକ ଅଧିକ ହୃଦୟସ୍ପର୍ଶୀ । ଇତିହାସ, ଜନଶ୍ରୁତି ଓ ଲୋକବିଶ୍ୱାସକୁ ନୂତନ ଅର୍ଥପୂର୍ଣ୍ଣ ମୂଲ୍ୟମାନରେ, ଲୋକ ପ୍ରଚଳିତ ସରଳ ଓ ସ୍ୱଚ୍ଛଳ ଭାଷାବିନ୍ୟାସରେ କେବଳ ଗୋଦାବରୀଶ ହିଁ ରୂପାୟିତ କରିପାରିଛନ୍ତି ଏହି କବିତା ମାନଙ୍କରେ । ଓଡ଼ିଆ ଗାଥାକବିତା ତାଙ୍କ ଲେଖନୀରେ ସ୍ୱତନ୍ତ୍ର ମର୍ଯ୍ୟାଦା କେବଳ ଆହରଣ କରିନାହିଁ ପରବର୍ତ୍ତୀ କବିମାନଙ୍କୁ ଏଦିଗରେ ପ୍ରଣୋଦିତ କରିଛି । 'ଆଲେଖିକୀ'ର ପ୍ରତ୍ୟେକଟି କବିତା ଏକ ଏକ କାହାଣୀକୁ ଆଶ୍ରୟ କରିଥିଲେହେଁ କାହାଣୀ କଥନ ଏହାର ପ୍ରାଣଧର୍ମ ହୋଇନାହିଁ । ସ୍ୱଦେଶ ଓ ସ୍ୱଜାତିର ମହିମା ସଂପର୍କୀୟ ଉଦ୍‌ବୋଧନହିଁ ଏହି କବିତାମାନଙ୍କର ନିରୁପମ ସିଦ୍ଧି । ପ୍ରତ୍ୟେକଟି ଗାଥାକବିତାର ଆଗ୍ରହ ଯେପରି ଚମକପ୍ରଦ, ଅଗ୍ରଗତି ସେହିପରି ଦ୍ରୁତ ଓ ପରିଣତି ସାର୍ଥକତାରେ ଅନବଦ୍ୟ । 'ଅଭିରାମ ସିଂହ', 'ପଦ୍ମାବତୀ', ଅର୍ଜୁନ ସିଂହ', କାଳିଜାଈ', 'ଦୁଃଖିଧନ', 'ମାମୁଁଭଣଜା', 'କଳାପାହାଡ଼', 'ସାକ୍ଷିଗୋପାଳ', 'ବିକ୍ରମସିଂହ' ଓ 'ଗାଲମାଧବ' ମଧ୍ୟରୁ 'କାଳିଜାଈ' ଓ 'ଦୁଃଖିଧନ' କବିତା ଦୁଇଟି ପାଠକ ଓ ସମୀକ୍ଷକ ମାନଙ୍କ ଦ୍ୱାରା ବହୁ ଆଦୃତ । ଆକାଶବାଣୀ ଓ ଦୁରଦର୍ଶନ ଦ୍ୱାରା 'କାଳିଜାଈ'ର କଳାତ୍ମକ ରୂପାୟନ ଶ୍ରୋତା ଓ ଦର୍ଶକ ମାନଙ୍କୁ ଅଭିଭୂତ କରିଥାଏ । ଜାଈ ଓ ଦୁଃଖିଧନ ପରି ସମ୍ଭାବନାମୟ ଦୁଇଟି ସରଳ ଓ ନିରୀହ ପ୍ରାଣର ଅକାଳ ସମାପ୍ତି କରୁଣ ସଂବେଦନରେ ପାଠକର ମର୍ମକୁ ସ୍ପର୍ଶ କରି ତାକୁ ଅଶ୍ରୁବିଗଳିତ କରିଥାଏ । ମନେ ହୁଏ, ଜନଶ୍ରୁତି ବା କିଂବଦନ୍ତିର ବୈଶିଷ୍ଟ୍ୟ ନୁହେଁ, କବିଙ୍କର ଅପୂର୍ବ ଶିଳ୍ପନୈପୁଣ୍ୟ ଏହି କବିତାମାନଙ୍କୁ ସାର୍ଥକ, ସମୃଦ୍ଧ ଓ ସ୍ମରଣୀୟ କରିଛି । ଯଶସ୍ୱୀ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ଉକ୍ତିରେ "ଏହି ଗାଥାକବିତାଗୁଡ଼ିକ ଓଡ଼ିଶା ମାଟିର ମର୍ମ ସଂଗୀତ । ଏହି କବିତାସବୁ କୀର୍ତ୍ତିକିରୀଟିନୀ ଓଡ଼ିଶାର ବିଗତ ସୌଭାଗ୍ୟର ସମାଧି ଉପରେ ଯେପରି ଗୋଟିଏ ଗୋଟିଏ ଉଜ୍ଜ୍ୱଳ ଅଶ୍ରୁବିନ୍ଦୁ ... ପୁଣି ଓଡ଼ିଶାର ଅଭ୍ୟୁତ୍‌ଥାନ ପାଇଁ ଉଦ୍ଦାତ୍ତ ଉଦ୍‌ବୋଧନ ।"

[ଓଡ଼ିଆ ସାହିତ୍ୟର କ୍ରମବିକାଶ - ପୃ ୩୪୨]

ଗୋଦାବରୀଶଙ୍କର କବିତାରାଜ୍ୟରେ ପ୍ରବେଶ କଲେ ଯେଉଁ ବିଷୟଗତ ବୈଚିତ୍ର୍ୟ ଆଖିରେ ପଡ଼େ ସେଥି ଯୋଗୁଁ ତାଙ୍କ କବିତା ଗୁଡ଼ିକର ବର୍ଗୀକରଣ ସହଜସାଧ ବୋଧ ହୁଏ ନାହିଁ । କେତେକ ପ୍ରତ୍ୟକ୍ଷ ଅଭିଜ୍ଞତା, ସମସ୍ୟାଜନିତ ଚିତ୍ତବିକ୍ଷୋଭ, ସାମାଜିକ ଜୀବନବୋଧ, ବ୍ୟକ୍ତିଗତ ଆଦର୍ଶ ଓ ଦର୍ଶନ ଗୋଦାବରୀଶଙ୍କର କାବ୍ୟଚେତନାକୁ ନିୟନ୍ତ୍ରଣ

କରିଥିବା ଜଣାଯାଏ । ସେହି କବିତାମାନଙ୍କରୁ କବିଚିତ୍ତର ଶୁଦ୍ଧତା, ନିଷ୍କପଟତା, ଉଦାର ମାନବବାଦିତା ସ୍ପଷ୍ଟ ବାରି ହୋଇଯାଏ । ସେ ଗୁଡ଼ିକ ଯଥାର୍ଥରେ ସାମାଜିକ, ସାଂସ୍କୃତିକ ଓ ଐତିହାସିକ ଜୀବନଚିତ୍ରଣ ଦୃଷ୍ଟିରୁ ବୃହତ୍ତର ଉତ୍କଳର କଳାତ୍ମକ ଆଲେଖ୍ୟ ।

ଆଧୁନିକ ଓଡ଼ିଆ ସାହିତ୍ୟରେ ଫକୀରମୋହନ କ୍ଷୁଦ୍ରଗଳ୍ପର ଯେଉଁ ଆଦର୍ଶ ପ୍ରତିଷ୍ଠା କରିଥିଲେ, ଗୋଦାବରୀଶ ଥିଲେ ତାହାର ଉତ୍ତର ସାଧକ । ଜନସେବା, ଜାତୀୟତାର ଜାଗରଣ, ସ୍ୱାଧୀନତା ସଂଗ୍ରାମ ଓ ସମାଜ ସଂସ୍କାରର ବଳିଷ୍ଠ ଆଭିମୁଖ୍ୟ ଗୋଦାବରୀଶଙ୍କ ଜୀବନର ଗତିପଥରେ ଥିଲା ପ୍ରଧାନ ଅବଲମ୍ବନ । ସେ ବିଧାନ ସଭାଗୁଡ଼ିକର ସଭ୍ୟ ଭାବରେ ଦେଶ ଓ ଜନତାଙ୍କର ବିଭିନ୍ନ ସମସ୍ୟା ତଥା ସଙ୍କଟ ସହ ଭଲ ରୂପେ ପରିଚିତ ଥିଲେ । ବ୍ୟକ୍ତିଜୀବନର ଦୁଃଖ, ଯନ୍ତ୍ରଣା, ଶୋଷଣ, ବ୍ୟଭିଚାର ଅସହାୟତାକୁ ସେ ପ୍ରାଣେ ପ୍ରାଣେ ଅନୁଭବ କରିଥିଲେ । ସମାଜ ଓ ବ୍ୟକ୍ତିଜୀବନକୁ ଅଧଃପତିତ, ନିଶ୍ଶେଷ ଓ ଦୁର୍ବଳ କରୁଥିବା କୁସଂସ୍କାର ତଥା ରକ୍ଷଣଶୀଳତାକୁ ସେ କେବଳ ଚହ୍ନି ନଥିଲେ, ସେଗୁଡ଼ିକର ନିରାକରଣ ଲାଗି ସେ ନିରବଚ୍ଛିନ୍ନ ପ୍ରଚେଷ୍ଟା କରି ଲାଗିଥିଲେ । ବ୍ରାହ୍ମଣର ସନ୍ତାନ ହୋଇ ସେ ନିଶ ରଖିଥିଲେ । ଭକ୍ତି-ଅନୁରାଗ ବିରହିତ ପୂଜା ପାର୍ବଣ ସେ ପାଳନ କରୁନଥିଲେ । ଶିକ୍ଷାବିସ୍ତାର ଲାଗି ଯତ୍‌ପରୋନାସ୍ତି ଉଦ୍ୟମ ତାଙ୍କ ଜୀବନର ବ୍ରତ ଥିଲା । ବାସ୍ତବ ଜୀବନର ଲୋକଶିକ୍ଷାମୂଳକ ରୂପାୟନ ପାଇଁ ସେ ଗଳ୍ପ ରଚନାରେ ପ୍ରବୃତ୍ତ ହୋଇଥିଲେ ।

ଗୋଦାବରୀଶ ଗ୍ରନ୍ଥାବଳୀ ଦ୍ୱିତୀୟଖଣ୍ଡରେ 'ଗଳ୍ପମାଳା', 'ପୁଆଣିଘର' ଓ 'ନଅଟିଗଳ୍ପ' ଶୀର୍ଷକ ତିନୋଟି ଗଳ୍ପ ଗ୍ରନ୍ଥରେ ସଂକଳିତ ତେଇଶିଟି ଓ ଗ୍ରନ୍ଥାବଳୀ ଚତୁର୍ଥଖଣ୍ଡରେ 'ଗଳ୍ପ' ଶୀର୍ଷକରେ ଚାରିଗୋଟି ଗଳ୍ପ ଏହିପରି ସମୁଦାୟ ସତେଇଶଟି ଗଳ୍ପ ମଧ୍ୟରୁ ଅଳ୍ପ କେତୋଟିକୁ ଉପନ୍ୟାସିକା ପର୍ଯ୍ୟାୟରେ ଗ୍ରହଣ କରିବାକୁ ହୋଇଥାଏ । ପ୍ରଥମ ୨୩ଟି ଗଳ୍ପର ରଚନାକାଳ ୧୯୨୪ରୁ ୧୯୫୧ ମଧ୍ୟରେ । ଅନ୍ୟଗୁଡ଼ିକ ଏହା ପରବର୍ତ୍ତୀ ରଚନା । ଏଥିମଧ୍ୟରୁ 'ତୋଳାକନ୍ୟା', 'ବିଧବାକନ୍ୟା', 'ନାରୀର ଗତି', 'ଦମ୍ପିଲା ବଂଧୁ', 'ପରଦାନସୀନ', 'ପାଣ୍ଡୁମିଶ୍ରେ' ଶୀର୍ଷକ ଗଳ୍ପ ମାନଙ୍କରେ ସମାଜ ଜୀବନକୁ ପଙ୍ଗୁ କରି-ଦେଇଥିବା କୁସଂସ୍କାର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି । 'ସାବତପୁଅ', 'ଭାଇଭାଗ', 'ଶ୍ରୀମତୀ' ଓ 'ପୁଆଣିଘର' ଗଳ୍ପ ଗୁଡ଼ିକରେ ପରିବାର-ଜୀବନର ସମସ୍ୟା ପ୍ରାଧାନ୍ୟ ଲାଭ କରିଛି । ପ୍ରଣୟଭିତ୍ତିକ ଗଳ୍ପ ସବୁ ହେଉଛନ୍ତି 'ରିକ୍‌ସାବାଲା', 'ପ୍ରେମର ଉଚ୍ଛ୍ୱାସ', 'ସେବତୀରଶବ', 'ପାଷାଣର ଭାଷା', 'ମିଳନ', 'ପ୍ରଗତି' ଓ 'କାଟବଜ୍ରକର' । ରାଜନୈତିକ ଚେତନା ସଂବଳିତ ଗଳ୍ପ ଭାବରେ 'ବନ୍ଦୀ', 'ଅନ୍ନଛତ୍ର', 'ପୋଲଉନ୍ମୋଚନ', 'ରାଜଭାଗ', 'ସାନ୍ତ୍ୱନା', 'ବାଁ ଡାହାଣ', 'ପରିଚୟ' ଓ 'ବିଦାୟ' ଆତ୍ମପ୍ରକାଶ କରିଛନ୍ତି । 'ବରଯାତ୍ରୀ' ଓ 'ବଡ଼ପୁଅ' ଗଳ୍ପ ଦୁଇଟି ଚରିତ୍ରଚିତ୍ରାୟନ ମୂଳକ ।

ଆମ ପାରିବାରିକ ଜୀବନକୁ ବେଦନାକ୍ତ ଓ ଦୁର୍ବିସହ କରୁଥିବା ବାଲ୍ୟବିବାହ, ବୃଦ୍ଧବିବାହ, ଯୌତୁକ ପ୍ରଥା ଭଳି ବୈବାହିକ ଜୀବନର ସମସ୍ୟାମାନଙ୍କୁ ଆଧାର କରି ଫକୀରମୋହନ ଓଡ଼ିଆ ଗଳ୍ପର ଯେଉଁ ଭିତ୍ତିସ୍ଥାପନ କରିଥିଲେ ଗୋଦାବରୀଶ ସେହି ମାର୍ଗରେ ଲେଖନୀଚାଳନା କରିଥିଲେହେଁ ବକ୍ତବ୍ୟ ଉପସ୍ଥାପନରେ ମୌଳିକତାର ପରିଚୟ

ଦେଇଛନ୍ତି । ନୂତନ ଓ ପୁରାତନ ଚିନ୍ତ ସଂଘର୍ଷକୁ ସେ ପୂର୍ବସୂରୀଙ୍କ ଭଳି ରୂପାୟିତ କରିଛନ୍ତି ; ମାତ୍ର ପୁରାତନ ଉପରେ ନୂତନର ଆତ୍ମପ୍ରତିଷ୍ଠାକୁ କଳାତ୍ମକ ଅଭିବ୍ୟକ୍ତି ଯୋଗାଇବାରେ କୃତିତ୍ୱ ଦର୍ଶାଇଛନ୍ତି । ତାଙ୍କର ଦୃଷ୍ଟିଭଙ୍ଗୀ ଅଧିକ ପ୍ରଗତିଶୀଳ । ପରିବର୍ତ୍ତିତ ସମୟର ପ୍ରଭାବ ଓ ତଦ୍‌ଜନିତ ଚେତନା ପ୍ରସାରଣର ସଂକେତ ତାଙ୍କ ଗଳ୍ପ ସାହିତ୍ୟରେ ଉପଲବ୍ଧ ହୁଏ ।

ଗୋଦାବରୀଶଙ୍କ ଗଳ୍ପଗୁଡ଼ିକ ପାଠକଲେ ତାଙ୍କର ଅଭିବ୍ୟକ୍ତିର ସ୍ୱଚ୍ଛନ୍ଦତା ସ୍ପଷ୍ଟ ଜାଣିହୁଏ । ତାଙ୍କ ଗଳ୍ପଗୁଡ଼ିକ ବର୍ଣ୍ଣନା ପଲ୍ଲବିତ । ସେ କଥାରେ କବିତା ଓ କବିତାରେ କଥାର ବ୍ୟଂଜନା ବାଢ଼ିଦେବାରେ ସିଦ୍ଧହସ୍ତ । ଘଟଣା ବୟାନ ହେଉ, ଚରିତ୍ର ଚିତ୍ରଣ ହେଉ ବା କ୍ରିୟା ପ୍ରତିକ୍ରିୟା ହେଉ, ସେ ସବୁ କ୍ଷେତ୍ରରେ ଉପମାଟିଏ ଖଂଜି ଦିଅନ୍ତି । ତଦ୍ୱାରା ଆବେଗଧର୍ମୀ ସରସତାର ଚମକ ଖେଳିଯାଏ । ସେ ଉଭୟ ସହର ଓ ଗ୍ରାମକୁ ଖୁବ୍ ନିକଟରୁ ଚିହ୍ନି ପାରିଥିବାରୁ ସେଠିକାର ଭାବ, ଭାଷା ଓ ଚଳଣିକୁ ଅବିକଳ ବ୍ୟବହାର କରିବାରେ ଦକ୍ଷତାର ପରିଚୟ ଦେଇଛନ୍ତି । ନରନାରୀମାନଙ୍କର ହାବଭାବ, ଗତିଭଙ୍ଗୀ ଓ ପ୍ରତିକ୍ରିୟାର ସ୍ୱଭାବ ସୁନ୍ଦର ରୂପାୟନ ତାଙ୍କ ଗଳ୍ପଗୁଡ଼ିକୁ ସୁଖପାଠ୍ୟ କରିଛି ।

ଉପନ୍ୟାସ ରଚନା କ୍ଷେତ୍ରରେ ଗୋଦାବରୀଶଙ୍କର ଅବଦାନ ସ୍ମରଣୀୟ । 'ଅଭାଗିନୀ', 'ଘଟାନ୍ତର', 'ଅଠରଶହ ସତର' ଓ 'ନିର୍ବାସିତ' ଶୀର୍ଷକ ଚାରିଗୋଟି ଉପନ୍ୟାସର ସେ ରଚୟିତା । ଅତ୍ୟନ୍ତ ଅଭାବଗ୍ରସ୍ତ ଅବସ୍ଥାରେ କେଉଁ କେଉଁ ଦିନ ଉପବାସରେ ଦିନ କଟାଉଥିବା ବେଳେ (୧୯୨୨) ସେ ଲେଖିଛନ୍ତି 'ଅଭାଗିନୀ' । ବିଧାନସଭା ନିର୍ବାଚନରେ ଯୋଗ ନଦେଇ ରାଜନୀତି ଠାରୁ ଦୂରରେ ରହି ସେ ୧୯୪୯ରୁ ୧୯୫୧ ପର୍ଯ୍ୟନ୍ତ ସାହିତ୍ୟ ସାଧନାର ନିବିଷ୍ଟତା ମଧ୍ୟରେ ଅନ୍ୟ ତିନୋଟି ଉପନ୍ୟାସ ଲେଖିଥିଲେ । ଏହି ଉପନ୍ୟାସ ମାନଙ୍କରେ ପାଶ୍ଚାତ୍ୟ ଉପନ୍ୟାସର ଛାୟାପାତ ଘଟିଥିବାର ଜଣାଯାଏ । ସାଧାରଣ ପାଠକ ଦୃଷ୍ଟିରେ ଏହା ଧରାପଡ଼େ ନାହିଁ । କାରଣ ଘଟଣା, ଚରିତ୍ର ଓ ପରିବେଶ ସବୁ ସ୍ୱଦେଶର ଛାଞ୍ଚରେ ଏପରି ଢଳା ହୋଇଛି ଯେ ସେସବୁ ମୌଳିକ ଭଳି ମନେ ହୋଇଥାଏ ।

ଫରାସୀ ଔପନ୍ୟାସିକ ଭିକ୍ଟର୍ ହ୍ୟୁଗୋଙ୍କର ସୁପ୍ରସିଦ୍ଧ 'ଲା ମିଜରେବ୍‌ଲ୍‌ସ୍' ଉପନ୍ୟାସ ଅବଲମ୍ବନରେ 'ଅଭାଗିନୀ' କଳ୍ପିତ । ଏଥିରେ ଜାଁ ଭାଲଜିନ୍ ହୋଇଛନ୍ତି ପାଣୁ ନା ଏକ, କୋସେଟ୍ ହୋଇଛି ରମା ଓ ଘଟଣାସ୍ଥଳ କଟକ ସହର । ନରହନ୍ତା ତସ୍କର ପାଣୁ ନାଏକ ଜେଲ୍‌ଖାନାରୁ କୌଶଳକ୍ରମେ ପଳାଇ ଆସି ଗୋଟିଏ ମଠରେ ଆଶ୍ରୟ ନେଲାବେଳେ ତା ଆଖିରେ ପଡ଼େ ରୁପାରେ ତିଆରି ଦୀପରୁଖାଟିଏ । ସେଇଟିକୁ ଚୋରି କରି ସେ ପୋଲିସ୍ ହାତରେ ଧରାପଡ଼େ । ମଠର ବୈଷ୍ଣବ ତାକୁ ନିର୍ଦ୍ଦୋଷ କହିବାରୁ ତାର ହୃଦୟ ପରିବର୍ତ୍ତିତ ହୁଏ । ସେ ଏହାପରେ କିପରି ସାଧୁ, ସତ୍ୟନିଷ୍ଠ ଓ ଦାନଶୀଳ ବ୍ୟକ୍ତିରେ ପରିଣତ ହୋଇ ଦୀନଦଳିତଙ୍କର ସେବା କରୁ କରୁ ଅଭାଗିନୀ ରମାକୁ ସାହାଯ୍ୟ କରିବାକୁ ଯାଇ ଅପାର କ୍ଳେଶ ବରଣ କରିଛି, 'ଅଭାଗିନୀ' ଉପନ୍ୟାସରେ ତାହାର ରୋମାଞ୍ଚକାରୀ ବର୍ଣ୍ଣନା ପ୍ରଦାନ କରାଯାଇଛି ।

'ଘଟାନ୍ତର' ଉପନ୍ୟାସଟି ଇଂରେଜୀ ଔପନ୍ୟାସିକ ଲୁଇ ଷ୍ଟିଭେନ୍‌ସନ୍‌ଙ୍କର 'ଡକ୍ଟର ଜେକୀଲ ଯାଣ୍ଡ ମିଷ୍ଟର୍ ହାଇଡ୍' ଉପନ୍ୟାସର କାହାଣୀକୁ ଆଶ୍ରୟ କରିଛି । ପାଠକ ଏଥିରେ

ଡକ୍ଟର ଜେକୀଲଙ୍କୁ ତାରାକାନ୍ତ ନାଏକ ଓ ମିଷ୍ଟର୍ ହାଇଡ୍‌କୁ ସଦେଇ ଜେନା ଠାରେ ଭେଟିଥାଏ । ଡାକ୍ତର ତାରାକାନ୍ତ ନାୟକ ଦେଶପ୍ରେମ ଓ ସମ୍ଭୋଗ ଭଳି ଦୁଇ ବିପରୀତଧର୍ମୀ ପ୍ରବୃତ୍ତିର ଦ୍ୱନ୍ଦ୍ୱକୁ ସମ୍ଭାଳିବାକୁ ଯାଇ ଘଟ ପରିବର୍ତ୍ତନର ଗବେଷଣାରେ ସଫଳତା ଅର୍ଜନ କରନ୍ତି । ସେ ଉଦ୍‌ଭାବନ କରିଥିବା ଔଷଧକୁ ନିଜଠାରେ ପ୍ରୟୋଗ କରି ଦସ୍ୟୁ ସଦେଇ ଜେନାରେ ରୂପାନ୍ତରିତ ହୋଇଯାଆନ୍ତି । ଦସ୍ୟୁ ସ୍ୱପ୍ରବୃତ୍ତିର ବଶବର୍ତ୍ତୀ ହୋଇ ଚୁଡ଼ଙ୍ଗ ଗଡ଼ର ଜମିଦାରଙ୍କୁ ହତ୍ୟା କରିଦିଏ । ହତ୍ୟାକାରୀ ସଦେଇଜେନାକୁ ଖୋଜି ବାହାର କରିବାକୁ ପୋଲିସ ଜୋର୍ ସୋର୍‌ରେ ଲାଗି ପଡ଼ିବାରୁ ଭୀତିବିହ୍ୱଳ ସଦେଇ ଗବେଷଣାଗାରକୁ ଆସି ଔଷଧ ସେବନ କରି ତାରାକାନ୍ତ ହୋଇଯାଏ । ମାତ୍ର ଔଷଧର ପ୍ରକ୍ରିୟା ଆପେ ଆପେ ବାରମ୍ବାର ଘଟିବାରୁ ଔଷଧତକ ଖିଆ ହୋଇ ହୋଇ ସରିଯାଏ । ଶେଷକୁ ତାରାକାନ୍ତ ନୁହେଁ, ସଦେଇ ଅପରିବର୍ତ୍ତିତ ରହେ । ନିଜର ଜୀବନୀଟିକୁ ଲେଖିସାରି ସଦେଇରୂପୀ ତାରାକାନ୍ତ ଆତ୍ମହତ୍ୟା କରନ୍ତି । ରହସ୍ୟ ରୋମାଞ୍ଚଭରା ଏହି ଉପନ୍ୟାସଟିର କଥାଭାଗ ଓଡ଼ିଶାର ମାଟି, ପାଣି ପବନରେ ଗଢ଼ି ଉଠିଥିବାରୁ ସୁଖପାଠ୍ୟ ହୋଇଛି ।

ଅଠରଶହ ସତର' ଏକ ଐତିହାସିକ ଉପନ୍ୟାସ । ଏହା ଚାର୍ଲସ୍ ଡିକେନ୍‌ସଙ୍କର 'ଏ ଟେଲ୍ ଅଫ୍ ଟୁ ସିଟିଜ୍'ର ପ୍ରଭାବ ପ୍ରସୂତ । ଐତିହାସିକ ସତ୍ୟ ନିହିତ ଓଡ଼ିଶାର ପାଇକ ବିଦ୍ରୋହର ପୃଷ୍ଠଭୂମି ବରଣ କରିଥିବାରୁ ଏହି ଉପନ୍ୟାସଟି ମୌଳିକ ରଚନା ଭଳି ପ୍ରତୀତ ହୁଏ । ୧୮୧୭ର ପାଇକ ବିଦ୍ରୋହ ଓଡ଼ିଶା ଇତିହାସର ଅଙ୍ଗୀଭୂତ ଘଟଣା । ୧୮୦୩ରୁ ଓଡ଼ିଶାରେ ଇଂରେଜ ଶାସନ ଆରମ୍ଭ ହେଲା । ଏହି ଶାସନ ପ୍ରତିଷ୍ଠାର ପ୍ରଥମ କାଳରୁ ଚିରସ୍ଥାୟୀ ବନ୍ଦୋବସ୍ତ ଆଇନ୍‌କୁ ନେଇ ଓଡ଼ିଶାର ଗଜପତି ସମ୍ରାଟ, ତାଙ୍କ ଅଧୀନସ୍ଥ ରାଜକର୍ମଚାରୀ ଦୁର୍ଗପତି, ସେନାପତି ଓ ସେନାନୀଙ୍କୁ ଅପମାନିତ ଓ ଦୁର୍ଦ୍ଦଶାପନ୍ନ କରାଯିବାରୁ ସେମାନେ ସଂଘବଦ୍ଧ ଭାବେ ବିଦ୍ରୋହ କଲେ । ଇଂରେଜଙ୍କ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ ଚଲାଇଲେ । ମାତୃଭୂମିର ଗୌରବ ରକ୍ଷାପାଇଁ ଓଡ଼ିଆ ପାଇକ ମାନଙ୍କର ଆତ୍ମୋତ୍ସର୍ଗ, ଇଂରେଜ ମାନଙ୍କର କୂଟନୀତି ମୂଳକ ଚକ୍ରାନ୍ତ ସବୁ ବିସ୍ତାରିତ ବୈଦ୍ୟ ସଦାଶିବ, ପାଚକ ଦୀନବନ୍ଧୁ, ଗଣପତି ଓ ସନାତନ ପ୍ରଭୃତି ବିପ୍ଲବୀ ପାଇକ ମାନଙ୍କର ସହାୟକ-ଭୂମିକା ଓ ପ୍ରତିଶୋଧ ପରାୟଣା ଚଂପାର ଚକ୍ରାନ୍ତ ଓ ପରିଶେଷରେ ବକ୍‌ସିଙ୍କର ଗୃହବନ୍ଦୀ ହେବା ପରେ ଇଂରେଜଙ୍କ ଦ୍ୱାରା ବିଦ୍ରୋହ ଦମନ ସଂକ୍ରାନ୍ତୀୟ ଭାବେ ଏହି ଉପନ୍ୟାସରେ ଘଟଣା, ପରିବେଶ ଓ ଚରିତ୍ର ମାନଙ୍କର ଚିତ୍ରଣରେ ସ୍ୱଭାବ ସୁଲଭ କଥକତା ଓ ସ୍ୱଦେଶପ୍ରୀତିର ବଳିଷ୍ଠ ଆବେଦନ ଏହି ଉପନ୍ୟାସଟିକୁ ପାଠକ ସାଧାରଣରେ ଆଦୃତ କରିଛି । ପ୍ରାରମ୍ଭ, ପ୍ରବାହ ଓ ପରିଣତିରେ ଉପନ୍ୟାସଟି ବିଦ୍ରୋହର ଇତିକଥାହିଁ ବରଣ କରିଛି ।

ଗୋଦାବରୀଶଙ୍କର ଅମ୍ଲାନ ଦେଶ ପ୍ରେମର ଅନ୍ୟତମ ଆଲେଖ୍ୟ ହେଉଛି 'ନିର୍ବାସିତ' ଉପନ୍ୟାସ । ପୁରୀର ଗଜପତି ଦିବ୍ୟସିଂହ ଦେବଙ୍କର ଆଣ୍ଡାମାନ୍ ବନ୍ଦୀଶାଳାରେ ଆଜୀବନ କାରାବାସ ଏକ ସତ୍ୟମୂଳକ ଐତିହାସିକ ଘଟଣା । ୧୮୭୮ ସେପ୍ଟେମ୍ବରରେ ସେ ଆଣ୍ଡାମାନ୍‌ରେ ପହଞ୍ଚିଲେ ଏବଂ ସେଠାରେ ଯକ୍ଷ୍ମାରୋଗରେ ପୀଡ଼ିତ ହୋଇ ୧୮୮୭

ଅଗଷ୍ଟ ୨୫ ତାରିଖରେ ମୃତ୍ୟୁ ବରଣ କରିଥିଲେ । ଔପନ୍ୟାସିକ ଏହି ତଥ୍ୟକୁ ଆଶ୍ରୟ କରି କଳ୍ପନାର ଚମତ୍କାର ଉପଯୋଗରେ ଏହି ଉପନ୍ୟାସଟିକୁ ଗଢ଼ି ତୋଳିଛନ୍ତି । ମାତ୍ର ଊନବିଂଶ ଶତାବ୍ଦୀର ଐତିହାସିକ ଚରିତ୍ରକୁ ପ୍ରଥମ ବିଶ୍ୱଯୁଦ୍ଧ କାଳରେ ଅବସ୍ଥାପିତ କରାଯାଇ ଥିବାରୁ ଏଥିରେ କାଳଗତ ଭ୍ରମ (anachronism) ପରିଦୃଷ୍ଟ ହୋଇଛି । ଓଡ଼ିଶାରୁ ସଦାନନ୍ଦ ସାହୁ, ମେଜର ହରିହର ବେହେରା ଓ ଦଣ୍ଡପାଣି 'ସିନ୍ଧୁହସ୍ତୀ' ନାମକ ଜାହାଜରେ ଦିବ୍ୟସିଂହଦେବଙ୍କୁ ମୁକ୍ତ କରି ଆଣିବା ପାଇଁ ମାଳୟ ଯାତ୍ରା କରିଛନ୍ତି । ଗଜପତିଙ୍କୁ ମୁକ୍ତକରି ଆଣିବାରେ ସେମାନେ ସଫଳକାମ ହେଲେ କ'ଣ ହେବ, ସେମାନଙ୍କର ଜାହାଜ ଦୁର୍ଘଟଣାଗ୍ରସ୍ତ ହୋଇଛି । ପଥ ମଧ୍ୟରେ ସମ୍ବାଦ ମିଳିଛି ଯେ ରାଜଦ୍ରୋହ ଅପରାଧରେ ଇଂରେଜ ସରକାର ଦ୍ୱାରା ସେମାନେ ଫାଶୀ ଦଣ୍ଡରେ ଦଣ୍ଡିତ ହୋଇଛନ୍ତି । ତେଣୁ ସେମାନେ ଦେଶକୁ ନ ଫେରି ଶ୍ୟାମଦେଶ ନିକଟବର୍ତ୍ତୀ ଏକ ଦ୍ୱୀପରେ ନିର୍ବାସିତ ଜୀବନ କଟାଇଛନ୍ତି । ସେହିଠାରୁ ଯୋଜନାବଦ୍ଧ ଭାବେ ଇଂରେଜ ସରକାରକୁ ବିତାଡ଼ନ କରିବାକୁ ସେମାନେ ସ୍ଥିର କରି କାର୍ଯ୍ୟରେ ଆଗେଇ ଯାଆନ୍ତି । ଉପନ୍ୟାସଟିରେ ଓଡ଼ିଆଙ୍କ ବୀରତ୍ୱ, ଦକ୍ଷିଣପୂର୍ବ ଏସିଆ ଦେଶ ମାନଙ୍କରେ ସେମାନଙ୍କର ବାଣିଜ୍ୟ କାରବାରର ବର୍ଣ୍ଣନା ଏକାନ୍ତ ଉଦ୍‌ବୋଧକ ।

ଗୋଦାବରୀଶଙ୍କ ରଚିତ 'ପୁରୁଷୋତ୍ତମ ଦେବ' ଓ 'ମୁକୁନ୍ଦଦେବ' ନାଟକ ଦୁଇଟି ଯଥାକ୍ରମେ ୧୯୧୭ ଓ ୧୯୨୦ରେ ପ୍ରକାଶିତ ହୋଇଥିଲା । ଆଧୁନିକ ଓଡ଼ିଆ ନାଟ୍ୟ ସାହିତ୍ୟର ଇତିହାସରେ ଏଦୁଇଟି ନାଟକ ବହୁଚର୍ଚ୍ଚିତ । ଯୁଗୋପଯୋଗୀ ଓଡ଼ିଆ ନାଟକର ଅଭାବ ଥିଲା ବେଳେ ଏହି ଐତିହାସିକ ନାଟକ ଦୁଇଟି ଅଭିନୀତ ଓ ପ୍ରକାଶିତ ହୋଇ ଅନେକ ଆଶାର ସଂଚାର କରିଥିଲା । ଦୁଇଟି ଯାକ ନାଟକ ଗୋଦାବରୀଶଙ୍କର ଯୌବନ କାଳୀନ ରଚନା । ଓଡ଼ିଶାର ଗଜପତି ପୁରୁଷୋତ୍ତମ ଦେବଙ୍କର କାଞ୍ଚି ବିଜୟ, କାଞ୍ଚିରାଜକନ୍ୟା ପଦ୍ମାବତୀଙ୍କ ସହ ପୁରୀ ପ୍ରତ୍ୟାବର୍ତ୍ତନ ଓ ପରିଶେଷରେ ତାଙ୍କୁ ବିବାହ କରିବା ପ୍ରସଙ୍ଗ ଜନଶ୍ରୁତି, କିଂବଦନ୍ତି ଓ ଇତିହାସ ମାଧ୍ୟମରେ ଓଡ଼ିଶାରେ ବହୁ ପରିଚିତ । ପୁରୁଷୋତ୍ତମ ଦେବଙ୍କର ଅସାମାନ୍ୟ ବୀରତ୍ୱ, ପ୍ରାଣର ଉଦାରତା, ତାଙ୍କ ମନ୍ତ୍ରୀଙ୍କର ବୁଦ୍ଧିମତ୍ତା ଓ ରାଜଭକ୍ତି 'ପୁରୁଷୋତ୍ତମଦେବ' ନାଟକରେ ବଳିଷ୍ଠ ଭାବରେ ଅଭିବ୍ୟକ୍ତ ।

'ମୁକୁନ୍ଦଦେବ' ନାଟକ ଓଡ଼ିଆ ଜାତିର ମହାନତା ପ୍ରଖ୍ୟାପନ କରେ । କଳାପାହାଡ଼ର ଓଡ଼ିଶାଜୟ, ସାରଙ୍ଗ ଗଡ଼ର ରାଜା ରାମଚନ୍ଦ୍ର ଭଂଜଙ୍କ ହାତରେ ଗଜପତି ମୁକୁନ୍ଦ ଦେବଙ୍କ ନିଧନ, କଳାପାହାଡ଼ ଦ୍ୱାରା ରାମଚନ୍ଦ୍ର ଭଂଜଙ୍କର ପରାଜୟ, କଳାପାହାଡ଼ର ବାରବାଟୀ ଦୁର୍ଗ ଆକ୍ରମଣ, ମୁକୁନ୍ଦ ଦେବଙ୍କ ରାଣୀ ଉଷାୟନୀଙ୍କର ଶେଷ ପର୍ଯ୍ୟନ୍ତ ଗଡ଼ରକ୍ଷା ଉଦ୍ୟମ, କଳାପାହାଡ଼କୁ ପଦାଘାତ କରି ରାଣୀଙ୍କର ଅଗ୍ନିକୁଣ୍ଡରେ ପ୍ରବେଶ 'ମୁକୁନ୍ଦ ଦେବ' ନାଟକର ପ୍ରମୁଖ ବିଷୟ-ଚିତ୍ର । ଏଥିରେ ମୁକୁନ୍ଦ ଦେବଙ୍କ ଶୌର୍ଯ୍ୟ, ଚାରିତ୍ରିକ ମହନୀୟତା, ରାଣୀ ଉଷାୟନୀଙ୍କର ଧୈର୍ଯ୍ୟ, ସାହସିକତା ଓ ଦେଶପ୍ରେମ ସହ ଓଡ଼ିଶା ରାଜାଙ୍କର ମନ୍ତ୍ରୀ, ଅମାତ୍ୟ ଓ ସୈନ୍ୟଗଣଙ୍କର ବୀରତ୍ୱ ତଥା ଦେଶଭକ୍ତିର ଉଜ୍ଜ୍ୱଳ ଦୃଷ୍ଟାନ୍ତ ପ୍ରଦାନ କରାଯାଇଛି ।

ସ୍ୱଦେଶପ୍ରାଣତାରେ ଉଚ୍ଛଳ ଗୋଦାବରୀଶଙ୍କର କବିଚିତ୍ତରୁ ଆବେଗପୂର୍ଣ୍ଣ ଦୀର୍ଘ ସଂଳାପ ନାଟକ ଦୁଇଟିକୁ ଆପ୍ଲୁତ କରି ରଖିଛି । ମଞ୍ଚୋପଯୋଗିତା ଅପେକ୍ଷା ସାହିତ୍ୟିକ ଉତ୍କର୍ଷ ନାଟକ ଦୁଇଟିରୁ ବେଶ୍ ଉପଲବ୍ଧ ହୁଏ । 'ପୁରୁଷୋତ୍ତମ ଦେବ'ର ପ୍ରଥମ ଅଙ୍କ ଷଷ୍ଠ ଦୃଶ୍ୟରେ ସଂଯୋଜିତ 'ରଂଜିତ ଅସିଧାରେ, ଶତ୍ରୁ ରକ୍ତଗାରେ, ଲେଖହେ ଆଜି ବିଜୟବିଭବ ଜନ୍ମଭୂମି ଭାଲେ'କୁ ଡଃ ମାନସିଂହ ଶ୍ରେଷ୍ଠତମ ମାର୍ଚ୍ଚିଂ ସଂଗୀତଭାବେ ଅଭିହିତ କରିଛନ୍ତି । ସଂଗୀତଟି ଯେପରି ସୁରଚିତ, ସେହିପରି ଉଦ୍‌ବୋଧକ । ସୁପରିକଳ୍ପିତ ଏହି ନାଟକ ଦୁଇଟି ଓଡ଼ିଆ ସାହିତ୍ୟ ଜଗତରେ ସ୍ମରଣୀୟ ।

ଓଡ଼ିଶାର ସଂବାଦପତ୍ର ଓ ପତ୍ରିକାରେ ଗୋଦାବରୀଶଙ୍କର ଅନେକ ପ୍ରବନ୍ଧ ସମୟକ୍ରମେ ପ୍ରକାଶିତ ହୋଇଥିଲା । ସେ ଯେ କେବଳ କଳ୍ପନାବିଳାସୀ କବି ଓ କଥାକାର ନଥିଲେ, ଥିଲେ ଚିନ୍ତାଶୀଳ, ଅଧ୍ୟୟନ ତତ୍ପର ଓ ଅନୁସନ୍ଧାନ ପ୍ରୟାସୀ, ତାଙ୍କ ପ୍ରବନ୍ଧଗୁଡ଼ିକ ଏହାର ସାକ୍ଷ ଦିଅନ୍ତି । ସାହିତ୍ୟ, ସ୍ଥାପତ୍ୟ, ଜୀବନୀ, ରାଜନୀତି ଓ ସମାଜ ସଂସ୍କାର ଇତ୍ୟାଦି ବିଷୟରେ ଲିଖିତ ତାଙ୍କର ପ୍ରବନ୍ଧ ଗୁଡ଼ିକରେ ସରଳ ଓ ସାବଲୀଳ ଭଙ୍ଗୀରେ ସମସ୍ୟା ଗୁଡ଼ିକୁ ଯେପରି ଉତ୍ତୋଳନ କରାଯାଇଛି, ସମାଧାନର ସଂକେତ ମଧ୍ୟ ସେହିପରି ଧରାଇ ଦିଆଯାଇଛି । କୌଣସି ମନ୍ତବ୍ୟ ଏଥିରେ ନିରାଧାର ନୁହେଁ । 'ବିଚ୍ଛିନ୍ନାଞ୍ଚଳ ସମସ୍ୟା', 'ଭାରତରେ ଅଚଳ ଅବସ୍ଥା', 'ଜାତୀୟ ପତାକା', ଜୀବନୀମୂଳକ କାହାଣୀଧର୍ମୀ 'ମହାତ୍ମାଗାନ୍ଧି', 'ନେପୋଲିୟନ୍', 'ଦାସତ୍ୱମୋଚନ', ବର୍ଣ୍ଣନାଧର୍ମୀ 'କଙ୍କାଳର ଆର୍ତ୍ତନାଦ', 'ମନୁଷ୍ୟର କ୍ରମବିକାଶ', ଅନୁଭୂତି ଓ ଅନୁଧ୍ୟାନ ମୂଳକ 'କୋଣାର୍କ ଦର୍ଶନ', 'ଖୋରଧାରେ ଦୁଇଦିନ', 'ସମ୍ବଲପୁରରେ ଚାରିଦିନ', 'ରୁଗ୍‌ବୀ ସ୍କୁଲ', ରାଜନୀତି ସଂବଳିତ 'ଓଡ଼ିଶାର ଭୂନୀତି', 'ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍', 'ରଖା ନା ଉଠା', 'ଷଢ଼େଇକଲା ଖରସୁଆଁ', 'ଗଣତନ୍ତ୍ର ଶାସନର ରୂପରେଖ' ଓ ଅଭିଭାଷଣଧର୍ମୀ 'ଛାତ୍ରଜୀବନର ଦାୟିତ୍ୱ', 'ବାରିପଦା ସାହିତ୍ୟ ସମାଜରେ ଉଦ୍‌ବୋଧନ', 'ପ୍ରାଥମିକ ଓ ମଧ୍ୟବିଦ୍ୟାଳୟ ଶିକ୍ଷକ ସମ୍ମିଳନୀରେ ଶିକ୍ଷାପ୍ରଣାଳୀ ପରିବର୍ତ୍ତନ ସମ୍ବନ୍ଧୀୟ ମନ୍ତବ୍ୟ' ଆଦି ତାଙ୍କର ପ୍ରକାଶିତ ପ୍ରବନ୍ଧ ଗୁଡ଼ିକର ବ୍ୟାବହାରିକ ଉପଯୋଗିତା ଏବେ ମଧ୍ୟ ଅକ୍ଷୁଣ୍ଣ । ଲୋକ ପ୍ରଚଳିତ ଢ଼ଗ, ପ୍ରବାଦ, କାହାଣୀ, ନୀତିବାଣୀର ବ୍ୟାପକ ପ୍ରୟୋଗ ଯୋଗୁଁ ତାଙ୍କର ପ୍ରବନ୍ଧ ଗୁଡ଼ିକ ସରସ ଓ ସେଥିପାଇଁ ସୁଖ ପାଠ୍ୟ ।

ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ଡିଗ୍ରୀପ୍ରାପ୍ତି ପରେ ଗୋଦାବରୀଶ ତାଙ୍କର ନିର୍ଦ୍ଦିଷ୍ଟ କର୍ମଜୀବନ ଆରମ୍ଭ କରିଥିଲେ ଶିକ୍ଷକତାରୁ । ଶିକ୍ଷକତା ପ୍ରତି ତାଙ୍କର ନିଷ୍ଠା ଓ ଆକର୍ଷଣ ତାଙ୍କୁ ଉଚ୍ଚକୋଟୀର ଶିକ୍ଷକ ଭାବରେ ଉଭୟ ଛାତ୍ର ଓ ଜନସମାଜରେ ପ୍ରସିଦ୍ଧି ଆଣି ଦେଇଥିଲା । ସେ କଲିକତା ବିଶ୍ୱବିଦ୍ୟାଳୟର ବି.ଟି (ଶିକ୍ଷକ ଟ୍ରେନିଂ) ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଉତ୍ତୀର୍ଣ୍ଣ ହୋଇଥିଲେ । ସେ ରାଜନୀତିର ଘୂର୍ଣ୍ଣାବର୍ତ୍ତରେ ଆନ୍ଦୋଳିତ ହେଲେହେଁ ଶିକ୍ଷାପ୍ରତି ତାଙ୍କର ମନୋଯୋଗ ଖଣ୍ଡିତ ହୋଇ ନ ଥିଲା । ଅନ୍ୟୂନ ଚାଳିଶି ବର୍ଷ ଧରି ରାଧାନାଥ-ମଧୁସୂଦନ ପ୍ରବର୍ତ୍ତିତ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ବିଦ୍ୟାଳୟର ବିଭିନ୍ନ ସ୍ତରରେ ପ୍ରଚଳିତ ହୋଇ ଆସିବା ପରେ ଯଥାଯଥ ପରିବର୍ତ୍ତନ ଓ

ସଂଶୋଧନ ଅଭାବରୁ ସେଗୁଡ଼ିକ ଉପଯୋଗିତା ହରାଇ ଥିବା ଲକ୍ଷ୍ୟ କରାଯାଇ ଥିଲା । ନୂତନ ପାଠ୍ୟକ୍ରମ ଅନୁଯାୟୀ ଜ୍ଞାନବିଜ୍ଞାନ ସଂବଳିତ ଯୁଗୋପଯୋଗୀ ପାଠ୍ୟ ପୁସ୍ତକ ରଚନାର ଆବଶ୍ୟକତା ଅନୁଭୂତ ହେଲାବେଳେ ଗୋଦାବରୀଶ ଏ ଦିଗରେ ଲେଖନୀ ଚାଳନା କରିଥିଲେ । ୧୯୨୬ ରୁ ୧୯୫୬ ପର୍ଯ୍ୟନ୍ତ ଶିଶୁ ଓ କିଶୋର ମାନଙ୍କ ପାଇଁ ସେ ପାଠ୍ୟପୁସ୍ତକ ଲେଖି ଆସୁଥିଲେ । ଏଥିରେ ପ୍ରବନ୍ଧ, ଗଳ୍ପ, କବିତା ଓ ଜୀବନୀ ସ୍ଥାନ ପାଇଥିଲା ! ତାଙ୍କ ପ୍ରଣୀତ 'ପାଠପ୍ରବେଶ' ଓ 'ପାଠମାଳା' ପ୍ରାଥମିକ ଶ୍ରେଣୀରେ ପ୍ରଚଳିତ ହୋଇଥିଲା । 'ରାମାୟଣ କଥା', 'ମହାଭାରତ କଥା', 'ପଞ୍ଚବୀର', 'ପିଲାଙ୍କ କାହିଁକି', 'ଭୌଗୋଳିକ କାହାଣୀ' ଅଧ୍ୟାୟୀଙ୍କ ଲାଗି ଉପଯୋଗୀ ବିବେଚିତ ହୋଇଥିଲା । ତାଙ୍କର ହାସ୍ୟ ରସାତ୍ମକ ଗଦ୍ୟ ଟିପ୍ପଣୀ ସଂବଳିତ 'ଚଟଣି' ଆବାଳବୃଦ୍ଧବନିତାଙ୍କ ଦ୍ୱାରା ଆଦୃତ ହୋଇଥିଲା । ମାଗୁଣି, ଉଆସ, ପାଟପତନି, ପାରିଧି, ପନ୍ଥା, ବୈରେଖ, ଥିର, ବଇଦ, ରୂପବନ୍ତୀ ପ୍ରଭୃତି ପାରଂପରିକ କୋମଳ ଶବ୍ଦାବଳୀର ପ୍ରୟୋଗ ଯୋଗୁଁ ତାଙ୍କ ରଚନା ଏକାନ୍ତ ଉପାଦେୟ ହୋଇଥିଲା ।

୧୯୫୧ରେ ରଚିତ ଓ ୧୯୫୮ରେ ପ୍ରକାଶିତ ଗୋଦାବରୀଶଙ୍କ ଆତ୍ମଜୀବନୀ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ' ମରଣୋତ୍ତର କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାରପ୍ରାପ୍ତ । ସର୍ବାଧିକ ପ୍ରସାର ଓ ଆଦର ଲାଭ କରିଥିବା ଆତ୍ମଜୀବନୀ ଗ୍ରନ୍ଥ ଭାବରେ ଫକୀର ମୋହନଙ୍କ 'ଆତ୍ମଜୀବନ ଚରିତ' ପରେ ଏହାର ସ୍ଥାନ ରହି ଆସିଛି । ରାଜନୈତିକ ଜୀବନର ବ୍ୟସ୍ତତା ଓ ବିଶେଷକରି ସୀମା ଆନ୍ଦୋଳନ ସମସ୍ୟାରେ ଜଡ଼ିତ ରହିବା ଯୋଗୁଁ ସେ ମୂଳ ପରିଯୋଜନା ଅନୁଯାୟୀ ସମୁଦାୟ ଗ୍ରନ୍ଥଟିକୁ ଲେଖି ଯାଇ ପାରି ନାହାନ୍ତି । ମାତ୍ର ୧୯୩୬ ମସିହା ପୂର୍ବ ୧୯୨୩ ପର୍ଯ୍ୟନ୍ତ ତାଙ୍କ ଜୀବନର ଘଟଣା ପ୍ରବାହକୁ ସେ ଏଥିରେ ଲିପିବଦ୍ଧ କରିଛନ୍ତି । ପ୍ରଥମ ଭାଗର ଏଗାରଟି ଅଧ୍ୟାୟ ଓ ଦ୍ୱିତୀୟ ଭାଗରେ ଚାଳିଶିଟି ଅଧ୍ୟାୟର ଶୀର୍ଷକ ସେ ସ୍ୱହସ୍ତରେ ନିରୂପଣ କରିଯାଇଛନ୍ତି । ଯେତିକି ବିଷୟ ଉକ୍ତ ଗ୍ରନ୍ଥଟିରେ ସନ୍ନିବେଶିତ ହୋଇଛି, ସେଥିରୁ ସମକାଳୀନ ଓଡିଶାର ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ଦୃଶ୍ୟପଟ ସମ୍ବନ୍ଧରେ ଏକ ସ୍ପଷ୍ଟ ଓ ପରିଚ୍ଛନ୍ନ ଧାରଣା କରି ହୁଏ । ସତ୍ୟ ଘଟିତ ଘଟଣା, ବାସ୍ତବ ଜୀବନର ଦୁଃଖ ଓ ଅବସାଦ, ବ୍ୟକ୍ତି ବିଶେଷଙ୍କର କୃତିତ୍ୱ ଓ ମହତ୍ତ୍ୱକୁ ଏ ଗ୍ରନ୍ଥଟିରେ ଏଭଳି ବ୍ୟକ୍ତ କରାଯାଇଛି, ଯାହାକୁ ବାରମ୍ବାର ପାଠ କଲେ ମଧ୍ୟ କ୍ଲାନ୍ତି ଆସେ ନାହିଁ । ଗ୍ରନ୍ଥଟି ପୂର୍ଣ୍ଣାଙ୍ଗ ହୋଇଥିଲେ କେତେ ଅଜଣା ତଥ୍ୟ ଲୋକଲୋଚନକୁ ଆସିଥାନ୍ତା, ଯାହା ଲିପିବଦ୍ଧ ହୋଇଥିଲେ ଗୋଦାବରୀଶ-ଲେଖନୀର ସମ୍ମୋହନକରୀ ବୈଚିତ୍ର୍ୟ ଅଧିକତର ଉପଲବ୍ଧ ହୋଇଥାନ୍ତା, ତାହା ହେଲା ନାହିଁ ; କାଳ ସହିଲା ନାହିଁ ।

ସାହିତ୍ୟସ୍ରଷ୍ଟା ଗୋଦାବରୀଶ ପ୍ରତିଭାଶାଳୀ ଥିଲେ । ପ୍ରତିଭା ସହ ସାଧନାର ମଣିକାଞ୍ଚନ ସଂଯୋଗ ତାଙ୍କଠାରେ ଘଟିଥିଲା । ସେ ଦେଶସେବା ମୂଳକ ରାଜନୀତି କ୍ଷେତ୍ରରେ ବିଶେଷ ଜଡ଼ିତ ଥିଲେ । ଦେଶ ବା ବ୍ୟକ୍ତିଙ୍କ କ୍ଷେତ୍ରରେ ଯାହା ହେଉ ବୋଲି ସେ ଚାହୁଁଥିଲେ, ତାହା ଥିଲା ସହଯୋଗ ସାପେକ୍ଷ । ମାତ୍ର ଥରେ ଆଦର୍ଶ ନିର୍ଦ୍ଦିଷ୍ଟ ହେଲେ

ସେଥିରେ ଦୃଢ଼ରହିବା ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ । ସେ ସେଥିପାଇଁ ନିଜର ପରିକଳ୍ପନା ଓ ପ୍ରତ୍ୟାଶାକୁ ସାହିତ୍ୟ ରଚନାରେ ପ୍ରକାଶ କରିବାକୁ ଶ୍ରେୟ ଜ୍ଞାନ କରିଥିଲେ ।

ଗୋଦାବରୀଶଙ୍କ ଲେଖନୀ ବହୁସ୍ରାବୀ । ତାଙ୍କର ସମୁଦାୟ ରଚନା ସମ୍ଭାର ଚାରିଟି କ୍ରାଉନକ୍ୱାର୍ଟୋ (Crown Quarto) ର ୨୯୨୩ ପୃଷ୍ଠା ସଂବଳିତ ଚାରିଗୋଟି ଗ୍ରନ୍ଥାବଳୀରେ ପ୍ରକାଶିତ । କଟକ ଷ୍ଟୁଡେଣ୍ଟ୍‌ଷ୍ଟୋର୍‌ର ସ୍ୱତ୍ୱାଧିକାରୀ ସ୍ୱର୍ଗତ ଅନନ୍ତମିଶ୍ର ଏହାର ପ୍ରକାଶକ । ଗ୍ରନ୍ଥାବଳୀ ମାନଂକର ସଂପାଦନା କରି ଯାଇଛନ୍ତି ଗୋଦାବରୀଶଙ୍କର ଜ୍ୟେଷ୍ଠପୁତ୍ର ସ୍ୱର୍ଗତ ପଣ୍ଡିତ ରଘୁନାଥ ମିଶ୍ର । ପତ୍ର, ପତ୍ରିକା ମାନଙ୍କରେ ଏବଂ ସ୍ୱତନ୍ତ୍ର ପୁସ୍ତକ ଭାବରେ ଗୋଦାବରୀଶଙ୍କର ପ୍ରକାଶିତ ରଚନାବଳୀ ଓ ତାଙ୍କର ଚିଠିପତ୍ର ଚାରିଖଣ୍ଡ —

(୧ମ ଖଣ୍ଡ - ୬୪୨ ପୃଷ୍ଠା, ୨ୟ ଖଣ୍ଡ - ୮୪୦ ପୃଷ୍ଠା, ୩ୟ ଖଣ୍ଡ - ୮୯୫ ପୃଷ୍ଠା ଓ ୪ର୍ଥ ଖଣ୍ଡ - ୫୪୬ ପୃଷ୍ଠା) ଗ୍ରନ୍ଥରେ ଉପଲବ୍ଧ ହେଉଛି ।

# ଦେଶପ୍ରେମର ଉଜ୍ଜ୍ୱଳ ଆଲୋକ ସ୍ତମ୍ଭ

ମାତୃଭୂମି, ମାତୃଭାଷା ଓ ଏହି ଭାଷାଭାଷୀ ତଥା ଦେଶବାସୀଙ୍କୁ ସମସ୍ତ ମନପ୍ରାଣ ଦେଇ ଭଲ ପାଇଥିବା ଓଡ଼ିଶାର ମୁଷ୍ଟିମେୟ ଜନନାୟକଙ୍କ ମଧ୍ୟରେ ଗୋଦାବରୀଶ ମିଶ୍ର ଅନ୍ୟତମ । ଯୌବନ କାଳରୁ ଜୀବନର ସ୍ୱପ୍ନ, ଆଦର୍ଶ ଓ ସାଧନାକୁ ସେ ସ୍ୱଦେଶର ହିତ ସାଧନାରେ ନିୟୋଜିତ କରିଥିଲେ । ବ୍ୟକ୍ତିଗତ ଉଚ୍ଚାକାଂକ୍ଷାକୁ ଜାତି ପୀଠରେ ବଳି ଦେଇଥିଲେ । ଉତ୍କଟ ଅର୍ଥାଭାବ, ପ୍ରଚଣ୍ଡ ବିରୋଧ, ପ୍ରତିକୂଳ ସମାଲୋଚନା, ତାଙ୍କୁ ଦେଶସେବାର ଯଜ୍ଞପୀଠରୁ ଅପସାରିତ କରିପାରି ନଥିଲା । ଦୁଃସ୍ଥ, ଦୁର୍ବଳ, କୁସଂସ୍କାରଗ୍ରସ୍ତ ଦେଶବାସୀଙ୍କୁରଚନ ଓ ବଚନରେ ଶକ୍ତି ଓ ସାହସ ଯୋଗାଇବାରେ ସେ କେବେହେଲେ କ୍ଳାନ୍ତି ବୋଧ କରି ନଥିଲେ ।

ଜୀବନ ବିକାଶର ସମସ୍ତ ଦିଗ ଯେତେବେଳେ ଥିଲା ଅନ୍ଧକାରାଚ୍ଛନ୍ନ, ସମଗ୍ର ଦେଶ ଯେତେବେଳେ ପରାଧୀନତାର ଶୃଂଖଳରେ ଥିଲା ଆବଦ୍ଧ, ବ୍ୟକ୍ତି ସ୍ୱାଧୀନତାର ନବାରୁଣ ଯେତେବେଳେ ଥିଲା ଅସ୍ପଷ୍ଟ, ସେତିକି ବେଳେ ଗୋଦାବରୀଶ ଆସିଥିଲେ କର୍ମ କ୍ଷେତ୍ରକୁ । ସ୍ୱପ୍ନ ଥିଲା ଅସୀମ, ଆଦର୍ଶ ଥିଲା ଅପହଞ୍ଚ ଓ କର୍ମ ପ୍ରେରଣା ଥିଲା ଅସ୍ୱଚ୍ଛ । ଛାତ୍ରାବସ୍ଥାରେ ନୀଳକଂଠ ଦାସଙ୍କ ସଖା ରୂପେ, ଚନ୍ଦ୍ରମୋହନ ମହାରଣାଙ୍କୁ ଶିକ୍ଷକ ଭାବେ, ଶଶି ଭୂଷଣ ଦାସଗୁପ୍ତଙ୍କୁ ପଥପ୍ରଦର୍ଶକ ଓ ଗୋପବଂଧୁ ଦାସଙ୍କୁ ଆଦର୍ଶ ବ୍ୟକ୍ତି ଭାବରେ ଗ୍ରହଣ କରି ଗୋଦାବରୀଶ ସାହିତ୍ୟ, ରାଜନୀତି ଓ ସମାଜ ସେବାରେ ଆଭିମୁଖ୍ୟ ବରଣ କରିଥିଲେ । ସ୍ୱଦେଶ ଓ ସ୍ୱଜାତିର ଅଭ୍ୟୁତ୍‌ଥାନ ପାଇଁ ସେ ମଧ୍ୟ ସଂକଳ୍ପବଦ୍ଧ ହୋଇଥିଲେ । ଉଚ୍ଚ ଶିକ୍ଷାପ୍ରାପ୍ତ ତାଙ୍କର ସମକାଳୀନ ଛାତ୍ରବନ୍ଧୁଗଣ ପଲ୍ଲୀକବି ନନ୍ଦକିଶୋରଙ୍କ ଭାଷାରେ 'କମଳା-ସୁଖ-ସୌଧକୁ ଗମନ କରିଥିଲେହେଁ ଗୋଦାବରୀଶ 'କବୀନ୍ଦ୍ର ବନ୍ଦିତା'ଙ୍କର 'ଦରିଦ୍ର କୁଟୀରରେ ଜୀବନ ଯାପିବାକୁ' ଶ୍ରେୟସ୍କର ମଣିଥିଲେ । ସେଥିଲେ ଦୃଢ଼ମନା । ଦେଶ ସେବାର ଅନିଶ୍ଚିତ ଓ ବନ୍ଧୁର ପଥରେ ସେ ପାଦ ଥାପିଥିଲେ ସେତିକିବେଳେ ଯେତେବେଳେ ତାଙ୍କର ଆର୍ଥିକ ଦାରିଦ୍ର୍ୟ ଥିଲା ଅତଳସ୍ପର୍ଶୀ ।

ଗୁଣଗ୍ରାହୀ ଛାତ୍ର, ସହଚର ଓ ବନ୍ଧୁମେଳରେ ବୃକ୍ଷ ପାଦପ ଘେରା ବକୁଳ କୁଂଜର ସେ ମଧୁର କର୍ମମୁଖର ଜୀବନକୁ ଦୂରରେ ରଖି ସେ ଯାଇଥଲେ ଉପାନ୍ତ ଅଞ୍ଚଳ ସିଂହଭୂମିକୁ । ତାହା ଥିଲା ଏକ ଦୁରନ୍ତ ଆହ୍ୱାନ । ସେଠାରେ ଓଡ଼ିଆଭାଷାଭାଷୀ ସଂଖ୍ୟାରେ ଅଧିକ ଥିଲେହେଁ ନେତୃତ୍ୱ ଅଭାବରୁ ଥିଲେ ଅସଂଗଠିତ । ଅନ୍ୟ ଭାଷାଭାଷୀମାନଙ୍କର ପ୍ରାଧାନ୍ୟ କ୍ରମଶଃ ବଳବତ୍ତର ହେଉଥିଲା । ସେଥିଯୋଗୁଁ ସେଠାରେ ଗୋଦାବରୀଶଙ୍କର ଦାୟିତ୍ୱଭାର ଯଥେଷ୍ଟ ଅଧିକ ଥିଲା । ଜାତୀୟ ବିଦ୍ୟାଳୟ ପରିଚାଳନା, ଶିକ୍ଷାଦାନ, ଓଡ଼ିଆ ଭାଷା-ସାହିତ୍ୟର ପ୍ରସାର, ଓଡ଼ିଆ ସଂଗଠନର ଦୃଢ଼ୀକରଣ ସହିତ କଂଗ୍ରେସର ଆଦର୍ଶ ଓ ମହାତ୍ମାଗାନ୍ଧିଙ୍କ ବାର୍ତ୍ତାର ପ୍ରଚାର ମାଧମରେ ସ୍ୱାଧୀନତା ଆନ୍ଦୋଳନକୁ ଆଗେଇ ନେବାରେ ତାଙ୍କୁ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ପଡ଼ିଥିଲା । ଅପନ୍ତରା ବିଲମାଳ ଦେଇ ଜ୍ୱରାକ୍ରାନ୍ତ

ଅବସ୍ଥାରେ ସେ କେତେବେଳେ ସାଇକେଲ୍‌ରେ କେତେବେଳ ଚାଲିଚାଲି ଦୂରବର୍ତ୍ତୀ ସ୍ଥାନମାନଙ୍କୁ ଯାଇ ଜନସାଧାରଣଙ୍କୁ ମୁକ୍ତିର ବାଣୀ ଶୁଣାଇଥିଲେ । ସେ ସେଠାରେ ଉତ୍କଳ ସମ୍ମିଳନୀ କରାଇଥିଲେ । କଂଗ୍ରେସ ଅଧିବେଶନକୁ ସିଂହଭୂମିର ପ୍ରତିନିଧି ଭାବରେ ଓଡ଼ିଆ ସଭ୍ୟଙ୍କୁ ପ୍ରେରଣ କରିଥିଲେ । ଇଂରେଜ ସରକାରର ଦମନ ଓ ଭେଦ ନୀତି ଯୋଗୁଁ ସେ ନାନା ସଙ୍କଟର ସମ୍ମୁଖୀନ ହୋଇଥିଲେ । କିଛଦିନ ସପରିବାର ଉପବାସ କଷ୍ଟ ଭୋଗିବା ପରେ ସେ ଫେରିଥିଲେ ଜନ୍ମସ୍ଥଳୀ ବାଣପୁରକୁ । ଅନୁନ୍ନତ ବାଣପୁରକୁ ଶିକ୍ଷା, ଶିଳ୍ପ ଓ କୃଷି କ୍ଷେତ୍ରରେ, ସହଯୋଗ ମାଧ୍ୟମରେ, ଦାରିଦ୍ର୍ୟମୁକ୍ତ କରିବାର ପ୍ରଗାଢ଼ ଉଦ୍ୟମ ଇଂରେଜ ସରକାରଙ୍କର ଚକ୍ଷୁଶୂଳ ହେବାରୁ ସେ ଜେଲ୍ ଗଲେ । ନିର୍ଦ୍ଦୋଷରେ ଖଲାସ ହେଲେ । ୧୯୨୪ରୁ ୧୯୩୬ ପର୍ଯ୍ୟନ୍ତ ବିହାର-ଓଡ଼ିଶା ବିଧାନ ପରିଷଦର ସଭ୍ୟ ଭାବରେ ସେ ପ୍ରଶଂସନୀୟ କୁଶଳତା ପ୍ରଦର୍ଶନ କରିଥିଲେ । ୧୯୨୮ରେ ଓଡ଼ିଶାର ସର୍ବମାନ୍ୟ ନେତା ଉତ୍କଳମଣି ଗୋପବଂଧୁ ଦାସଙ୍କର ଅକାଳ ବିୟୋଗ ଯେଉଁ ଶୂନ୍ୟ ସ୍ଥାନ ସୃଷ୍ଟି କରିଥିଲା, ତାକୁ ଯଥାସାଧ ପୂରଣ କରିଥିଲେ ପଣ୍ଡିତ ନୀଳକଂଠ ଓ ପଣ୍ଡିତ ଗୋଦାବରୀଶ ।

ସୁଦୀର୍ଘ ସଂଗ୍ରାମ ଓ ପ୍ରତୀକ୍ଷାର ଅନ୍ତଃ ଘଟାଇ ୧୯୩୬ ଏପ୍ରିଲ୍ ପହିଲାରେ ଓଡ଼ିଶା ବିହାରଠାରୁ ଅଲଗା ହେଲା ; ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା । ସ୍ୱତନ୍ତ୍ର ପ୍ରଦେଶ ଲାଗି ଅନେକ ସ୍ୱତନ୍ତ ବ୍ୟବସ୍ଥା ଜରୁରୀ ଥିଲା । ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟବିଚାର ଆଦି କ୍ଷେତ୍ରରେ ଓଡ଼ିଶାକୁ ସ୍ୱୟଂ ସଂପୂର୍ଣ୍ଣ କରିବାର ଲକ୍ଷ୍ୟ ନେଇ ସେ ରାଜନୈତିକ କର୍ମକ୍ଷେତ୍ରରେ ସକ୍ରିୟ ଭୂମିକା ବରଣ କରିଥିଲେ । ଯାବତୀୟ ନିନ୍ଦା ଓ କୁତ୍ସା ରଟନାକୁ ଭ୍ରୁକ୍ଷେପ ନ କରି ସେ ପାରଳା ମହାରାଜାଙ୍କ ମନ୍ତ୍ରୀମଣ୍ଡଳରେ ଯୋଗ ଦେଇଥିଲେ । ସେହି ଦୁଇବର୍ଷ ସାତ ମାସର ମନ୍ତ୍ରୀତ୍ୱ କାଳରେ ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ ଓ ଉନ୍ନୟନ କାର୍ଯ୍ୟକ୍ରମର ଯେଉଁ ସୁଦୃଢ଼ ଭିତ୍ତି ସେ ନିର୍ମାଣ କରିଥିଲେ ପରବର୍ତ୍ତୀ କାଳରେ ତଦ୍ୱାର ଓଡ଼ିଶାର ଉନ୍ନତିର ପଥ ସୁଗମ ହୋଇଥିଲା ।

ଦୀର୍ଘ ରାଜନୈତିକ ଜୀବନରେ ଗୋଦାବରୀଶ ଅନ୍ୟାୟ ଅତ୍ୟାଚାରର ବିରୋଧ କରିଥିଲେ, ଇଂରେଜ ସରକାରର ଦମନ ଲୀଳା ଅଙ୍ଗରେ ଲିଭାଇଥିଲେ ; କେବେ ଭାଙ୍ଗି ପଡ଼ି ନ ଥିଲେ । ପ୍ରାଦେଶିକ ସୀମା ପୁନର୍ଗଠନ କମିଶନ୍‌ଙ୍କର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ଓଡ଼ିଶାର ସୀମା-ସଂକୋଚନ ତାଙ୍କୁ ପ୍ରବଳ ବାଧି ଥିଲା । ସୀମା କମିଶନ୍‌ଙ୍କ ରିପୋର୍ଟ ଓଡ଼ିଶା ବିଧାନ ସଭାରେ ଉପସ୍ଥାପିତ ଓ ଆଲୋଚିତ ହେଲାବେଳେ ବିରୋଧୀଦଳର ନେତା ଥିଲେ ଗୋଦାବରୀଶ । ସେ ଏହାର ଦୃଢ଼ ବିରୋଧ କରି ବହୁ ଅକାଟ୍ୟ ଓ ଉପାଦେୟ ଯୁକ୍ତି ବାଢ଼ିଥିଲେ । ଏହାର ପ୍ରତିବାଦରେ ବିଧାନ ସଭାର ସମସ୍ତ ସଭ୍ୟ ଇସ୍ତଫା ଦିଅନ୍ତୁ ବୋଲି ସେ ପ୍ରସ୍ତାବ ରଖିଥିଲେ (ନଭେମ୍ବର ୨୬ ଓ ୨୮, ୧୯୫୫) । ସମଗ୍ର ଓଡ଼ିଶାରେ ପ୍ରତିବାଦର ଧ୍ୱନି ଜାଗି ଉଠିଥିଲା । ବିଶାଳ ଜନସମାବେଶରେ ସେ ଜନସାଧାରଣଙ୍କୁ କମିଶନଙ୍କର ଅବିଚାର ବିଷୟରେ ଅବଗତ କରାଇ ନ୍ୟାୟ ଲୋଡ଼ିଥିଲେ । ୧୪୪ ଧାରା ଭଙ୍ଗ ଅଭିଯୋଗରେ ତାଙ୍କୁ ଜେଲ୍‌ରେ ରଖା ଯାଇଥିଲା । ସେଠାରୁ ସେ ଘରକୁ ନଫେରି ମହାପଥର ଯାତ୍ରୀ ହେଲେ ।

ଗୋଦାବରୀଶ ପୁଣ୍ୟପୁରୁଷ । ସେ ଦେଶପ୍ରେମର ପ୍ରୋଜ୍ଜ୍ୱଳ ପ୍ରତିଛବି । ଆଜିବି ଉତ୍କଳବାସୀଙ୍କ ହୃଦୟରେ ଜାତୀୟତା ବୋଧର ଜାଗରଣ ତୋଳିଥାଏ ତାଙ୍କର 'ଉଦ୍‌ବୋଧନ' । ସମବେତ କଣ୍ଠରେ ସ୍କୁଲ୍ କଲେଜର ସଭାମଞ୍ଚମାନଙ୍କରୁ, ଆକାଶବାଣୀ ଓ ଦୂରଦର୍ଶନରୁ ଉଦାତ୍ତ ସ୍ୱର ଝଂକାରରେ ଏବେବି ବାଜି ଉଠେ :

''ତୁଙ୍ଗ ଶିଖରୀ ଚୂଳ　　କୁଂଜ କାନନ ମାଳ
ପୁଣ୍ୟ ଜଳଧିଜଳ　　ଖେଳ ଉଠ ସଘନେ ।
ପ୍ରାଚୀ ଗଗନ ଶିରେ　　ଭାସି କନକ ନୀରେ
ଆସ ତପନ ଉଇଁ　　ଏ ଉତ୍କଳ ଭୁବନେ । (ଘୋଷା)

* * * * * * * * * * * * * * *

ଆହା ଏ ଉତ୍କଳ କିବା ସରଗଭୂମି
ବିଲବନ ଶୈଳ ସିନ୍ଧୁ　　ସୁଷମା ଘେନି
ଜନମି. ଏ ଦେଶେ ଆଜି ଏ ଜନନୀ କୋଳେ ରାଜି
ଧନ୍ୟକୋଟି ନରନାରୀ
　　ମର ନର ଜୀବନେ ।୨।''

# ନିଦର୍ଶନ

[ ଗୋଦବରୀଶ ସାହିତ୍ୟ କୃତିର କିୟଦଂଶ ]

[ ୧ ]

ତୁହିତ ମା ସ୍ୱର୍ଣ୍ଣପ୍ରସୂ ଭାରତ ଧରଣୀ
ଜଗତ ଅନନ୍ତ ପଥେ ଫେଡ଼ିବୁ ସରଣୀ
ନେବୁ ଏ ବିଶ୍ୱେ ଚଳାଇ
ଜୀବନ ଅନ୍ତିମ ଲକ୍ଷ୍ୟେ ଆଗଭର ହୋଇ ।

ଭାରତ ପାବନ ବାନା ଉଡ଼ିବ ସଂସାରେ
ଭୋକୀ ରଙ୍କୀ ରୋଗୀ ଦୀନ ପତିତ ଉଦ୍ଧାରେ
ସ୍ୱର୍ଗ ଅମର ପୀୟୁଷେ
ଭାସିବେ ଏ ମରଧାମେ ମାନବେ ଉଲ୍ଲାସେ । ['ମାଗୁଣି' - କୁସୁମ]

[ ୨ ]

ତରୁଲତା କୁଂଜେ ବସିଛି ଧୀରେ ମୁଁ
ଆନ ତରୁଲତା ପରି
ତରୁଲତା ଅଙ୍କୁ ପଡୁଛି ମୋ ଅଙ୍ଗେ
ମଉନେ କୁସୁମ ଝଡ଼ି ।

* * * * * * * * * * * * * * * *

ପଲ୍ଲବ ଉଢ଼ାଳେ ସୁଖେ ଗାଉଥିବା
ପିକ ପଞ୍ଚମକୁ ଜିଣି
ଶିଶୁ କଣ୍ଠରୋଳେ ଭାରିତ ହୁଅଇ
ଏ ଚାରୁ କାନନ ଭୂମି ।
ଏ ମଧୁ ମିଳନେ ଲଭେ ମୁଁ ତ ମୋର
ପରାଣ ପରଶ ଧନ
ଆନ ଦେଶେ କାହିଁ ଯିବି ମୁଁ ଜୀବନେ
ତେଜି ଏ ବକୁଳ ବନ ? ['ବକୁଳବନ' - କିଶଳୟ]

[ ୩ ]

[ ବାଲେଶ୍ୱରର ମଲ୍ଲୀକାଶପୁଠାରେ ବ୍ୟାସକବି ଫକୀର ମୋହନଙ୍କର ସ୍ୱହସ୍ତ ରୋପିତ ଖୁଣ୍ଟାଗଛ ମାନଂକୁ ଦେଖି ଗୋଦାବରୀଶ ପ୍ରଶ୍ନୋତ୍ତର ଛଳରେ ଲେଖିଥିବା ଫକୀରମାହନଙ୍କ ଉତ୍ତର ]

* * * * * * * * * * * * * * *

ବସି ଏଥି ଉପବନେ ମାଟିମୂର୍ତ୍ତି ସମ
ସାରା ଜଗତର ଶିରୀ କରେ ମୁଁ ଗ୍ରହଣ ।
ଯେତିକି ମୁଁ ପ୍ରାଣେ ତହୁଁ ପାରିଛି ସଂପାଦି
ସେତିକିରେ ବିରଚିଛି ଜୀବନର ଆଧି ।
ସେ ଆଧି ସଂଯୋଗେ ମୋର ଫିଟିଅଛି ନେତ୍ର
ଏ କ୍ଷୁଦ୍ର ଜୀବନେ ଦେଖେ ମୁଁ ବିଶାଳ କ୍ଷେତ୍ର ।
ସେ କ୍ଷେତ୍ରେ ନାହିଁ ମୋ ଲବେ ବଡ଼, ସାନ ଭେଦ
ନାହିଁ ମଧୁ ତିକ୍ତ କିଛି ନାହିଁ ହର୍ଷ ଖେଦ ।
ଏତିକି ସଂସାରେ ଯେବେ ପାଇପାରେ ନର
ଏତହୁଁ ଅଧିକ କିବା ଖୋଜିବ ଆବର ?

['କବି-ଉପବନ' - କିଶଳୟ]

[ ୪ ]

''ଭଲକରି ନାଆ ବୁହାରେ ନାଉରି,
ଝିଅକୁ ମାଡୁଛି ଡର

ଏତେ କାଳେ ଜାଇ ନାଆରେ ବସିଛି
ଯିବ ବୋଲି ଶାଶୁଘର ।''
ଭଲକରି ନାଆ ବୋହୁଛି ନାଉରି
ଭିଡ଼ି ମାରୁଅଛି କାତ ;
ସୁଲୁ ସୁଲୁ ବାଆ ବୋହି ଆସୁଛି ଲୋ ।
ଜଣା ନପଡ଼ଇ ବାଟ ।

* * * * * * * * * * * * * * *

''ଭଲ କରି ବେଗେ ବୁହା, ରେ ନାଉରି
ନାଆ ହେଲା ଟଳମଳ ;
ବରଷା ବତାସି ଗରଜି ଆସୁଛି
ଝିଅକୁ ମାଡୁଛି ଡର ।''

ବରଷାବତାସି ଗରଜି ଆସିଲା
ନାଆ ନୁହେ ଥୟ କରି ;
ଏକା ପବନକେ ପାହାଡ଼େ ଯାଇ ଲୋ
ପିଟି ହୋଇଗଲା ବୂରି ।

* * * * * * * * * * * * * * * *

ଚିଲିକା ପାଣିରେ ଦୋଳୁଛି ଲହରୀ
ବୋହୁଛି ଶୀତଳ ବାଆ
ସୋରି ସୋରି ଖରା ଢଳି ଯାଇଛି ଲୋ
ଖେଳୁଛି ସହସ୍ର ନାଆ ।
ପାହାଡ଼ ଚଢ଼େଇ ଉଡୁଅଛି ରାବି
ମନେ କି ଅଛି ତା ଧୋକା
ପାଣିତଳେ ଛାଇ ବୁଲି ଯାଉଛି ଲୋ
ଛାଇଟି ନାହିଁଛି ଏକା । ['କାଳିଜାଇ' - ଆଲେଖ୍ୟକା]

[ ୫ ]

ମନୁ ମନ୍ୱନ୍ତର ବ୍ୟାପି ଯୁଗ ପରିବର୍ତ୍ତେ
ଭଙ୍ଗାଗଢ଼ା ଲାଗିଛି ବିଧାନେ
କେତେ ମହାଯୋଦ୍ଧା କେତେ ବିକ୍ରାନ୍ତ ନୃପତି
ଚୂର୍ଣ୍ଣଗର୍ବ ଶାୟିତ ଶ୍ମଶାନେ ।
ସେ ଶ୍ମଶାନ ଭିତ୍ତି ବକ୍ଷେ ଗଢ଼ା ଏ ସଂସାର
ଭବେ ଆଜି ଅଛି ମୁଣ୍ଡ ଟେକି
କେ କହି ପାରିବ, ଅଛି ଅଦୃଷ୍ଟ ବିଧାତା
ଭାଗ୍ୟେ ତା'ର କି ଭବିଷ୍ୟ ଲେଖି ?

* * * * * * * * * * * * * * * *

ସବୁସିନା ଯିବ, ଶକ୍ତି ରହିବ ଜୀବନ୍ତ
ବିଶ୍ୱ ପ୍ରାଣ ପଥୁ ପଥେ ଚାଲି
ନବନବ ସୃଷ୍ଟି ତହୁଁ ସମ୍ଭବିବ, ସେହି
ଭବିଷ୍ୟତ, ସେ ଆସନ୍ତା କାଲି ।
['ଆସନ୍ତା କାଲି' - ଗୀତାୟନ]

[ ୬ ]

ମୁଁ ନିଶାପାଖରୁ ଦୂରରେ ରହି ନିଜର ଭଲ କରିଛି କି ଅସାର କରିଛି, ତା ବିଚାରର ବିଷୟ । ଆଜି ବିଚାରପତି ବସାଇ ବିଚାର କରାଇଲେ, ତଳ ଅଦାଲତରେ ମୁଁ ଖଲାସ ପାଇଗଲେବି ହୁଏତ ଉପର ଅଦାଲତର ପୁନର୍ବିଚାରରେ ଦଣ୍ଡ ଭୋଗିବି । ଆମ ସର୍ବୋଚ୍ଚ ଅଦାଲତର କୌଣସି କୌଣସି ବିଚାରପତିଙ୍କୁ ଦେଖିବା ପରେ ମୋର ଏ ଧାରଣା ଜନ୍ମିଛି । ଜୀବନର ଉନ୍ନତିରେ ଦୁଇଟି ଜିନିଷ ସହାୟକ ହେଉଥିବାର ମୁଁ ଦେଖୁଛି— ଗୋଟିଏ ନିଶା ସ୍ପର୍ଶ ନକରିବା ପ୍ରତିଜ୍ଞାର ଅଭାବ, ଅପରଟି ଅଗ୍ରଗାମିନୀ ସହଧର୍ମିଣୀ । [ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋରସ୍ଥାନ-୧୯୯୬-ପୃ ୩୩-୩୪]

[ ୭ ]

ମନୁଷ୍ୟ ସ୍ୱଭାବ ଯେ ତା ମନଟା ମଛିହେଲାବେଳେ ଦହିହାଣ୍ଡି ଉପରକୁ ନହୁଣି ମେଞ୍ଚା ମେଞ୍ଚା ଭାସିଉଠିଲା ପରି, ପ୍ରଶ୍ନପରେ ପ୍ରଶ୍ନ ଗୋଟା ଗୋଟା ହୋଇ ପାଟିରୁ ବାହାରି ପଡ଼େ ।

[ଗଳ୍ପ - 'ରିକ୍‌ସାବାଲା']

[ ୮ ]

ବିଦ୍ୟାଳୟରେ ଶିକ୍ଷକଙ୍କ ଠାରୁ କାନ ମୋଡ଼ା ଖାଇ ଛାତ୍ର ମୁଣ୍ଡପୋତି ବସିଲା ପରି ଘୋଡ଼ାଟା ସ୍ଥିର ହୋଇ ଠିଆ ହେଲା, ଆଉ ବୀରତ୍ୱ ଦେଖାଇଲା ନାହିଁ ।

[ଗଳ୍ପ - 'କାଚବକ୍ସକର]

[ ୯ ]

ପୋଖରୀର ବାସି ପଦ୍ମଫୁଲ ପ୍ରଭାତରେ ଭ୍ରମରକୁ ଦେଖି ଫୁଟି ଉଠିଲା ପରି ସେ ମନର ଦୁଃଖ ଦୁର୍ଭାବନା ଲୁଚାଇ ରଖି ଟିକିଏ ହସି ଦେଲା । [ ଗଳ୍ପ - 'ବନ୍ଦୀ ]

[ ୧୦ ]

ମୁଁ ଗୋପବନ୍ଧୁଙ୍କର ସବୁଗୁଣର ଆଦର କରୁଥିଲି ; କିନ୍ତୁ ତାଙ୍କର ଗୋଟିଏ କାର୍ଯ୍ୟ ମୁଁ କେବେ ପସନ୍ଦ କରିନାହିଁ । ତାହା ଗୋଟିଏ ନିତାନ୍ତ ସାମାନ୍ୟ କାର୍ଯ୍ୟ । ସେ ଗାଧୋଇ ସାରିଲା ପରେ ପାନିଆଁରେ ମୁଣ୍ଡ କୁଣ୍ଡାଉଥିଲେ । ମୋ ମୁଣ୍ଡରେ କେବେ ତେଲହାତ କି ପାନିଆଁ ବାଜୁ ନ ଥିଲା । ତେଣୁ ମୁଁ ମନେ କରିଥିଲି ଯେ ସେ ନିଜର ଶାରୀରିକ ସୌନ୍ଦର୍ଯ୍ୟ ବଢ଼ାଇବା ଲାଗି ମୁଣ୍ଡ କୁଣ୍ଡାଇ ବାଳ ସଜାଡୁଛନ୍ତି ।

[ ଗୋପବନ୍ଧୁ ସ୍ମରଣିକା - ଗ୍ରନ୍ଥାବଳୀ-୪ର୍ଥ ଖଣ୍ଡ ପୃ: ୧୦୨ ]

[ ୧୧ ]

ଷଢ଼େଇକଳା ଓ ଖରସୁଆଁ ଚାଲିଯିବା ପାଇଁ କେବଳ ସରକାରକୁ ଦୋଷ ଦେଲେ ଚଳିବ ନାହିଁ । ସେଥି ପାଇଁ ସମଗ୍ର ଓଡ଼ିଆ ଜାତିର ମଧ ଦାୟିତ୍ୱ ଅଛି । ସରକାର ଯେତେ.ଲୋକପ୍ରିୟ ହୁଅନ୍ତୁ ପଛକେ ତାଙ୍କୁ ସର୍ବଦା ବାଡ଼ି ପକାଇ ନ ଜଗିଲେ ସେ କେଉଁ ଆଡ଼େ ଯେ ମାଡ଼ିଯିବେ, ତା'ର ସ୍ଥିରତା ନାହିଁ । * * * * * * * ଦେଶ ଯେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି, ସ୍ପଷ୍ଟ ବୁଝାଯାଉଛି । ଘରର ମୁନିବ ଶୋଇ ଘୁଙ୍ଗୁଡ଼ି ମାରୁଥିବା ବେଳେ, ଖରାପ ଚାକରମାନେ ବାହାରର ତସ୍କର ସହିତ ସଲା ହୋଇ, ତାଙ୍କ ଧନ, ସଂପତ୍ତି ପରକୁ ଦେଇ ଥାନ୍ତି । ଅତଏବ ଓଡ଼ିଆଜାତି ଶୋଇଥିଲା ବେଳେ ବିହାର ସରକାରଙ୍କ ସହିତ ବନ୍ଧୁତା ରଖିବା ଲାଗି, ଆମ ଓଡ଼ିଶା ସରକାର ଷଢ଼େଇକଳା-ଖରସୁଆଁ ରାଜ୍ୟ ଦୁଇଟି ହାତରୁ ଛାଡ଼ି ଦେବା ଆଶ୍ଚର୍ଯ୍ୟ କ'ଣ ? * * * * * * * ଓଡ଼ିଶାରେ ଆମେ ଆଗେ ଭାରତୀୟ ଓ ତା ପରେ ଓଡ଼ିଆ । ପୃଥିବୀକୁ ଯେ 'ସର୍ବସହା' ନାମ ଦିଆଯାଇଛି, ତାହା ଆମ ଓଡ଼ିଆ ଜାତି ପକ୍ଷରେ ପ୍ରଯୁଜ୍ୟ ।

[ ଷଢ଼େଇକଳା ଖରସୁଆଁ - ଗ୍ରନ୍ଥାବଳୀ-୩ୟ ଖଣ୍ଡ-ପୃ ୪୯୫-୯୬ ]

# ସହାୟକ ଗ୍ରନ୍ଥସୂଚୀ


୧ । ଗୋଦାବରୀଶ ଗ୍ରନ୍ଥାବଳୀ - ପ୍ରଥମ ଖଣ୍ଡ - କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର୍୧୯୬୮

୨ । ” ” - ଦ୍ୱିତୀୟ ଖଣ୍ଡ - ” ୧୯୮୯

୩ । ” ” - ତୃତୀୟ ଖଣ୍ଡ - ” ୧୯୬୩

୪ । ” ” - ଚତୁର୍ଥ ଖଣ୍ଡ - ” ୧୯୭୨

୫ । ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ - ଗୋଦାବରୀଶ ମିଶ୍ର - ଗ୍ରନ୍ଥମନ୍ଦିର, କଟକ - ୧୯୯୬

୬ । ସତ୍ୟବାଦୀରେ ସାତବର୍ଷ - ଚନ୍ଦ୍ରଶେଖର ମିଶ୍ର - କଟକ ଷ୍ଟୁଡେଣ୍ଟ୍ସ୍ ଷ୍ଟୋର - ୧୯୬୬

୭ । ଗଣସେବକ ଡକ୍ଟର ଗୋଦାବରୀଶ - ଡାକ୍ତର ରାଧାଚରଣ ପଣ୍ଡା, ୧୯୫୬

୮ । ପଣ୍ଡିତ ଗୋଦାବରୀଶ ମିଶ୍ର ୯୭ ତମ ଜନ୍ମତିଥି ସ୍ମରଣିକା - ରାଜ୍ୟସ୍ତରୀୟ ପଣ୍ଡିତ ଗୋଦାବରୀଶ ମିଶ୍ର ସ୍ମୃତି ସମିତି, ଭୁବନେଶ୍ୱର, ୧୯୮୨

୯ । ପଣ୍ଡିତ ଗୋଦାବରୀଶ - ରମାକାନ୍ତ ମିଶ୍ର, ୧୯୮୫

୧୦ । ଗୋଦାବରୀଶ ପରିକ୍ରମା - ଓଡ଼ିଶା ପୂଜ୍ୟପୂଜା ସଂସଦ, କଟକ, ୧୯୮୬

୧୧ । ଜାତିନିର୍ମାତାଙ୍କ ଜୀବନ-ଆଲେଖ୍ୟ-ଡକ୍ଟର ବିଦ୍ୟାଧର ମିଶ୍ର, ଗ୍ରନ୍ଥମନ୍ଦିର, ୧୯୯୯

୧୨ । Historical Facts : Proceedings held in the Orissa Legislative Assembly on the report of the States Reorganisation Commission on 26th and 28th November, 1955 – The Samaj, Cuttack, April 1, 1987.

୧୩ । Extracts of the proceedings held in the Orissa

| | | | |
|---|---|---|---|
| Legislative Assembly | – 1952, Vol-III | No. | 30 |
| do | – 1953, Vol-IV | No. | 4 |
| do | – 1954, Vol-VI | No. | 10 |
| do | – 1954, Vol-VI | No. | 5 |
| do | – 1952 Vol-I Part-I, | No. | 18 |

# ନିର୍ବାଚିତ ରଚନାବଳୀ

| | | | |
|---|---|---|---|
| ୧ । | କଳିକା | (କବିତା) | ୧୯୨୧ |
| ୨ । | କିଶଳୟ | ,, | ୧୯୨୨ |
| ୩ । | ଚୟନିକା | ,, | ୧୯୨୨ |
| ୪ । | କୁସୁମ | ,, | ୧୯୩୮ ପରବର୍ତ୍ତୀ |
| ୫ । | ଗୀତାୟନ | ,, | ୧୯୫୩ |
| ୬ । | ଗୀତିଗୁଚ୍ଛ | ,, | ୧୯୫୬ ପରବର୍ତ୍ତୀ |
| ୭ । | କବିତାୟନ | ,, | ୧୯୬୦ |
| ୮ । | ଶିଶୁକବିତା ଓ ସାହିତ୍ୟ | | ୧୯୨୬ ରୁ ୧୯୫୬ |
| ୯ । | କ୍ଷୁଦ୍ରଗଳ୍ପ ସାହିତ୍ୟ | | ୧୯୧୪ ରୁ ୧୯୬୦ |
| ୧୦ । | ଅଭାଗିନା | (ଉପନ୍ୟାସ) | ୧୯୨୨ ପରବର୍ତ୍ତୀ |
| ୧୧ । | ଘଟାନ୍ତର | ,, | ୧୯୪୬ ରୁ ୧୯୫୧ ପରବର୍ତ୍ତୀ |
| ୧୨ । | ଅଠରଶହ ସତର | ,, | |
| ୧୩ । | ନିର୍ବାସିତ | ,, | |
| ୧୪ । | ପୁରୁଷୋତ୍ତମଦେବ (ନାଟକ) | | ୧୯୧୭ |
| ୧୫ । | ମୁକୁନ୍ଦଦେବ | ,, | ୧୯୨୦ |
| ୧୬ । | ନେପୋଲିୟନ (ଜୀବନୀ) | | ୧୯୩୦ |
| ୧୭ । | ଦାସତ୍ୱ ମୋଚନ | ,, | ୧୯୩୧ |
| ୧୮ । | କଙ୍କାଳର ଆର୍ତ୍ତନାଦ (ପ୍ରବନ୍ଧ) | | ୧୯୪୬ |
| ୧୯ । | ଷଢ଼େଇକଳା ଖରସୁଆଁ | ,, | ୧୯୪୮ |
| ୨୦ । | ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ (୧୯୨୩ ପର୍ଯ୍ୟନ୍ତ ଘଟଣା ଆଧାରିତ ଅସଂପୂର୍ଣ୍ଣ ଆତ୍ମଜୀବନୀ) | | ୧୯୫୮ |

11775.7
20/12/94

ଗୋଦାବରୀଶ ମିଶ୍ର (୧୮୮୬ - ୧୯୫୬) ଦେଶପ୍ରାଣ ଜନନାୟକ ଓ ବିଶିଷ୍ଟ ସାହିତ୍ୟିକ ଭାବେ ଜନସାଧାରଣରେ ସୁପରିଚିତ । ପୁରୀଜିଲ୍ଲାର ବାଣପୁର ଅଞ୍ଚଳର ଏକ ସଂସ୍କୃତି ସଂପନ୍ନ ଦରିଦ୍ର ବ୍ରାହ୍ମଣ ପରିବାରର ସନ୍ତାନ ଗୋଦାବରୀଶ ଉତ୍କଟ ଅର୍ଥାଭାବ ସତ୍ତ୍ୱେ ଛାତ୍ରବୃତ୍ତିକୁ ସମ୍ବଳ କରି ଉଚ୍ଚତମ ଶିକ୍ଷା ସୋପାନ ଆରୋହଣ କରିଥିଲେ । ଉତ୍କଳମଣି ଗୋପବଂଧୁ ଦାସଙ୍କର ସହକର୍ମୀ, ବିହାର-ଓଡ଼ିଶା ବ୍ୟବସ୍ଥା ପରିଷଦର ନିର୍ବାଚିତ ସଦସ୍ୟ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ମନ୍ତ୍ରୀ ଓ ବିଧାୟକ ଭାବରେ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଲାଗି ତାଙ୍କର ନିଷ୍ଠାପର କର୍ମ-ସାଧନା ଅବିସ୍ମରଣୀୟ । ଶିକ୍ଷା-ସାହିତ୍ୟ-ରାଜନୀତି ମଧ୍ୟରେ ସନ୍ତୁଳନ ରକ୍ଷା କରିଥିବା ବିରଳ ବ୍ୟକ୍ତିତ୍ୱ ସଂପନ୍ନ ଗୋଦାବରୀଶ ଓଡ଼ିଆ ସାହିତ୍ୟ-କ୍ଷେତ୍ରରେ ଏକ ବନ୍ଦନୀୟ ପ୍ରତିଭା ।

ଗବେଷଣା ନିବନ୍ଧ-ଗ୍ରନ୍ଥ 'ଓଡ଼ିଆ ଗାଥାକାବ୍ୟ'ର ରଚୟିତା ଡକ୍ଟର ରବୀନ୍ଦ୍ର କୁମାର ପ୍ରହରାଜଙ୍କ ଦ୍ୱାରା ଲିଖିତ ଏହି ପୁସ୍ତକଟି ପାଠକୀୟ ଶ୍ରଦ୍ଧା ଆକର୍ଷଣ କରିବା ସବୁମନ୍ତେ ଆଶା କରାଯାଏ ।

Library IIAS, Shimla
OR 891.451 809 P 884 G
00117757

ମୂଲ୍ୟ : ୨୫ ଟଙ୍କା

ISBN : 81-260-1280-3